CMYK

- Vol.- 46, Issue No. 71
- Thursday,11 June 2026
- ଗୁରୁବାର,୧୧ ଜୁନ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com



# ମୋଦିଙ୍କ ଐତିହାସିକ କୀର୍ତ୍ତିମାନ

ନୂଆଦିଲ୍ଲୀ,୧୦।୬: ଭାରତୀୟ ଗଣତାନ୍ତ୍ରିକ ଇତିହାସରେ ଲିପିବଦ୍ଧ ହୋଇ ରହିବ ଜୁନ ୧୦ ତାରିଖ । ଭାରତର ସବୁଠାରୁ ଦୀର୍ଘ ସମୟ ଧରି ନିର୍ବାଚିତ ପ୍ରଧାନମନ୍ତ୍ରୀ ହେବାର ରେକର୍ଡ ନିଜ ନାମରେ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ପ୍ରାୟ ୬ ଦଶନ୍ଧି ପୁରୁଣା ରେକର୍ଡ ଭାଙ୍ଗିଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଜୁନ ୧୦ ତାରିଖରେ ଭାରତର ପ୍ରଧାନମନ୍ତ୍ରୀ ଭାବରେ ଲଗାତାର ୪,୩୯୯ ଦିନ ପୂରଣ କରିଛନ୍ତି। ଦେଶର ପ୍ରଥମ ଗଣତାନ୍ତ୍ରିକ ସାଧାରଣ ନିର୍ବାଚନ ପରେ ଜବାହରଲାଲ ନେହେରୁଙ୍କ ଲଗାତାର କାର୍ଯ୍ୟକାଳ ୪,୩୯୮ ଦିନ ଥିଲା । ଭାରତର ପ୍ରଧାନମନ୍ତ୍ରୀଙ୍କ ଇତିହାସ ଏବଂ ଅବଦାନକୁ ସଂରକ୍ଷଣ କରୁଥିବା ପ୍ରଧାନମନ୍ତ୍ରୀ ସଂଗ୍ରହାଳୟ ରେକର୍ଡରେ ଏହା ଏକ ଐତିହାସିକ ଏବଂ ଅଭୂତପୂର୍ବ ସଫଳତା ଭାବରେ ଲିପିବଦ୍ଧ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବେ ଦେଶର ସବୁଠାରୁ ଦୀର୍ଘ ସମୟ ଧରି ନିର୍ବାଚିତ ପ୍ରଧାନମନ୍ତ୍ରୀ ହୋଇଛନ୍ତି । ସେ ପ୍ରଥମ ଥର ପାଇଁ ୨୬ ମେ' ୨୦୧୪ରେ ପ୍ରଧାନମନ୍ତ୍ରୀ ଭାବରେ ଶପଥ ନେଇଥିଲେ ଏବଂ ସେବେଠାରୁ ଆଜି ପର୍ଯ୍ୟନ୍ତ ଲାଗାତାର ୪,୩୯୯ ଦିନ ଧରି ଏହି ପଦବୀରେ ଅଛନ୍ତି । ସବକା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସର ନାରା ଦେଇ ଦେଶବାସୀଙ୍କ ମନ ଜିଣିଛନ୍ତି ମୋଦି । ବିଭିନ୍ନ ସ୍ଥାନରେ ମୋଦିଙ୍କ ନାଁରେ ହୋଇଛି ପୂଜାପାଠ ସହ ହୋମଯଜ୍ଞ । ଏଭଳି ବିରଳ ଉପଲବ୍ଧି ପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ କ୍ୟାବିନେଟ ସହଯୋଗୀମାନେ ଠିଆ ହୋଇ ଜଣାଇଥିଲେ ଶୁଭେଚ୍ଛା ଓ ଶୁଭକାମନା । ସୋସିଆଲ ମିଡ଼ିଆରେ ପୋଷ୍ଟ ସେୟାର କରି ପ୍ରଧାନମନ୍ତ୍ରୀ ଲେଖିଛନ୍ତି, ବିନମ୍ରତା, ସର୍ମପଣ, କର୍ତ୍ତବ୍ୟନିଷ୍ଠା ସହ ନିରନ୍ତର କାମ କରୁଥିବା ବ୍ୟକ୍ତି ହିଁ ଜନବିଶ୍ୱାସ ଅର୍ଜନ କରିବାରେ ସଫଳ ହୋଇଥାଏ । ବିଜେପି ସରକାରରେ ୩ ଥରର ପ୍ରଧାନମନ୍ତ୍ରୀ । ୧୪୦ କୋଟି ଭାରତୀୟଙ୍କ ପ୍ରତିନିଧି । ୫୩ ଲକ୍ଷ କୋଟିର ଆର୍ଥିକ ବଜେଟର ପୁରୋଧା । ଗତ ୧୨ ବର୍ଷ ଭିତରେ ନିର୍ବିବାଦୀୟ ଚେହେରା ଭାବେ ଅଧିକରୁ ଅଧିକ ଜନପ୍ରିୟ ହୋଇପାରିଛନ୍ତି ନରେନ୍ଦ୍ର ମୋଦି । ସରକାର ବିରୋଧୀ ହାଓ୍ୱାକୁ ଜନମଙ୍ଗଳକାରୀ ଯୋଜନା ଜରିଆରେ ପ୍ରତିହତ କରିବାରେ ବେଶ୍ ପାରଙ୍ଗମ ପ୍ରଧାନମନ୍ତ୍ରୀ, ଯାହାଙ୍କ ଯଶ ପୂରା ବିଶ୍ୱକୁ ବ୍ୟାପିଛି । ଆନୁଷ୍ଠାନିକ ପ୍ରସ୍ତାବରେ, କେନ୍ଦ୍ର କ୍ୟାବିନେଟ ମୋଦିଙ୍କୁ ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇଛି। ଦେଶ ସେବାରେ ତାଙ୍କର 'ଅକ୍ଳାନ୍ତ କଠିନ ପରିଶ୍ରମ'କୁ ପ୍ରଶଂସା କରିଛି, ଏକ ବିକାଶିତ ଭାରତ ବିକଶିତ ଭାରତ ନିର୍ମାଣର ତାଙ୍କ ଦୃଷ୍ଟିକୋଣକୁ ସମର୍ଥନ କରିଛି ଏବଂ ତାଙ୍କ 'ସୁସ୍ୱାସ୍ଥ୍ୟ ଏବଂ ଦୀର୍ଘ ଜୀବନ' ପାଇଁ କାମନା କରିଛି।'କେନ୍ଦ୍ର କ୍ୟାବିନେଟ ବିଶ୍ୱାସ ପ୍ରକାଶ କରୁଛି ଯେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ଏକ ଆତ୍ମନିର୍ଭରଶୀଳ, ସୁରକ୍ଷିତ, ସମୃଦ୍ଧ ଏବଂ ଗର୍ବିତ ରାଷ୍ଟ୍ର ଭାବରେ ନୂତନ ଉଚ୍ଚତା ଆରୋହଣ କରିବ ଏବଂ ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ର ହେବା ଦିଗରେ ପଥକୁ ସୁଦୃଢ଼ କରିବ। ପ୍ରସ୍ତାବରେ ଏପରି ଲେଖାଯାଇଛି । ପରେ ମୋଦି କହିଥିଲେ, ଆପଣମାନେ ଆଜି ଦିନକୁ ସ୍ମରଣୀୟ କରିଦେଇଛନ୍ତି।



- ★ ଲଗାତାର ୪,୩୯୯ ଦିନ ପ୍ରଧାନମନ୍ତ୍ରୀ ପଦବୀରେ
- ★ ନିର୍ବାଚିତ ପ୍ରତିନିଧି ଭାବରେ ମଧ୍ୟ ଅତୁଳନୀୟ
- ★ ନେହେରୁଙ୍କ କାର୍ଯ୍ୟକାଳ ଥିଲା ୪,୩୯୮ ଦିନ
- ★ କ୍ୟାବିନେଟ ସହଯୋଗୀମାନେ ଜଣାଇଲେ ଶୁଭକାମନା
- ★ ଦେଶ ସେବାରେ ତାଙ୍କର 'ଅକ୍ଳାନ୍ତ କଠିନ ପରିଶ୍ରମ'କୁ ପ୍ରଶଂସା
- ★ ନିରନ୍ତର କାମ କରୁଥିବା ବ୍ୟକ୍ତି ଜନବିଶ୍ୱାସ ଅର୍ଜନରେ ସଫଳ ହୋଇଥାଏ
- ★ ଆପଣମାନେ ଆଜିର ଦିନକୁ ସ୍ମରଣୀୟ କରିଦେଇଛନ୍ତି:ମୋଦି

### ବନ୍ୟା ଋତୁ ପାଇଁ କଟକଣା

## ଜଳସମ୍ପଦ ବିଭାଗ ଛୁଟି ଉପରେ ଲାଗିଲା ରୋକ୍

ଭୁବନେଶ୍ୱର,୧୦।୬: ବନ୍ୟା ଋତୁ ଏବଂ ମୌସୁମୀ ସମୟରେ ଜଳସମ୍ପଦ ବିଭାଗ ଅଧିକାରୀଙ୍କ ଛୁଟି ଉପରେ କଟକଣା ଲଗାଯାଇଛି। ବିନା ଅନୁମତିରେ ସେମାନେ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ । ଜରୁରୀ ପରିସ୍ଥିତି ଏବଂ ବନ୍ୟା ମୁକାବିଲା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି । ଜଳ ସମ୍ପଦ ବିଭାଗର ଅଧିକାରୀଙ୍କ ପାଇଁ କଟକଣା ଲାଗୁ କରିଛନ୍ତି ସରକାର । ଜଳସମ୍ପଦ ବିଭାଗର ପ୍ରମୁଖ ସଚିବଙ୍କ ଅଧକ୍ଷତାରେ ବନ୍ୟାଋତୁ ପୂର୍ବ ପ୍ରସ୍ତୁତି ସମୀକ୍ଷା ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । କୌଣସି ଅଧିକାରୀ ବା କର୍ମଚାରୀ କର୍ତ୍ତୃପକ୍ଷଙ୍କ ପୂର୍ବ ଅନୁମତି ବିନା ମୁଖ୍ୟାଳୟ ଛାଡ଼ି ପାରିବେ ନାହିଁ। ବନ୍ୟା, ନଦୀବନ୍ଧ (ଘାଇ) ସୃଷ୍ଟି କିମ୍ବା ଅନ୍ୟାନ୍ୟ ଜରୁରୀ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ସମସ୍ତ କର୍ମଚାରୀଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।୨୪ ଘଣ୍ଟିଆ ବନ୍ୟା ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ ହେବ । ଅକ୍ଟୋବର ୩୧ ପର୍ଯ୍ୟନ୍ତ ବନ୍ୟା ନିୟନ୍ତ୍ରଣ କକ୍ଷ କାର୍ଯ୍ୟକାରୀ ହେବ । ୧ ଜୁନରୁ ଅକ୍ଟୋବର ୩୧ ପର୍ଯ୍ୟନ୍ତ ବଳବତ୍ତର ରହିବ ଏହି କଟକଣା । ଆଗାମୀ ବନ୍ୟା ଋତୁ ୨୦୨୬-୨୭ ପାଇଁ ପୂର୍ବ ବନ୍ୟା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି ।

---

### ସମୁଦ୍ର ଗର୍ଭରେ ପ୍ରଥମ ମାନବ ପିରାମିଡ୍

## ୭୩ ଫୁଟର ଉଚ୍ଚତା ସୃଷ୍ଟି କଲେ ସ୍କୁବା ବୁଡ଼ାଳି

- ➔ ଅବିଶ୍ୱସନୀୟ ସମନ୍ୱୟ, ସନ୍ତୁଳନ ରକ୍ଷାର ଦୃଷ୍ଟାନ୍ତ
- ➔ ଗିନିଜ୍ ବିଶ୍ୱ ରେକର୍ଡ ସ୍ଥାପନ

ନୂଆଦିଲ୍ଲୀ,୧୦।୬: ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ ସବୁଠାରୁ ଉଚ୍ଚ ଜଳମଗ୍ନ ମାନବ ଟାୱାର ପାଇଁ ଗିନିଜ୍ ବିଶ୍ୱ ରେକର୍ଡ ସ୍ଥାପନ କରିଛି। ଏହି ରେକର୍ଡ ହାଭଲକ୍ ଦ୍ୱୀପର ସ୍ୱରାଜ ଦ୍ୱୀପରେ ହୋଇଥିଲା ଯେଉଁଠାରେ ସ୍କୁବା ବୁଡ଼ାଳିମାନଙ୍କର ଏକ




ଆଶ୍ଚର୍ଯ୍ୟଜନକ ଦଳ ୭୩ ଫୁଟ (୨୨.୩ ମିଟର) ଉଚ୍ଚତା ବିଶିଷ୍ଟ ଜଳମଗ୍ନ ମଣିଷଙ୍କ ଗଦା ତିଆରି ହୋଇଥିଲା। ଏହି ପ୍ରୟାସ ସୁପରିଚିତ ଲାଇଟହାଉସ୍ ଡାଇଭ୍ ସାଇଟରେ ହୋଇଥିଲା ଏବଂ ଜଳମଗ୍ନ ବୁଡ଼ାଳିମାନଙ୍କ ମଧ୍ୟରେ ଅବିଶ୍ୱସନୀୟ ସମନ୍ୱୟ, ସନ୍ତୁଳନ ଏବଂ ନିୟନ୍ତ୍ରଣ ଆବଶ୍ୟକ କରିଥିଲା।ଏହି ରେକର୍ଡଟି ଆନୁଷ୍ଠାନିକ ଭାବରେ ଗିନିଜ୍ ବିଶ୍ୱ ରେକର୍ଡରେ ରେକର୍ଡ କରାଯାଇଛି, ଯାହା ଏହି ରେକର୍ଡକୁ କେବଳ ଏକ କଷ୍ଟକର ସାମୁଦ୍ରିକ ପରିବେଶରେ ମାନବ ସହନଶୀଳତାର ସୀମା ଦେଖାଇବା ପାଇଁ ନୁହେଁ ବରଂ ଆଣ୍ଡାମାନ ଦ୍ୱୀପପୁଞ୍ଜକୁ ଦୁଃସାହସିକ ଏବଂ ସ୍କୁବା ଡାଇଭିଂ ପର୍ଯ୍ୟଟନ ପାଇଁ ଏକ ପ୍ରମୁଖ ବିଶ୍ୱବ୍ୟାପୀ ଗନ୍ତବ୍ୟସ୍ଥଳରେ ପରିଣତ କରିବା ପାଇଁ ସ୍ୱୀକୃତି ଦିଏ। ପ୍ରଶିକ୍ଷିତ ଡାଇଭରମାନଙ୍କୁ ବ୍ୟବହାର କରି, ପ୍ରାୟ ୭୩ ଫୁଟ (୨୨.୩ ମିଟର) ଉଚ୍ଚତା ବିଶିଷ୍ଟ ଏକ ଜଳମଗ୍ନ ମାନବ ପିରାମିଡ୍ ଏପରି ଏକ ସ୍ଥାନରେ ନିର୍ମାଣ କରାଯାଇଥିଲା ଯାହା ସାଧାରଣତଃ ସ୍କୁବା ଡାଇଭିଂ ପାଇଁ ବ୍ୟବହୃତ ହୁଏ। ଏହା ପ୍ରଥମ ଥର ଥିଲା ଯେ ସମୁଦ୍ର ତଳେ ଏପରି ଏକ ମାନବ ପିରାମିଡ୍ ନିର୍ମାଣ କରାଯାଇଛି।

## ପିଓକେରେ ଖସିଲା ହେଲିକପ୍ଟର: ୨୧ ମୃତ

ଇସଲାମାବାଦ,୧୦।୬: ପାକିସ୍ତାନ ଅଧୀକୃତ କାଶ୍ମୀର (ପିଓକେ)ର ମୁଜାଫରାବାଦ ନିକଟସ୍ଥ ନୀଲମ୍ ଘାଟିରେ ପାକିସ୍ତାନ ସେନାର ଏକ 'ଏମଆଇ-୧୭' ସାମରିକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ପାଇଲଟଙ୍କ ସମେତ ୨୧ ଜଣ ସୈନିକଙ୍କ ପ୍ରାଣ ହାନି ଘଟିଛି। ପାକିସ୍ତାନ ସେନାର ଗଣମାଧ୍ୟମ ଶାଖା ଆଇଏସପିଆର୍ ଏବଂ ସ୍ଥାନୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ହେଲିକପ୍ଟରଟି ଉଡ଼ାଣ ଭରିବା ସମୟରେ ହଠାତ୍ ଯାନ୍ତ୍ରିକ ତ୍ରୁଟିର ସମ୍ମୁଖୀନ ହୋଇ ଖସି ପଡ଼ିଥିଲା। ଘଟଣାସ୍ଥଳକୁ ତୁରନ୍ତ ଉଦ୍ଧାରକାରୀ ଦଳ ପଠାଯାଇଥିଲେ ମଧ୍ୟ ହେଲିକପ୍ଟରରେ ଥିବା କୌଣସି ବି ସଦସ୍ୟ ଜୀବିତ ବଞ୍ଚିନଥିବା ସାମରିକ ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି। ପିଓକେରେ ଚାଲିଥିବା ବ୍ୟାପକ ସାଧାରଣ ଆନ୍ଦୋଳନ ଓ ହିଂସାତ୍ମକ ପରିସ୍ଥିତି ଉପରେ ଆକାଶମାର୍ଗରୁ ନଜର ରଖିବା ପାଇଁ ପାକିସ୍ତାନ ସେନା ପକ୍ଷରୁ ଏହି ହେଲିକପ୍ଟର ଗୁଡ଼ିକୁ ସେଠାରେ ମୁତୟନ କରାଯାଇଥିଲା।

## ଚାନ୍ଦିପୁରରୁ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

ବାଲେଶ୍ୱର,୧୦।୬: ବାଲେଶ୍ୱର ଚାନ୍ଦିପୁର କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ର ଲଞ୍ଚ ପ୍ୟାଡ-୩ରୁ କ୍ଷେପଣାସ୍ତ୍ର ପରୀକ୍ଷଣ ହୋଇଛି। ବୁଧବାର ଅପରାହ୍ନ ୩.୫୦ରେ ଏହି ଗୁରୁତ୍ୱପୂର୍ଣ୍ଣ ଉତ୍‌କ୍ଷେପଣ ହୋଇଥିଲା। କ୍ଷେପଣାସ୍ତ୍ର ପରୀକ୍ଷଣ ପାଇଁ ଲଞ୍ଚ ପ୍ୟାଡ଼ରୁ ୧ରୁ ୩.୫ କିଲୋମିଟର ମଧ୍ୟରେ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା । ପ୍ରାୟ ୧୧ ହଜାର ୪୪୨ଜଣଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନାନ୍ତର କରାଯାଇଥିଲା । ଏଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ମଧ୍ୟ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା । ସୂଚନାଯୋଗ୍ୟ, ଗତମାସ ଚାନ୍ଦିପୁରରୁ ଗର୍ଜିଥିଲା 'ଅଗ୍ନି-୧'। ଚାନ୍ଦିପୁର ସମନ୍ୱିତ ଟେଷ୍ଟ ରେଂଜରୁ ସ୍ୱଳ୍ପ ଦୂରଗାମୀ ବାଲିଷ୍ଟିକ କ୍ଷେପଣାସ୍ତ୍ର 'ଅଗ୍ନି-୧'ର ସଫଳ ପରୀକ୍ଷଣ ହୋଇଥିଲା । ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନରେ ଥିବା ଷ୍ଟ୍ରାଟେଜିକ୍ ଫୋର୍ସେସ୍ କମାଣ୍ଡର ପ୍ରତ୍ୟକ୍ଷ



ତତ୍ତ୍ୱାବଧାନରେ ଏହି ପରୀକ୍ଷଣ ହୋଇଥିଲା। ମିସାଇଲଟି ସମସ୍ତ ବୈଷୟିକ ମାନଦଣ୍ଡକୁ ପୂରଣ କରି ନିଜର ନିର୍ଦ୍ଧାରିତ ଲକ୍ଷ୍ୟଭେଦ କରିବାରେ ସଫଳ ହୋଇଥିଲା।

## ୧୫ ଆଇପିଏସ ଅଫିସରଙ୍କୁ ୧୭ ଜିଲ୍ଲା

### ସ୍ୱତନ୍ତ୍ର ନିରୀକ୍ଷଣ ଓ ତଦାରଖ ଦାୟିତ୍ୱ

ଭୁବନେଶ୍ୱର, ୧୦।୬ : ୧୫ ଜଣ ଆଇପିଏସ ଅଧିକାରୀଙ୍କୁ ୧୭ଟି ଜିଲାର ସ୍ୱତନ୍ତ୍ର ନିରୀକ୍ଷଣ ଓ ତଦାରଖ ଦାୟିତ୍ୱ ପ୍ରଦାନକରାଯାଇଛି। କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ରଙ୍କୁ ବାଲେଶ୍ୱର ଓ ଭଦ୍ରକ ଜିଲାର ଦାୟିତ୍ୱପ୍ରଦାନ କରାଯାଇଛି। ସେହିପରି ସ୍ପେଶାଲ ଅପରେସନ୍ ଏଡିଜି ସଞ୍ଜୀବ ପଣ୍ଡାଙ୍କୁ କୋରାପୁଟ ଓ ରାୟଗଡ଼ା ଦାୟିତ୍ୱ, ଅନ୍ୟ ୧୩ ଆଇପିଏସ ଅଫିସରଙ୍କୁ ଗୋଟିଏ ଲେଖାଏଁ ଜିଲା ନିରୀକ୍ଷଣ ଦାୟିତ୍ୱ, ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଜଗତସିଂହପୁର ଜିଲା ନିରୀକ୍ଷଣଦାୟିତ୍ୱ, ରେଳବାଇ ଏଡିଜି ଅରୁଣ ବୋଥ୍ରାଙ୍କୁ ଅନୁଗୁଳ ଜିଲା ତଦାରଖ ଦାୟିତ୍ୱ ଦିଆଯାଇଥିବା ବେଳେ ଆଇନ ଓ ଶୃଙ୍ଖଳା ଏଡିଜି ସଞ୍ଜୟ କୁମାରଙ୍କୁ ସମ୍ବଲପୁର ଜିଲା ଦାୟିତ୍ୱ, ଏଡିଜି ରାଜେଶ କୁମାରଙ୍କୁ ନୟାଗଡ଼, ଏଡିଜି ପ୍ରତୀକ ମହାନ୍ତିଙ୍କୁ ଯାଜପୁର, ଏଡିଜି ଯତୀନ୍ଦ୍ର କୋଏଲଙ୍କୁ କଳାହାଣ୍ଡି, ଏଡିଜି ଏସ୍.ସାଇନିଙ୍କୁ ବଲାଙ୍ଗୀର, ଆଇଜି ଏସ ପ୍ରବୀଣ କୁମାରଙ୍କୁ କନ୍ଧମାଳ, ଆଇଜି ଦୀପକ କୁମାରଙ୍କୁ ମାଲକାନଗିରି, ଅନୁପ ସାହୁଙ୍କୁ ପୁରୀ, ଅବିନାଶ କୁମାର ମୟୁରଭଞ୍ଜ ଓ ସାର୍ଥକ ଷଡଙ୍ଗୀ କେନ୍ଦ୍ରାପଡା, ଆଇଜି ଗଜଭିୟେ ସତୀଶ କୁମାର ଈଶ୍ୱରଦାସଙ୍କୁ ଢେଙ୍କାନାଳ ଜିଲା ଦାୟିତ୍ୱ ପ୍ରଦାନ କରାଯାଇଛି। ଆସନ୍ତା ଜୁଲାଇରୁ ସମୀକ୍ଷା ଓ ଯାଞ୍ଚ ପାଇଁ ଆଇପିଏସ ଅଫିସରଙ୍କୁ ନିର୍ଦ୍ଦେଶଦିଆଯାଇଛି। ଏହାସହ ନିରୀକ୍ଷଣ ଶେଷର ୧୫ ଦିନ ମଧ୍ୟରେ ରିପୋର୍ଟ ଦାଖଲ ବାଧ୍ୟତାମୂଳକ ବୋଲି ମଧ୍ୟ କୁହାଯାଇଛି।

# ମାନିଲା ପଶ୍ଚିମବଙ୍ଗ, ଅମାନିଆ ଆନ୍ଧ୍ର

### ହଟିଲା 'ଧାମ' ଶବ୍ଦ, ଏବେ ଶ୍ରୀ ଶ୍ରୀ ଜଗନ୍ନାଥ ସାଂସ୍କୃତିକ କେନ୍ଦ୍ର

ଭୁବନେଶ୍ୱର,୧୦।୬ : ଧାମ ବିବାଦର ପଡ଼ିଲା ପୂର୍ଣ୍ଣଚ୍ଛେଦ । ଦୀଘା ଜଗନ୍ନାଥ ମନ୍ଦିରରୁ ହଟିଛି 'ଧାମ' ଶବ୍ଦ । ଜଗନ୍ନାଥ ଧାମ ବଦଳରେ ଲେଖା ହେଲା ଶ୍ରୀ ଶ୍ରୀ ଜଗନ୍ନାଥ ସାଂସ୍କୃତିକ କେନ୍ଦ୍ର । ଧାମ ଶବ୍ଦ ହଟିବା ନେଇ ମଙ୍ଗଳବାର ବଡ ଘୋଷଣା କରିଥିଲେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ । ବୁଧବାର ସ୍ଥାନୀୟ ବିଧାୟକ ଚନ୍ଦ୍ର ଶେଖର ଏବଂ ମନ୍ଦିର ଟ୍ରଷ୍ଟ ବୋର୍ଡର ମୁଖ୍ୟ ରାଧାମୋହନ ଦାସଙ୍କ ଉପସ୍ଥିତିରେ ଧାମ ଶବ୍ଦ ହଟା ଯାଇଛି । ଦୀଘାରେ ନବନିର୍ମିତ ଜଗନ୍ନାଥ ମନ୍ଦିରକୁ 'ଜଗନ୍ନାଥ ଧାମ' ଲେଖାଯିବାକୁ ନେଇ ଦୀର୍ଘ ଦିନ ଧରି ଚାଲିଥିବା ବିବାଦର ଅବସାନ ଘଟିଛି । କୋଟି କୋଟି ଓଡ଼ିଆଙ୍କ ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଧାତ୍ମିକ ସଂସ୍କୃତି ଓ ଜଗନ୍ନାଥ ପ୍ରେମୀଙ୍କ ଭାବନାକୁ ସମ୍ମାନ ଜଣାଇ ଏହି ବିବାଦୀୟ ନାମକୁ ହଟାଇବା ପାଇଁ ବଡ଼ ନିଷ୍ପତ୍ତି ନିଆ ଯାଇଛି । ସୂଚନା ଅନୁସାରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଅଧିକାରୀ ଏନେଇ ଗଣମାଧ୍ୟମକୁ ସୂଚନା




ଦେଇ କହିଥିଲେ, ଦୀଘା ଜଗନ୍ନାଥ ମନ୍ଦିର ନାଁରେ ଧାମ ଯୋଡ଼ିବା ସନାତନ ଓ ଭାରତୀୟ ସଂସ୍କୃତି ସହ ଠିକ୍ ହୋଇନାହିଁ। ଏ ବାବଦରେ ସମସ୍ତ ପ୍ରକାର କାଗଜପତ୍ର ସେ ଦେଖିଛନ୍ତି। ପଶ୍ଚିମବଙ୍ଗର ପୂର୍ବ ସରକାର ଏହାର ନାମ ଶ୍ରୀ ଶ୍ରୀ ଜଗନ୍ନାଥ ଧାମ କଲଚରାଲ ସେଣ୍ଟର ରଖିଥିଲେ।

### 'ପତିତ ପାବନ' ଓ 'ଆନନ୍ଦ ବଜାର'କୁ ପାଟେଣ୍ଟ

ପୁରୀ,୧୦।୬(ନିପ୍ର): ପୁରୀର ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ 'ଶ୍ରୀ ପତିତ ପାବନ' ଏବଂ 'ଆନନ୍ଦ ବଜାର' ସମେତ ଦ୍ୱାଦଶ ଶତାବ୍ଦୀର ମନ୍ଦିର ସହିତ ଜଡିତ ପ୍ରମୁଖ ଶବ୍ଦ ଏବଂ ଲୋଗୋ ପାଇଁ ପେଟେଣ୍ଟ (ବୌଦ୍ଧିକ ସମ୍ପତ୍ତି ଅଧିକାର) ହାସଲ କରିଛି। ମନ୍ଦିର ପ୍ରଶାସନମନ୍ଦିରର ଐତିହ୍ୟକୁ ସୁରକ୍ଷା ଦେବା ଏବଂ ଏହାର ସମ୍ମାନିତ ଶବ୍ଦାବଳୀର ଅନଧିକୃତ ବାଣିଜ୍ୟିକ ବ୍ୟବହାରକୁ ରୋକିବା ପାଇଁ ବୌଦ୍ଧିକ ସମ୍ପତ୍ତି ଭାରତ ମାଧ୍ୟମରେ ଏହି ଅଧିକାରଗୁଡ଼ିକ ହାସଲ କରିଛି। ଏହି ଶବ୍ଦଗୁଡ଼ିକ ବ୍ୟତୀତ, ମନ୍ଦିର ପ୍ରଶାସନ 'ମହାପ୍ରସାଦ,' 'ଶ୍ରୀମନ୍ଦିର,' ଏବଂ 'ଜଗନ୍ନାଥ ଧାମ' ସମେତ ୨୬ଟି ଅନ୍ୟ ଜଡିତ ଶବ୍ଦ ଏବଂ ଲୋଗୋ ଉପରେ ପେଟେଣ୍ଟ ପାଇଁ ଆବେଦନ ହୋଇଥିଲା।

## କୋଟିଆରେ ଆନ୍ଧ୍ର ମନ୍ତ୍ରୀଙ୍କ ଦାଦାଗିରି

- ନେରେଡିବାଲସାରେ ନୂଆ ସଡ଼କର ଉଦ୍‌ଘାଟନ
- ନାନା ମନ୍ତବ୍ୟ ଜରିଆରେ ଆକ୍ଷେପ

କୋରାପୁଟ,୧୦।୬: ଓଡ଼ିଶା ସୀମା ଭିତରେ ପଶି ଆନ୍ଧ୍ରପ୍ରଦେଶର ଆଦିବାସୀ ମନ୍ତ୍ରୀ ଜି.ସନ୍ଧ୍ୟାରାଣୀ ଏକ ନୂତନ ସଡ଼କ ବୁଧବାର ଉଦଘାଟନ କରିଛନ୍ତି। ଏପରିକି ବିନା ବାଧାରେ ସାଧାରଣ ସଭା ଆୟୋଜନ କଲେ। କେବଳ ସଭା ନୁହେଁ, ଓଡ଼ିଶା ପୁଲିସ ଓ ସାମ୍ବାଦିକଙ୍କ ବିରୋଧରେ ବିନା ଦ୍ୱନ୍ଦ୍ୱରେ ବିବାଦୀୟ ମନ୍ତବ୍ୟ ଦେବାକୁ ପଛାଇଲେ ନାହିଁ। ଆନ୍ଧ୍ର ପ୍ରଦେଶର ଆଦିବାସୀ, ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ତଥା ସାଲୁର ବିଧାୟିକା ଜି.ସନ୍ଧ୍ୟାରାଣୀ କୋଟିଆ ପଞ୍ଚାୟତର ନେରେଡିବାଲସା ଗାଁ ଗସ୍ତ କରି ତାଣ୍ଡିଗାରୁ ନେରେଡିବାଲସା ପର୍ଯ୍ୟନ୍ତ ନିର୍ମିତ ରାସ୍ତାର ଉଦଘାଟନ କରିଛନ୍ତି। ଏହାସହ ସ୍ଥାନୀୟ ଲୋକଙ୍କ ସହ ବୈଠକ କରି ଆନ୍ଧ୍ର ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅବଗତ କରାଇଛନ୍ତି। ତାଙ୍କ ଅଭିଭାଷଣରେ ସିଧାସଳଖ ଓଡ଼ିଶାର ସାମ୍ବାଦିକ ଓ ପୁଲିସକୁ ଆକ୍ଷେପ କରି ମନ୍ତବ୍ୟ ଦେଇଛନ୍ତି। ସୀମାବିବାଦ ସୁପ୍ରିମକୋର୍ଟରେ ରହିଥିବା ବେଳେ କୋଟିଆରେ ଉଭୟ ରାଜ୍ୟ ସରକାରଙ୍କ ଅଧିକାର ଅଛି କିନ୍ତୁ ଆନ୍ଧ୍ର ସରକାର କୌଣସି କାର୍ଯ୍ୟକ୍ରମ କରିବା ପାଇଁ ଗଲେ ତାକୁ ଓଡ଼ିଶା



ପକ୍ଷରୁ ବିରୋଧ କରାଯାଉଛି। ମିଥ୍ୟା ମକଦ୍ଦମା ରୁଜୁ କରି ନିରୀହ ଆଦିବାସୀଙ୍କୁ ଜେଲ ପଠଉଛି । ଏହା ଠିକ୍ ନୁହେଁ ବୋଲି କହିବା ସହିତ ମୋର ସଭା ସ୍ଥଳକୁ କାହିଁକି ଓଡ଼ିଶାର ପୁଲିସ ଆସିଛନ୍ତି ଓ ଓଡ଼ିଶାର ସାମ୍ବାଦିକ କାହିଁକି ଆସି ଫଟୋ ଉଠାଉଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ଆମେ କ'ଣ ଓଡ଼ିଶାର କାର୍ଯ୍ୟକ୍ରମକୁ ଯାଉଛୁ କି ବୋଲି ତାଙ୍କ ଅଭିଭାଷଣ ମାଧ୍ୟମରେ କହିଥିଲେ । ଏପରିକି ଆନ୍ଧ୍ର ସିଆଇଙ୍କୁ ମଞ୍ଚ ଉପରକୁ ଡାକି ଓଡ଼ିଶାବାସୀଙ୍କୁ ମଧ୍ୟ ହଇରାଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆନ୍ଧ୍ର ପୁଲିସ ଛାଉଣୀରେ ମନ୍ତ୍ରୀ ଗସ୍ତ କରିଥିଲେ। କୋଟିଆ ଓ ସୀମାନ୍ତବର୍ତ୍ତୀ ଆନ୍ଧ୍ରର ଗ୍ରାମବାସୀମାନେ ସଭାରେ ଉପସ୍ଥିତ ଥିଲେ।

CMYK

## ଦେବଗିରି ପାହାଡ଼ରେ ପୂଜା ପାଇଁ ଆସୁଛନ୍ତି

# ବାବା ନୀଳକଣ୍ଠେଶ୍ୱର

ଗଙ୍ଗବଂଶ ରାଜତ୍ୱ କାଳରୁ







ରାୟଗଡା ଜିଲ୍ଲା କଲ୍ୟାଣସିଂପୁର ଉପକଣ୍ଠରେ ରହିଛି ପ୍ରସିଦ୍ଧ ଶୈବପୀଠ ନୀଳକଣ୍ଠେଶ୍ୱର । ଦେବଗିରି ପାହାଡ଼ରେ ବିଦ୍ୟମାନ ଏହି ପ୍ରାଚୀନ ଶୈବପୀଠ ସମ୍ପର୍କରେ ଅନେକ ଲୋକକଥା ରହିଛି । ମହାଭାରତ ଯୁଦ୍ଧ ଚାଲିଥିବା ବେଳେ ବଳରାମ ଏହି ଅଞ୍ଚଳର ଦେଇ ଗସ୍ତ କରିଥିଲେ । ସାଙ୍ଗରେ ଥିବା ସୈନ୍ୟସାମନ୍ତଙ୍କୁ ପାଣି ଦେବାପାଇଁ ନିଜ ଲଙ୍ଗଳ ମୁନରେ ଲାଙ୍ଗୁଳି ନଦୀ ସୃଷ୍ଟି କରିଥିଲେ । ଏବେ ଏହା ନାଗାବଳି ନାମରେ ପରିଚିତ । ସେତେବେଳେ ସେ ଦେବଗିରି ପାହଡ ଉପରେ ସ୍ଫଟିକରେ ନିର୍ମିତ ୫ଟି ଶିବଲିଙ୍ଗ ପ୍ରତିଷ୍ଠା କରିଥିଲେ । ଇତିହାସରୁ ଜଣାଯାଏ, ଗଙ୍ଗବଂଶ ରାଜତ୍ୱ କାଳରୁ ଦେବଗିରି ପାହାଡ଼ରେ ନୀଳକଣ୍ଠେଶ୍ୱର ପୂଜା ପାଇ ଆସୁଛନ୍ତି । ସମୁଦ୍ର ପତ୍ତନ ଠାରୁ ୩୯୪ ଫୁଟ ବା ୧୨୦ମିଟର ଉଚ୍ଚରେ ପଥର ଗୁମ୍ଫାରେ ପୂଜା ପାଉଛନ୍ତି ନୀଳକଣ୍ଠେଶ୍ୱର ମହାଦେବ । ପାହାଡର ପାଦଦେଶରୁ ଉପରକୁ ଯିବା ପାଇଁ ୪୮୦ଟି ପାହାଚ ରହିଛି । ଏହି ପାହାଚଗୁଡିକ ଭିତରେ ୨୦ ରୁ ୩୦ ଫୁଟ ଓସାରର ୭ଟି ରହିଛି । ୧୭୫୮ରେ ଜୟପୁର ରାଜାଙ୍କ ଅଧୀନସ୍ଥ ସ୍ୱୀକାର କରିଥିଲେ ତତ୍କାଳୀନ କଲ୍ୟାଣସିଂପୁର ରାଜା କୃଷ୍ଣଚନ୍ଦ୍ର ଦେବ । ଜୟପୁର ରାଜା ପ୍ରଥମ ବିକ୍ରମ ଦେବ ବାବା ପାତାଳେଶ୍ୱରଙ୍କ ଅଭିଷେକ କରିଥିଲେ । ନିଜ ରାଜ୍ୟରେ ପାତାଳେଶ୍ୱରଙ୍କ ଅଭିଷେକ ହେଉଥିଲେ ମଧ୍ୟ କୃଷ୍ଣଚନ୍ଦ୍ର ଦେବଙ୍କୁ ନିମନ୍ତ୍ରଣ କରାଯାଇନଥିଲା । ଶିବଭକ୍ତ କୃଷ୍ଣଚନ୍ଦ୍ର ଦେବ ଦୁଃଖରେ ଭାଙ୍ଗି ପଡିଥିଲେ । ସ୍ୱପ୍ନାଦେଶ ପରେ ଦେବଗିରିର ପାହାଡ ଶିଖରରେ ଅବସ୍ଥାନ କରୁଥିବା ନୀଳକଣ୍ଠେଶ୍ୱରଙ୍କୁ ରାଜା ପାଇଥିଲେ । କୃଷ୍ଣଚନ୍ଦ୍ର ଦେବ ଅପୁତ୍ରକ ଥିଲେ। ଉତ୍ତରାଧିକାରୀଙ୍କୁ ନେଇ ସେ ଚିନ୍ତିତ ଥିଲେ । ବାବା ନୀଳକଣ୍ଠେଶ୍ୱରଙ୍କ ପୂଜାର୍ଚ୍ଚନା କରି ରାଜା କୃଷ୍ଣଚନ୍ଦ୍ର ଦେବ ପୁତ୍ର ସନ୍ତାନ ଲାଭ କରିଥିଲେ । ପରେ ରାଜା ପ୍ରଭୁଙ୍କୁ ନିୟମିତ ପୂଜା କରିବା ପାଇଁ ବ୍ରହ୍ମଣମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହି ଦିନଠାରୁ ପ୍ରଭୁଙ୍କୁ ନିୟମିତ ପୂଜାର୍ଚ୍ଚନା କରାଯାଉଛି । ପହାଡର ଉପରେ ଗଙ୍ଗା, ଯମୁନା, ସରସ୍ୱତୀ, ଇନ୍ଦ୍ରଦ୍ୟୁମ୍ନ ଓ ଭାର୍ଗବୀ ନାମରେ ୫ଟି କୁଣ୍ଡ ରହିଛି । ଏହି କୁଣ୍ଡରେ ଗାଧୋଇଲେ ଅପୁତ୍ରକ ପୁତ୍ର ଲାଭ କରିନ୍ତି ବୋଲି ବିଶ୍ୱାସ ରହିଆସିଛି । ଶିବରାତ୍ରୀ ପ୍ରଭୁ ନୀଳକଣ୍ଠେଶ୍ୱରଙ୍କ ବଡ଼ ପର୍ବ । ଏହା ୭ ଦିନ ଧରି ପାଳନ କରାଯାଏ । ଶ୍ରାବଣ ମାସରେ ଦୂର ଦୂରାନ୍ତରୁ ମାନସିକଧାରୀ ମାନେ ଏଠାକୁ ଆସି ପ୍ରଭୁଙ୍କୁ ଜଳଲାଗି କରିଥାନ୍ତି । ମନ୍ଦିର ପରିଚାଳନା କମିଟି ତରଫରୁ ଭକ୍ତମାନଙ୍କୁ ମାଗଣାରେ ପ୍ରସାଦ ବିତରଣ କରାଯାଇଥାଏ । ରାୟଗଡା ସହର ଠାରୁ ଦେବଗିରିର ଦୂରତା ୫୦ କିଲୋମିଟର । ନିୟମିତ ବସ୍ ଚଳାଚଳ କରୁଛି । ଟ୍ରେନ ଯୋଗେ ରାୟଗଡା ଆସି ନୀଳକଣ୍ଠେଶ୍ୱରଙ୍କ ପୀଠକୁ ଯାଇ ହେବ ।



## ଯେତେବେଳେ

# ହନୁମାନ ବଡ଼ ହେଲେ

**ପ୍ରଭୁ ଶ୍ରୀରାମ ଓ ତାଙ୍କ ଭାଇ ଲକ୍ଷ୍ମଣ, ରାମଙ୍କ ଅପହୃତ ପତ୍ନୀ ମାତା ସୀତାଙ୍କୁ ଖୋଜି ଖୋଜି କିଷ୍କିନ୍ଧା ରାଜ୍ୟରେ ଯାଇ ପହଞ୍ଚିଲେ। ଏଠାକାର ନୂତନ ରାଜା ସୁଗ୍ରୀବ, ପ୍ରଭୁ ରାମଙ୍କର ବଡ଼ ଭକ୍ତ ଓ ବନ୍ଧୁ ଥିଲେ। ସହାୟତା ପାଇଁ ଯେତେବେଳେ ପ୍ରଭୁ ଶ୍ରୀରାମ ନିଜେ ତାଙ୍କ ରାଜ୍ୟରେ ପହଞ୍ଚିଛନ୍ତିକ ସେ ପ୍ରଭୁଙ୍କର ନୂତନ ସହଯୋଗୀ ପାଲଟିଗଲେ। ବାନର ରାଜା ସୁଗ୍ରୀବ, ରାମଙ୍କ ନିଖୋଜ ପତ୍ନୀଙ୍କୁ ଖୋଜିବା ଆଣିବା ପାଇଁ, ଚାରି ଦିଗକୁ ବାନରସେନା ପଠାଇବାକୁ ସହମତ ହେଲେ। ଦକ୍ଷିଣ ଦିଗକୁ ହନୁମାନ ଓ ଅନ୍ୟ କେତେକଙ୍କୁ ପଠାଇଲେ, ଯେଉଁମାନଙ୍କ ମଧ୍ୟରେ ମହାନ ଭାଲୁ ଜାମ୍ବବାନ ମଧ୍ୟ ରହିଥିଲେ।**

## ସତ୍ୟ ଓ ଧର୍ମ ଶିକ୍ଷାର ଆଧାର

# ରାମାୟଣ

ଭାରତୀୟ ସାହିତ୍ୟରେ ରାମାୟଣ ଏକ ଅତ୍ୟନ୍ତ ପବିତ୍ର ଓ ପ୍ରସିଦ୍ଧ ମହାକାବ୍ୟ। ଏହି କାବ୍ୟର ମୂଳ ରଚନା କରିଥିଲେ ଋଷି ବାଲ୍ମିକୀ , ଯାହାକୁ "ଆଦିକାବ୍ୟ" ବୋଲି କୁହାଯାଏ। ପରେ ମଧ୍ୟଯୁଗରେ କବି ତୁଳସୀ ଦାସ ରାମାୟଣକୁ ଆଧାର କରି ଅବଧୀ ଭାଷାରେ "ରାମଚରିତମାନସ" ରଚନା କଲେ। ଏହି ଦୁଇ ରାମାୟଣର କାହାଣୀ ଏକ ହେଲେ ମଧ୍ୟ ତାହାର ଶୈଳୀ, ଭାଷା, ଉଦ୍ଦେଶ୍ୟ ଓ ବର୍ଣ୍ଣନାରେ ଅନେକ ପାର୍ଥକ୍ୟ ଦେଖାଯାଏ। ବାଲ୍ମିକି ରାମାୟଣ ପ୍ରାଚୀନ କାଳରେ ରଚିତ ହୋଇଥିଲା। ଅନୁମାନ କରାଯାଏ ଯେ ଏହା ଖ୍ରୀଷ୍ଟପୂର୍ବ କାଳରେ ଲେଖାଯାଇଥିଲା। ଏହା ରାମଙ୍କ ଜୀବନ ଉପରେ ଆଧାରିତ ପ୍ରଥମ ମହାକାବ୍ୟ। କିନ୍ତୁ ତୁଳସୀଦାସଙ୍କ ରାମଚରିତମାନସ ୧୬ଶ ଶତାବ୍ଦୀରେ ଭକ୍ତି ଆନ୍ଦୋଳନ ସମୟରେ ରଚିତ ହୋଇଥିଲା। ତେଣୁ ଏହାର ମଧ୍ୟରେ ଭକ୍ତିଭାବ ଅଧିକ ପ୍ରକାଶ ପାଇଛି। ବାଲ୍ମିକି ରାମାୟଣ ସଂସ୍କୃତ ଭାଷାରେ ଲେଖାଯାଇଛି। ସଂସ୍କୃତ ଏକ ଶାସ୍ତ୍ରୀୟ ଭାଷା ଥିବାରୁ ପୂର୍ବେ ସମସ୍ତେ ଏହାକୁ ସହଜରେ ବୁଝି ପାରୁନଥିଲେ। କିନ୍ତୁ ତୁଳସୀଦାସ ରାମାୟଣ ଅବଧୀ ଯାହା ହିନ୍ଦୀର ଏକ ରୂପ ଭାଷାରେ ରଚିତ। ସେଥିପାଇଁ ସାଧାରଣ ଲୋକମାନେ ଏହାକୁ ସହଜରେ ପଢି ଓ ବୁଝି ପାରିଲେ। ଏହି କାରଣରୁ ରାମଚରିତମାନସ ଲୋକମାନଙ୍କ ମଧ୍ୟରେ ବହୁଳ ପ୍ରଚଳିତ ହେଲା। ବାଲ୍ମୀକି ରାମାୟଣର ପ୍ରଧାନ ଉଦ୍ଦେଶ୍ୟ ହେଉଛି ରାମଙ୍କ ଜୀବନ ଓ ଆଦର୍ଶ ଚରିତ୍ରକୁ ଇତିହାସ ଭଳି ଉପସ୍ଥାପନ କରିବା। ଏଥିରେ ରାମଙ୍କୁ ଏକ ଆଦର୍ଶ ମନୁଷ୍ୟ ଓ ଧର୍ମପରାୟଣ ରାଜା ଭାବରେ ଦେଖାଯାଇଛି। ତୁଳସୀଦାସ ରାମାୟଣର ଉଦ୍ଦେଶ୍ୟ ହେଉଛି ଭଗବାନ ରାମଙ୍କ ପ୍ରତି ଭକ୍ତି ଓ ଧାର୍ମିକ ଭାବନାକୁ ପ୍ରଚାର କରିବା। ଏଥିରେ ରାମଙ୍କୁ ଭଗବାନ ବିଷ୍ଣୁଙ୍କ ଅବତାର ଭାବରେ ବର୍ଣ୍ଣନା କରାଯାଇଛି। ବାଲ୍ମିକୀ ରାମାୟଣରେ ଘଟଣାଗୁଡିକୁ ବିସ୍ତାରିତ ଓ ବାସ୍ତବ ଶୈଳୀରେ ବର୍ଣ୍ଣନା କରାଯାଇଛି। ଯୁଦ୍ଧ, ରାଜନୀତି, ଓ ନୈତିକତା ବିଷୟରେ ବିସ୍ତୃତ ଚର୍ଚ୍ଚା ମିଳେ। ତୁଳସୀଦାସ ରାମାୟଣରେ କାହାଣୀ କବିତାମୟ ଓ ଭକ୍ତିମୟ ଶୈଳୀରେ ଉପସ୍ଥାପିତ। ଏଥିରେ ଭଜନ, ଦୋହା, ଚୌପାଇ ଇତ୍ୟାଦି ଛନ୍ଦ ବ୍ୟବହାର କରାଯାଇଛି। ବାଲ୍ମିକି ରାମାୟଣରେ ରାମଙ୍କୁ ଏକ ମହାନ ମନୁଷ୍ୟ ଓ ଆଦର୍ଶ ରାଜା ଭାବରେ ଦେଖାଯାଇଛି। ସେ ମନୁଷ୍ୟ ଭଳି ଦୁଃଖ, ସଂକଟ ଓ ଭାବନାକୁ ଅନୁଭବ କରନ୍ତି। ତୁଳସୀଦାସ ରାମାୟଣରେ ରାମଙ୍କୁ ସର୍ବଶକ୍ତିମାନ ଭଗବାନ ଭାବରେ ବର୍ଣ୍ଣନା କରାଯାଇଛି। ସେ ଲୀଳା କରିବା ପାଇଁ ପୃଥିବୀରେ ଅବତରଣ କରିଥିବା ଦେବତା ଭାବରେ ପ୍ରକାଶ ପାନ୍ତି। ବାଲ୍ମିକୀ ରାମାୟଣ ୭ଟି କାଣ୍ଡରେ ବିଭକ୍ତ ଓ ପ୍ରାୟ ୨୪,୦୦୦ ଶ୍ଳୋକ ରହିଛି। ତୁଳସୀଦାସଙ୍କ ରାମଚରିତମାନସ ମଧ୍ୟ ୭ଟି କାଣ୍ଡରେ ବିଭକ୍ତ, କିନ୍ତୁ ଏହାର ଗଠନ ଭକ୍ତିମୟ ଓ ସାହିତ୍ୟିକ ଶୈଳୀରେ ଲେଖାଯାଇଛି।

*ଡ. ଅମୂଲ୍ୟ କୁମାର ପଣ୍ଡା*
*ମୋ - ୮୨୪୯୫୦୨୭୭୬*



# ପ୍ରତିଦିନ ଶଙ୍ଖ ଫୁଙ୍କୁଛନ୍ତି କି ?



କାର୍ଯ୍ୟ ଆରମ୍ଭ ପୂର୍ବରୁ ଲକ୍ଷ୍ୟ ସାଧନ କାମନାରେ ଶୁଭଶଙ୍ଖ ଫୁଙ୍କି ଏହାର ଆରମ୍ଭ କରାଯାଇଥାଏ । ଶଙ୍ଖ ଦୁଇପ୍ରକାରର ରହିଛି । ଗୋଟିଏ ବାମାବର୍ତ୍ତ ଶଙ୍ଖ ଏବଂ ଅନ୍ୟଟି ଦକ୍ଷିଣାବର୍ତ୍ତ ଶଙ୍ଖ । ଦକ୍ଷିଣାବର୍ତ୍ତ ଶଙ୍ଖ ଅଧିକ ଶୁଭ ବୋଲି ବିଶ୍ୱାସ ରହିଛି । ଶଙ୍ଖ ଫୁଙ୍କିବାର ନିୟମ ମଧ୍ୟ ରହିଛି । ଯାହାକୁ ପାଳନ କରିବା ନିହାତି ଜରୁରି । ଶଙ୍ଖ ଫୁଙ୍କିବାବେଳେ ଧ୍ୱନିଟି ସମ୍ପୂର୍ଣ୍ଣ ହେବା ଯାଏ ଫୁଙ୍କିବା ଉଚିତ । ଶଙ୍ଖ ଫୁଙ୍କିବା ଦ୍ୱାରା ବାତାବରଣରୁ ନକାରାତ୍ମକ ଉର୍ଜା ଦୂରୀଭୂତ ହୋଇଥାଏ । ଦେବଦେବୀଙ୍କ ଆଶୀର୍ବାଦ ମଧ୍ୟ ମିଳିଥାଏ । ଧାର୍ମିକ ମାନ୍ୟତା ବ୍ୟତୀତ ବୈଜ୍ଞାନିକ କାରଣ ଦୃଷ୍ଟିରୁ ମଧ୍ୟ ଏହାର ସୁପ୍ରଭାବ ରହିଛି । ଯେପରି ଶଙ୍ଖ ଫୁଙ୍କିବା ଦ୍ୱାରା ହୃତ୍‌ପିଣ୍ଡ ସୁସ୍ଥ ରହିବାରେ ସହାୟକ ହୋଇଥାଏ । ଶଙ୍ଖନାଦର ସୁପ୍ରଭାବକୁ ନେଇ ପ୍ରାଚୀନ ଗ୍ରନ୍ଥମାନେ ମୁଖର । ଅଥର୍ବ ବେଦ ଏବଂ ରଣବୀର ଭକ୍ତି ରତ୍ନାକରରେ ଏ ସମ୍ପର୍କରେ ରହିଛି ସୂଚନା । ଶଙ୍ଖ ଆମର ଜୀବନରୁ ବାଧାବିପତ୍ତି ଦୂର କରିବା ସହିତ ଶାନ୍ତି ରକ୍ଷା ଦିଗରେ ସହାୟତା କରିଥାଏ ବୋଲି ଅଥର୍ବ ବେଦ ଦର୍ଶାଇଥିବା ସ୍ଥଳେ ରଣବୀର ଭକ୍ତି ରତ୍ନାକରରେ କୁହାଯାଇଛି ଯେ ଶଙ୍ଖ ଧ୍ୱନି (ନାଦ) ଠାରୁ ବଡ଼ ମନ୍ତ୍ର ନାହିଁ । ଦେବତା ଏବଂ ଦାନବଙ୍କ ଦ୍ୱାରା ସମୁଦ୍ର ମନ୍ଥନରୁ ଉତ୍ପନ୍ନ ହୋଇଥିଲା ଅନେକ ଧନରତ୍ନ । ସେହି ରତ୍ନ ମଧ୍ୟରୁ ଶଙ୍ଖ ଅନ୍ୟତମ । ପଞ୍ଚଜନ୍ୟ ନାମକ ଏହି ଶଙ୍ଖର ଗୁଣରେ ପ୍ରଭାବିତ ହୋଇ ସ୍ୱୟଂ ବିଷ୍ଣୁ ଏହାକୁ ଧାରଣ କରିବା ପାଇଁ ମନୋନୀତ କରିନେଇଥିଲେ । ବିଷ୍ଣୁଙ୍କ ସ୍ୱରୂପ ଭାବେ ହିନ୍ଦୁମାନଙ୍କ ପୂଜାଘରେ ଶଙ୍ଖ ପୂଜା ପାଇଥାନ୍ତି । ଭାରତୀୟ ସାଂସ୍କୃତିକ ଜୀବନର ଏକ ଅଭିନ୍ନ ଅଂଶ ଶଙ୍ଖକୁ ଉଭୟ କଳା ଏବଂ ବାସ୍ତୁକଳାରେ ଉପଯୋଗ କରାଯାଇଥାଏ ।



## ବାସ୍ତୁ ଶାସ୍ତ୍ରରେ

# ମନ୍ଦାର ଫୁଲର ଅନେକ ମହତ୍ତ୍ୱ



**ବାସ୍ତୁ ଶାସ୍ତ୍ର ଅନୁସାରେ, ମନ୍ଦାର ଫୁଲକୁ ଘରର ଉତ୍ତର କିମ୍ବା ପୂର୍ବ ଦିଗରେ ଲଗାଇବା ଉଚିତ। ଏହାଦ୍ୱାରା ଘରକୁ ସକାରାତ୍ମକ ଶକ୍ତି ଆସିଥାଏ ଏବଂ ଘରେ ସୁଖ, ସମୃଦ୍ଧି ଓ ଶାନ୍ତିର ବାତାବରଣ ବଜାୟ ରହିଥାଏ। କେବଳ ଏତିକି ନୁହେଁ, ଔଷଧୀୟ ରୂପେ ମଧ୍ୟ ମନ୍ଦାର ଫୁଲର ବହୁତ ମହତ୍ତ୍ୱ ରହିଛି। ଏହାର ପତ୍ର ସେବନ କରିବା ଦ୍ୱାରା ଆଇରନ(ଲୌହସାର)ର ଅଭାବ ଦୂର ହୋଇଥାଏ। ଏଥି ସହିତ ମନ୍ଦାର ଫୁଲ ଓଜନ ହ୍ରାସ କରିବା ସହ ଅନେକ ରୋଗରେ ବି ଲାଭଦାୟକ ହୋଇଥାଏ।**

## ମହାଭାରତ ଯୁଦ୍ଧରେ

# ଧର୍ମର ହେଲା ଜୟ

ମହାଭାରତ ଯୁଦ୍ଧ ହେବା ନିଶ୍ଚିତ ହୋଇସାରିଥିଲା । ଶ୍ରୀକୃଷ୍ଣଙ୍କୁ ନିଜ ପକ୍ଷକୁ ଆଣିବା ଲାଗି ଦୁର୍ଯ୍ୟୋଧନ ଦ୍ୱାରିକାରେ ପହଞ୍ଚିଲା । ସେବକମାନେ ମନା କରିବା ସତ୍ତ୍ୱେ ସେ ଉଦଣ୍ଡତାପୂର୍ବକ ଶ୍ରୀକୃଷ୍ଣଙ୍କ ଶୟନ କକ୍ଷରେ ପହଞ୍ଚିଗଲା । ଶ୍ରୀକୃଷ୍ଣ ଶୋଇଥିଲେ । ଦୁର୍ଯ୍ୟୋଧନ ଶ୍ରୀକୃଷ୍ଣଙ୍କୁ ପାଦ ପାଖରେ ଥିବା ଖାଲି ସ୍ଥାନ ଦେଖି ସେଠାରେ ବସି ଅପେକ୍ଷା କଲେ। କିଛିକ୍ଷଣ ପରେ ସେ ଭାବିଲା, ମୁଁ ତ ରାଜା । କାହାର ପାଦ ପାଖରେ ବସିବା ମୋ ପକ୍ଷେ ଉଚିତ ନୁହେଁ । ଏହା ଭାବି ସେ ଉଠିଲା ଏବଂ ମୁଣ୍ଡ ପାଖରେ ବସି ଶ୍ରୀକୃଷ୍ଣଙ୍କ ନିଦ ଭାଙ୍ଗିବାକୁ ଅପେକ୍ଷା କଲା । ଅର୍ଜୁନ ମଧ୍ୟ ଶ୍ରୀକୃଷ୍ଣଙ୍କ ସହାୟତା ଚାହୁଁଥିଲେ । ସେ କିଛି ସମୟ ପରେ ଶ୍ରୀକୃଷ୍ଣଙ୍କ ଶୟନକକ୍ଷକୁ ଆସିଲେ । କିନ୍ତୁ ଶ୍ରୀକୃଷ୍ଣଙ୍କ ନିକଟରେ ଦୁର୍ଯ୍ୟୋଧନଙ୍କୁ ପୂର୍ବରୁ ବସିଥିବା ଦେଖି ନିରାଶ ହେଲେ। ଅର୍ଜୁନ ସରଳତା ପୂର୍ବକ ଶ୍ରୀକୃଷ୍ଣଙ୍କ ପାଦ ପାଖରେ ବସିଗଲେ । କିଛି ସମୟ ପରେ ଯେତେବେଳେ ଭଗବାନ କୃଷ୍ଣ ଆଖି ଖୋଲିଲେ, ସେ ପ୍ରଥମେ ଅର୍ଜୁନଙ୍କୁ ଦେଖିଲେ । ମାଧବ ପଚାରିଲେ, ତୁମେ କେତେବେଳେ ଆସିଲ ପାର୍ଥ ? ହାତଯୋଡ଼ି ଅର୍ଜୁନ କହିଲେ, ଏଇ ତ' ଏବେ ଆସିଲି । ଦୁର୍ଯ୍ୟୋଧନ ହଠାତ୍ କହିଲା, ମୁଁ ଅର୍ଜୁନଙ୍କ ପୂର୍ବରୁ ଆସି ବସିଛି । ଏଣୁ ପ୍ରଥମେ ଆପଣଙ୍କ ଉପରେ ମୋର ଅଧିକାର ରହିଛି । ଶ୍ରୀକୃଷ୍ଣ କହିଲେ, ହେଲେ ମୁଁ ତ' ପ୍ରଥମେ ଅର୍ଜୁନଙ୍କୁ ଦେଖିଲି । ତୁମେ ରାଜା ହୋଇଥିବା କାରଣରୁ ଅହଂକାରବଶତଃ ମୋ ମୁଣ୍ଡ ପାଖରେ ବସିଲ । ତୁମେ ସନ୍ଧିର ପ୍ରସ୍ତାବ ନେଇ ଆସିଥିଲ । ଅନୁରୋଧ କିମ୍ବା ସହାୟତା ଆଶା ନେଇ ଆସିଥିଲେ ତୁମେ ନିଶ୍ଚୟ ମୋର ପାଦ ପାଖରେ ବସିଥାନ୍ତ । କିନ୍ତୁ ଅର୍ଜୁନ ପ୍ରକୃତରେ ମୋର ସହାୟତା ଚାହେଁ, ସେଥିପାଇଁ ସେ ମୋ ପାଦ ପାଖରେ ବସିଲା । ସେ ସହାୟତାର ଅନୁରୋଧ ନେଇ ଆସିଥିଲା । ଏଣୁ ସେ ମୋର ପାଦ ପାଖରେ ବସିଲା । ଈଶ୍ୱର ସମସ୍ତଙ୍କୁ ମୁଣ୍ଡର ସମ୍ମୁଖ ଭାଗରେ ଆଖି ଦେଇଛନ୍ତି । ସେଥିପାଇଁ ଆଖି ଖୋଲିବା ମାତ୍ରେ ପାଦ ପାଖରେ ବସିଥିବା ଲୋକ ପ୍ରତି ପ୍ରଥମେ ନଜର ପଡ଼ିଥାଏ । ଶ୍ରୀକୃଷ୍ଣ ପୁଣି କହିଲେ, ସହାୟତା ପାଇଁ ଅନୁରୋଧ କରିବାକୁ ହେଲେ ପ୍ରଥମେ ଶିଷ୍ଟାଚାର ପାଳନ କରିବାକୁ ପଡ଼ିଥାଏ । କିନ୍ତୁ ତାହା ତୁମେ ପାଳନ କରିଲ ନାହିଁ ଦୁର୍ଯ୍ୟୋଧନ । ରାଜାଙ୍କ ଭଳି ବସି କେବଳ ଆଦେଶ ଦିଆଯାଇଥାଏ, ଅନୁରୋଧ କରାଯାଇନଥାଏ । ଦୁର୍ଯ୍ୟୋଧନ ଏଥର ନିଜ ଭୁଲ୍ ବୁଝିପାରିଲେ । ଶିଷ୍ଟାଚାର ପାଳନ କରିନଥିବାରୁ କୃଷ୍ଣ କିନ୍ତୁ ତାଙ୍କୁ ଖାଲି ହାତରେ ଫେରାଇ ଦେଲେ ନାହିଁ । ତାଙ୍କ ଅନୁରୋଧ ଶୁଣିଲେ । ଯୁଦ୍ଧରେ ଶ୍ରୀକୃଷ୍ଣ ଭାଗ ନେବା ଲାଗି ମନା କରିଦେଲେ । ସେ କେବଳ ପରାମର୍ଶ ଦେବା ଲାଗି ରାଜି ହେଲେ । ଦୁର୍ଯ୍ୟୋଧନ ଅହଂକାର ବଳରେ ନାରାୟଣୀ ସେନାର ସହାୟତା ମାଗିଲା । ଶ୍ରୀକୃଷ୍ଣ ଏଥିରେ ରାଜି ହୋଇଗଲେ । ଦୁର୍ଯ୍ୟୋଧନ ପ୍ରସନ୍ନ ହେଲା । ଅର୍ଜୁନଙ୍କ ମୁଖରେ ସ୍ମିତହାସ୍ୟ ଥିଲା । କାରଣ ସେ ଜାଣିଥିଲେ ଶ୍ରୀକୃଷ୍ଣଙ୍କ ତୁଳନାରେ ଲକ୍ଷ ଲକ୍ଷ ସୈନିକ ମଧ୍ୟ ସମାନ ହେବେ ନାହିଁ । ଶ୍ରୀକୃଷ୍ଣଙ୍କୁ ପାଇ ଅର୍ଜୁନ ଭାବୁଥିଲେ, ମୋତେ ସତ୍ୟ, ଧର୍ମ ଏବଂ ନ୍ୟାୟର ସହାୟତା ମିଳିଯାଇଛି । ଏଣୁ ମହାଭାରତ ଯୁଦ୍ଧରେ ଧର୍ମ, ଅର୍ଥାତ୍ ପାଣ୍ଡବମାନଙ୍କର ହିଁ ଜୟ ହେବ । ଶେଷରେ ତାହା ହିଁ ହେଲା ।"



## ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ସାମିଲ ହେଲେ ମନ୍ତ୍ରୀ



କୁଚିଣ୍ଡାଡା (ନିପ୍ର): ସମଗ୍ର ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ଚାଲିଥିବା ବେଳେ ବୁଧବାର ସମ୍ବଲପୁର ଜିଲ୍ଲା କୁଚିଣ୍ଡାରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଏହି ପ୍ରକ୍ରିୟାରେ ନିଜେ ସାମିଲ ହୋଇଛନ୍ତି । ସହକାରୀ ପଞ୍ଜିକରଣ ଅଧିକାରୀ ତଥା କୁଚିଣ୍ଡା ବିଡ଼ିଓ ଜୟନ୍ତ ସାହୁଙ୍କ ନେତୃତ୍ୱରେ ଅତିରିକ୍ତ ବିଡ଼ିଓ ଜଗମୋହନ କିଷାନ, ସୁପରଭାଇଜର ତପସ୍ୟା ବାଘ ପ୍ରମୁଖ ମନ୍ତ୍ରୀ ନାଏକଙ୍କ କୁଚିଣ୍ଡା ସ୍ଥିତ ବାସଭବନକୁ ଯାଇ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରକ୍ରିୟାରେ ଭୋଟର ତାଲିକାରେ ଥିବା ନମ୍ବର ସହ ଆଧାର ଯାଞ୍ଚ କରି ପଞ୍ଜିକରଣ କରିଥିଲେ । ଏହି ଅବସରରେ ମନ୍ତ୍ରୀ ନାଏକ କହିଛନ୍ତି,ଏହା ଦ୍ୱାରା ଜଣେ ବ୍ୟକ୍ତି ସଠିକ ନାଗରିକ ଭାବେ ଚିହ୍ନଟ ହେବାସହ ଜଣେ ଭାରତୀୟ ନାଗରିକ ଭାବେ ସ୍ୱୀକୃତି ପାଇବାର ଏକ ପ୍ରକ୍ରିୟା । ପ୍ରକାଶ ଥାଉକି, ମନ୍ତ୍ରୀ ନାଏକଙ୍କ ନିଜ ବୁଥ କୁଚିଣ୍ଡା ବ୍ଲକର ଖଣ୍ଡୋକଟା ହୋଇଥିବାରୁ ସଂପୃକ୍ତ ବୁଥର ବିଏଲଓ ଏବଂ ସୁପରଭାଇଜର ସାମିଲ ହୋଇଥିଲେ ।

## ନୂତନ ପ୍ରଧାନଶିକ୍ଷୟତ୍ରୀ ଓ ଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଧାମନଗର,: ଧାମନଗର ବ୍ଲକ ଅନ୍ତର୍ଗତ ଫଳପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଆଜି ଏକ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ୧୯୧୪ ମସିହାରେ ସ୍ଥାପିତ ଏହି ସମ୍ମାନଜନକ ଶିକ୍ଷାନୁଷ୍ଠାନରେ ନୂତନ ପ୍ରଧାନଶିକ୍ଷୟତ୍ରୀ ଭାବେ ସଙ୍ଗୀତା ପ୍ରିୟା ଦାସ ଆନୁଷ୍ଠାନିକ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଏହି ଅବସରରେ ଦୁଇଜଣ ନୂତନ ଶିକ୍ଷକ, ଯଥା - ଟି.ଜି. ଶିକ୍ଷକ ପଦ୍ମଲୋଚନ ସାହୁ ଏବଂ ସଂସ୍କୃତ ଶିକ୍ଷୟତ୍ରୀ ସୁପ୍ରଭା ସାହୁଙ୍କୁ ମଧ୍ୟ ବିଦ୍ୟାଳୟ ପରିବାର ପକ୍ଷରୁ ସ୍ୱାଗତ କରାଯାଇଥିଲା । କାର୍ଯ୍ୟଭାର ଗ୍ରହଣ ସମୟରେ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ପ୍ରଭାତ ମହାନ୍ତି, ପୂର୍ବତନ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅଭିଷେକ ମହାପାତ୍ର ଏବଂ ଅନ୍ୟାନ୍ୟ ବରିଷ୍ଠ ଶିକ୍ଷକ-ଶିକ୍ଷୟତ୍ରୀ ଯଥା - ଅନନ୍ତ ମିଶ୍ର, ଅବନୀ ରାଉତ, ମନୋରଞ୍ଜନ ଦାଶ, ଜୟସ୍ମିତା ନାୟକ, ସୁନୀତା ମିଶ୍ର ଓ ମିନତି ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ନୂତନ ଭାବେ ଯୋଗଦେଇଥିବା ଶିକ୍ଷକ-ଶିକ୍ଷୟତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ । ଏଥିସହିତ ପୁରାତନ ଛାତ୍ରଛାତ୍ରୀମାନେ ଯୋଗଦେଇ ଉତ୍ସାହ ପ୍ରକାଶ କରିଥିଲେ । ନୂତନ ପ୍ରଧାନଶିକ୍ଷୟତ୍ରୀ ଶ୍ରୀମତୀ ଦାସ ନିଜର ପ୍ରତିକ୍ରିୟାରେ କହିଥିଲେ ଯେ, ବିଦ୍ୟାଳୟର ଶିକ୍ଷାଦାନର ମାନ ବୃଦ୍ଧି, ଛାତ୍ରଛାତ୍ରୀଙ୍କ ଶୃଙ୍ଖଳା ଏବଂ ଅନୁଷ୍ଠାନର ସର୍ବାଙ୍ଗୀନ ବିକାଶ ପାଇଁ ସେ ସର୍ବଦା ପ୍ରୟାସ କରିବେ । ଏହି ଲକ୍ଷ୍ୟ ପୂରଣରେ ସେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ।

## ଅଣବନ୍ଦୀ ସ୍ୱାଧୀନତା ସଂଗ୍ରାମୀଙ୍କ ୨୭ତମ ଶ୍ରାଦ୍ଧ ବାର୍ଷିକୀ

କାକଟପୁର(ନିପ୍ର): କାକଟପୁର ବ୍ଲକ ଅଧିନସ୍ଥ ନାଶିକେଶ୍ୱର ଶାସନର ସ୍ୱର୍ଗତ ଅଣବନ୍ଦୀ ସ୍ୱାଧୀନତା ସଂଗ୍ରାମୀ, କାକଟପୁର ବ୍ଲକର ପୂର୍ବତନ ଅଧକ୍ଷ ଏବଂ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ ବ୍ରହ୍ମାନନ୍ଦ କରଙ୍କ ୨୭ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି । ଏହି ଅବସରରେ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ସଭାପତି ଅମୀୟ କୁମାର ପଟ୍ଟନାୟକ , ସମିତିର ପୂର୍ବତନ ସାଧାରଣ ସମ୍ପାଦକ ନିରୋଦ ବରଣ ମହାନ୍ତି , ଶିକ୍ଷାବିତ ବୈଦ୍ୟନାଥ ମହାନ୍ତି, ହୃଷିକେଶ ରାଉତ, ବ୍ରଜବନ୍ଧୁ ସ୍ୱାଇଁ, ପ୍ରମୋଦ କୁମାର ନାୟକ, ରବୀନ୍ଦ୍ର କୁମାର ମହାନ୍ତି, ସ୍ୱର୍ଗତ କରଙ୍କ ପୁତ୍ର ବରିଷ୍ଠ ଆଇନଜୀବି ଚିତ୍ତରଞ୍ଜନ କର, ଭୋଳାନାଥ ସ୍ୱାଇଁ, ଅଶୋକ କୁମାର ଶତପଥୀଙ୍କ ସମେତ ବହୁ ବୁଦ୍ଧିଜୀବୀ, ସମାଜସେବୀ କାର୍ଯ୍ୟକ୍ରମରେ ଯୋଗ ଦେଇ ସ୍ୱର୍ଗତକରଙ୍କ କର୍ମମୟ ଜୀବନ ଶୈଳୀ , ଅଞ୍ଚଳର ବିକାଶ ପ୍ରତି ତାଙ୍କର ଭୂମିକା ଓ ତ୍ୟାଗ ଉପରେ ଆଲୋକପାତ କରିବା ସହିତ ଶ୍ରୀ କର କାକଟପୁର ବ୍ଲକ ଅଧକ୍ଷ ଥିବା ସମୟରେ ଅଞ୍ଚଳରେ ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ ସହ ଯେଉଁ ସବୁ ଜନକଲ୍ୟାଣ କାର୍ଯ୍ୟ କରିଯାଇଛନ୍ତି ତାହା ଅବିସ୍ମରଣୀୟ ବୋଲି ବହୁ ବକ୍ତା କହିଥିଲେ । ବାଙ୍ଗୁରୀଗାଁର ବୀରଭଦ୍ର ବିଦ୍ୟାପୀଠ, ବାଙ୍ଗୁରୀଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର , କଣିଆଁ ଓ ତରପଦାରେ ପ୍ରାଥମିକ ବିଦ୍ୟାଳୟ ସ୍ୱର୍ଗତ କରଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ବେଳେ କାକଟପୁର ସରକାରୀ ହାଇସ୍କୁଲ, କାକଟପୁର ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା ବେଳେ ସ୍ୱର୍ଗତକର ଜଣେ ସକ୍ରିୟ ପ୍ରତିଷ୍ଠାତା ସଭ୍ୟ ଥିଲେ ବୋଲି ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ସଭାପତି ଅମୀୟ କୁମାର ପଟ୍ଟନାୟକ କହିଥିଲେ ।

## ଓମ୍ ଶାନ୍ତି ପକ୍ଷରୁ ଗ୍ରୀଷ୍ମ କାଳୀନ ଶିଶୁ ଶିବିର

ଦାମନଯୋଡି, (ନିପ୍ର): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ (ଓମ୍ ଶାନ୍ତି) ଦାମନଯୋଡି କେନ୍ଦ୍ର ପକ୍ଷରୁ ତିନିଦିନ ଧରି ଗ୍ରୀଷ୍ମ କାଳୀନ ଶିଶୁ ଶିବର ଅନୁଷ୍ଠିତ ହୋଇଯାଇଛି । ଦାମନଯୋଡି କେନ୍ଦ୍ରର ମୁଖ୍ୟ ବ୍ରହ୍ମାକୁମାରୀ କବିତା ଭଉଣୀଙ୍କ ତତ୍ତ୍ୱାବଧାନରେ ଗତ ରବିବାର ଅପରାହ୍ନରେ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା ବେଳେ ମଙ୍ଗଳବାର ସନ୍ଧ୍ୟାରେ ହର୍ଷ ଉଲ୍ଲାସରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା । ନାଲକୋର ମୁଖ୍ୟ ମହାପ୍ରବନ୍ଧକ ଦୁର୍ଯ୍ୟୋଧନ ବେହେରା ମୁଖ୍ୟ ଅତିଥି ଓ ଭାରତୀୟ ଷ୍ଟେଟ ବ୍ୟାଙ୍କ, ଦାମନଯୋଡି ଶାଖାର ମୁଖ୍ୟ ପରିଚାଳକ ଶୁଭ୍ରାଂଶୁ ଭୂଷଣ ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମ ଅନ୍ତର୍ଗତ ପିଲାମାନଙ୍କୁ ଧ୍ୟାନ, ଯୋଗ, ପ୍ରାଣାୟାମ ମାଧ୍ୟମରେ କିପରି ନିଜ ମନ ଶରୀରକୁ ସ୍ଥିର ରଖି ପାଠପଢ଼ାରେ ଉପଯୋଗ କରିହେବ ସେ ସମ୍ପର୍କରେ ବୁଝା ଯାଇଥିଲା । ବିଭିନ୍ନ କ୍ଷୁଦ୍ର ଚଳଚ୍ଚିତ୍ର ମାଧ୍ୟମରେ ମୋବାଇଲ ବ୍ୟବହାର ର କୁପରିଣାମ ପ୍ରଦର୍ଶିତ କରିବା ସହିତ ତା ଠାରୁ ଦୂରେଇ ରହିବାର ଉପାୟ ମାନ ପିଲାମାନଙ୍କୁ ଅବଗତ କରାଯାଇଥିଲା ।

## ବରିଷ୍ଠ ନାଗରିକ ମଞ୍ଚ ନୂତନ କର୍ମକର୍ତ୍ତା



ନିମାପଡ଼ା,(ନି.ପ୍ର.): ନିମାପଡ଼ା ବରିଷ୍ଠ ନାଗରିକ ମଞ୍ଚର ଏକ ସ୍ୱତନ୍ତ୍ର ଅଧିବେଶନରେ ନୂତନ କର୍ମକର୍ତ୍ତା ନିର୍ବାଚନ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ୨ ବର୍ଷ ନିମନ୍ତେ ନୂତନ କର୍ମକର୍ତ୍ତାଗଣ ମଞ୍ଚ କାର୍ଯ୍ୟକୁ ଆଗେଇ ନେବା ପାଇଁ ପ୍ରତିଶ୍ରୁତି ଦେଇ ସମସ୍ତ ସଭ୍ୟ/ସଭ୍ୟାଙ୍କୁ ଧନ୍ୟବାଦ ଜଣାଇଥିଲେ । ସଭାପତି ବିବେକାନନ୍ଦ ପାତ୍ର, ଉପ-ସଭାପତି ସୁରେନ୍ଦ୍ର ସାହୁ, ସାଧାରଣ ସଂପାଦକ ଦୀନବନ୍ଧୁ ମଲ୍ଲିକ, ଯୁଗ୍ମ ସଂପାଦକ ସୁବାଷ ଚନ୍ଦ୍ର ନାୟକ, କୋଷାଧ୍ୟକ୍ଷ ବନ ବିହାରୀ ନାୟକ ମନୋନୀତ ହୋଇଥିବା ବେଳେ ପରିଚାଳନା କମିଟିକୁ ୧୦ ଜଣ ସଭ୍ୟଙ୍କୁ ମନୋନୀତ କରାଯାଇଥିଲା । ଉକ୍ତ କମିଟି ୨୦୨୭ ଡ଼ିସେମ୍ବର ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ବୋଲି ସୂଚନା ଦିଆଯାଇ ନିମାପଡ଼ା ଜନସାଧାରଣ ଏବଂ ବରିଷ୍ଠ ବ୍ୟକ୍ତି ବିଶେଷଙ୍କ ସ୍ୱାର୍ଥ ରକ୍ଷା ନିମନ୍ତେ ଅଗ୍ରାଧିକାର ଦେବ ବୋଲି ନୂତନ ସଭାପତି ଶ୍ରୀ ପାତ୍ର ବକ୍ତବ୍ୟ ପ୍ରଦାନ କରିଥିଲେ । ପୂର୍ବତନ କମିଟିକୁ ଭଙ୍ଗ କରାଯାଇ ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ କରି ବରିଷ୍ଠ ସଭ୍ୟ ଗଦାଧର ପରିଡ଼ା, ଶରତ ସ୍ୱାଇଁ ଏବଂ ପ୍ରସନ୍ନ ଦାଶ ପ୍ରମୁଖ ଶୃଙ୍ଖଳାର ସହ ନିର୍ବାଚନ ପରିଚାଳନା କରିଥିଲେ ।

### ଶ୍ରୀମନ୍ଦିର ପ୍ରଶାସନର ଏସି ବସ୍ ସେବା ବିପର୍ଯ୍ୟସ୍ତ

# ସଠିକ ସମୟରେ ଆସୁନି ଗାଡି, ବେପରୁଆ ଗାଡ଼ି ଚାଳନା ଯୋଗୁଁ ଅତିଷ୍ଠ ଯାତ୍ରୀ




କାକଟପୁର(ନିପ୍ର): ପୁରୀ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଳୁ ଓ ଯାତ୍ରୀମାନଙ୍କ ସୁବିଧା ନିମନ୍ତେ ପୁରୀରୁ କାକଟପୁର ମା' ମଙ୍ଗଳା ମନ୍ଦିର ପର୍ଯ୍ୟନ୍ତ ଆରମ୍ଭ କରାଯାଇଥିବା 'ଜଗନ୍ନାଥ ଶୀତତାପ ନିୟନ୍ତ୍ରିତ (ଏସି) ୭୫ ନମ୍ବର ବସ ସେବା' ଏବେ ସମ୍ପୂର୍ଣ୍ଣ ପ୍ରହସନରେ ପରିଣତ ହୋଇଛି । ଯେଉଁ ଉଦ୍ଦେଶ୍ୟରେ ଏହି ସେବା ଆରମ୍ଭ ହୋଇଥିଲା, ତାହା ଏବେ ବାଟବଣା ହୋଇଥିବା ବେଳେ ସାଧାରଣ ଯାତ୍ରୀ ଓ ପର୍ଯ୍ୟଟକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅଭିଯୋଗ ଅନୁଯାୟୀ, ଏହି ଏସି ବସ ସେବାଟି ନିୟମିତ ସମୟରେ ଚାଲୁନାହିଁ । ଯଦିଓ ଅନ ଲାଇନରେ ସମୟ ଜାଣିବାର ବ୍ୟବସ୍ଥା ଅଛି କିନ୍ତୁ ତାହା ଉପଯୋଗୀ ହୋଇ ପାରୁ ନାହିଁ କି ସଠିକ ସମୟରେ ଗାଡି ଆସି ପାରୁ ନାହିଁ, ମନ ଇଛା ସମୟରେ ଗାଡି ଆସୁଛି ଏବଂ ଯାଉଛି ଯାହା ଦ୍ୱାରା ଯାତ୍ରୀ ମାନେ ହଇରାଣ ହେଉଛନ୍ତି, ବସର କର୍ମଚାରୀମାନେ ଦୁଇ ଦ୍ୱାର ବନ୍ଦ କରି ଏ.ସିର ସୁବିଧା ନେଉଥିବା ବେଳେ ଯାତ୍ରୀ ମାନେ ଖରାରେ ଛିଡା ହେଉଛନ୍ତି, ଦୁଇ ମିନଟ ପୂର୍ବରୁ ଦ୍ୱାର ଖୋଲା ଯାଉଛି ତେବେ ପ୍ରଶ୍ନ ଉଠେ ଯେ ଯାତ୍ରୀ ମାନଙ୍କ ପାଇଁ ଏ ଏସି ବସର ସୁବିଧା ନାଁ କର୍ମଚାରୀ ମାନଙ୍କ ପାଇଁ । ଏଥି ପାଇଁ କିଏ ଦାୟୀ, ସବୁଦିନ ସଠିକ ସମୟରେ ଗାଡି ନଆସିବା ଯୋଗୁଁ ମା' ମଙ୍ଗଳାଙ୍କ ଦର୍ଶନ ପାଇଁ ଏବଂ ଦୈନନ୍ଦିନ ଯାତାୟାତ କରୁଥିବା ବିଭିନ୍ନ ସରକାରୀ କାର୍ଯ୍ୟରେ ନିୟୋଜିତ କର୍ମଚାରୀ ମାନେ ଘଣ୍ଟା ଘଣ୍ଟା ଅପେକ୍ଷା କରି ନିରାଶ ହେଉଛନ୍ତି । ଏ ସମ୍ପର୍କରେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ କି କେହି ଏଥିପାଇଁ ଦାୟିତ୍ୱ ନେବାକୁ ପ୍ରସ୍ତୁତ ନାହାନ୍ତି । ଅନ୍ୟପଟେ, ବସରେ ନିୟୋଜିତ ଥିବା କର୍ମଚାରୀମାନଙ୍କ ବ୍ୟବହାରକୁ ନେଇ ମଧ୍ୟ ଗୁରୁତର ଅଭିଯୋଗ ଆସିଛି । ଯାତ୍ରୀଙ୍କ ସହ ସେମାନଙ୍କ ଅଶାଳୀନ ବ୍ୟବହାର ଏବଂ ସବୁଠାରୁ ଉଦ୍‌ବେଗଜନକ ବିଷୟ ହେଉଛି ଚାଳକଙ୍କ ବେପରୁଆ ଗାଡ଼ି ଚାଳନା ନିୟମକୁ ଜଳାଞ୍ଜଳି ଦେଇ ଅତି ଦ୍ରୁତ ଗତିରେ ବସ ଚଳାଯାଉଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି ଏବଂ ବହୁ ଜନଜୀବନ କ୍ଷତି ହେଉଥିବା ଖବର ପ୍ରତିଦିନ ଗଣମାଧ୍ୟମରେ ପ୍ରକାଶ ପାଉଛି । ଯାତ୍ରୀଙ୍କ ସୁରକ୍ଷା ଓ ସୁବିଧାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ଏବଂ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବା ସହିତ ବସ ସେବାକୁ ନିୟମିତ କରିବା ଏବଂ ବେପରୁଆ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଯାତ୍ରୀମାନେ ଦୃଢ଼ ଦାବୀ କରିଛନ୍ତି ।

## ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କଲେ ମୁଖ୍ୟ ନିର୍ବାଚନ ଅଧିକାରୀ



କଟକ,(ନିପ୍ର): ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟର ଅଗ୍ରଗତି ନେଇ ମୁଖ୍ୟ ନିର୍ବାଚନ ଅଧିକାରୀ ଆର. ଏସ୍. ଗୋପାଳନ ସମୀକ୍ଷା କରି ନିର୍ବାଚନ ମଣ୍ଡଳୀ ଅନୁଯାୟୀ ଏନୁମରେସନ୍ ଫର୍ମ ବଣ୍ଟନ, ସଂଗ୍ରହ ଓ ଡିଜିଟାଇଜେସନ୍ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅବଗତ ହୋଇଥିଲେ । ଜିଲ୍ଲାରେ ବୁଧବାର ସୁଦ୍ଧା ମୋଟ ୯୩ ପ୍ରତିଶତ ଏନୁମରେସନ୍ ଫର୍ମ ବଣ୍ଟନ କାର୍ଯ୍ୟ ସମ୍ପନ୍ନ ହୋଇଛି । ଜିଲ୍ଲାର ୯ଟି ଯାକ ବିଧାନସଭା ନିର୍ବାଚନମଣ୍ଡଳୀରେ ବୁଥ୍ ସ୍ତରୀୟ ଅଧିକାରୀମାନେ ଘର ଘର ବୁଲି ଭୋଟରମାନଙ୍କୁ ଫର୍ମ ପ୍ରଦାନ କରୁଛନ୍ତି । ବାଙ୍କୀ ବିଧାନସଭା ନିର୍ବାଚନମଣ୍ଡଳୀରେ ସର୍ବାଧିକ ଫର୍ମ ବଣ୍ଟନ କରାଯାଇଥିବାବେଳେ ଏହା ପଛକୁ କଟକ ସଦର ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି । ଶ୍ରୀ ଗୋପାଳନ ସମସ୍ତ ନିର୍ବାଚନ ମଣ୍ଡଳୀରେ ଧାର୍ଯ୍ୟ ସମୟ ମଧ୍ୟରେ ଏନୁମରେସନ୍ ଫର୍ମ ବଣ୍ଟନ, ସଂଗ୍ରହ ଓ ଡିଜିଟାଇଜେସନ୍ କାର୍ଯ୍ୟ ଶେଷ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ସଠିକ୍, ସ୍ୱଚ୍ଛ ଓ ସମୟବଦ୍ଧ ଭାବେ ସମାପ୍ତ କରିବା ପାଇଁ ସେ ନିର୍ବାଚନ କର୍ମଚାରୀମାନଙ୍କୁ ଆହ୍ୱାନ ଦେଇଥିଲେ । କେତେକ ସ୍ଥାନରେ ଭୋଟରମାନେ ସ୍ଥାନ ପରିବର୍ତ୍ତନ କରିଥିବାରୁ ସେମାନଙ୍କୁ ଚିହ୍ନଟ କରି ଏନୁମରେସନ୍ ଫର୍ମ ପହଞ୍ଚାଇବାରେ ସାମାନ୍ୟ ସମସ୍ୟା ସୃଷ୍ଟି ହେଉଛି । ତେବେ ଯେଉଁ ଯୋଗ୍ୟ ଭୋଟରମାନେ ଏପର୍ଯ୍ୟନ୍ତ ଫର୍ମ ପାଇନାହାନ୍ତି, ସେମାନେ ନିକଟସ୍ଥ ବିଏଲଓଙ୍କ ସହ ଯୋଗାଯୋଗ କରି ନିଜର ଏନୁମରେସନ୍ ଫର୍ମ ପୂରଣ କରିବାକୁ ପରାମର୍ଶ ଦିଆଯାଇଛି । ଏଥିସହ ମୋବାଇଲ ଆପ୍ ମାଧ୍ୟମରେ ମଧ୍ୟ ଅତ୍ୟନ୍ତ ସହଜ ଓ କମ୍ ସମୟ ମଧ୍ୟରେ ଏନୁମରେସନ୍ ଫର୍ମ ପୂରଣ କରାଯାଇପାରୁଥିବାରୁ ଭୋଟରମାନେ ନିଜେ ନିଜେ ଅନଲାଇନ୍ ମାଧ୍ୟମରେ ଫର୍ମ ପୂରଣ କରିବାକୁ ଅନୁରୋଧ କରାଯାଇଛି । ଜିଲ୍ଲାର ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀର ବିଏଲଓମାନେ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ତତ୍ପରତାର ସହ ନିୟୋଜିତ ରହି କାର୍ଯ୍ୟ କରୁଛନ୍ତି । ଏହି ସମୀକ୍ଷା ବୈଠକରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ସ୍ୱତନ୍ତ୍ର ସଚିବ ସୁଶାନ୍ତ କୁମାର ମିଶ୍ର, କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଅତିରିକ୍ତ ଜିଲ୍ଲାପାଳ କମଲଜିତ୍ ଦାସ, ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଲୋଚନ ମହାନ୍ତ, ଡେପୁଟୀ ସିଇଓ ଲକ୍ଷ୍ମୀ ପ୍ରସାଦ ସାହୁ, ଡେପୁଟୀ ସିଇଓ ଅନାମିକା ସିଂହଙ୍କ ସମେତ ଜିଲ୍ଲାର ୯ଟି ଯାକ ବିଧାନସଭା ନିର୍ବାଚନମଣ୍ଡଳୀର ନିର୍ବାଚକ ପଞ୍ଜିକରଣ ଅଧିକାରୀ ଓ ସହାୟକ ନିର୍ବାଚକ ପଞ୍ଜିକରଣ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଏସଆଇଆର ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଲେ କେନ୍ଦ୍ରାପଡ଼ା ବିଧାୟକ



କେନ୍ଦ୍ରାପଡ଼ା(ନିପ୍ର): ଗୁଲନଗର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସୁଜାନଗର ଗ୍ରାମର ଶ୍ରୀ ମଦନମୋହନଜୀଉଙ୍କ ପ୍ରାଙ୍ଗଣରେ ୧୩୮ ନମ୍ବର ବୁଥରେ ଏକ ଏସଆଇଆର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଯୋଗଦେଇ ଭୋଟରମାନଙ୍କୁ ଏସଆଇଆର ପ୍ରକ୍ରିୟା ସମ୍ପର୍କରେ ସଚେତନ କରିଥିଲେ । ବିଧାୟକ ଶ୍ରୀ ବେହେରା କହିଥିଲେ ଯେ, ବିଭିନ୍ନ ବୁଥରେ ଭୋଟର ସଂଖ୍ୟା ଅନୁପାତରେ ପର୍ଯ୍ୟାପ୍ତ ସଂଖ୍ୟାର ଇଖଡ଼ ନଥିବାରୁ କାର୍ଯ୍ୟରେ ସମସ୍ୟା ସୃଷ୍ଟି ହେଉଛି । ଯଦି ଆବଶ୍ୟକ ପରିମାଣରେ ବିଏଲଓ ନିଯୁକ୍ତ କରାଯାଏ, ତେବେ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହୋଇପାରିବ ବୋଲି ସେ ମତ ପ୍ରକାଶ କରିଥିଲେ । ଏହି ସଚେତନତା ସଭାରେ ମୃତ୍ୟୁଞ୍ଜୟ ସାହୁ, ପୀତବାସ ବେହେରା, ଭରତ ଚନ୍ଦ୍ର ସାହୁ, ରବୀନ୍ଦ୍ର ସାହୁ, ସୁଶାନ୍ତ କୁମାର ଦାସ, ସନାତନ ଚୌଧୁରୀ, ସରୋଜ ସାହୁ, ସୁଜାତା ସାହୁ, ପ୍ରଫୁଲ୍ଲ କର, ରମେଶ ଚନ୍ଦ୍ର ପାତ୍ର, ହଳଧର ସାହୁଙ୍କ ସମେତ ଅନେକ ସ୍ଥାନୀୟ ବ୍ୟକ୍ତି ଉପସ୍ଥିତ ଥିଲେ । ଭରତ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିବା ବେଳେ କୁମାରେଶ ସାହୁ ସଭା ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଭୋଟର ତାଲିକା ସଂଶୋଧନ ଓ ଭୋଟରମାନଙ୍କ ସଚେତନତା ବୃଦ୍ଧି ଉପରେ ବିଶେଷ ଆଲୋଚନା କରାଯାଇଥିଲା ।

## ଯୁବ ସାମ୍ବାଦିକ ପବିତ୍ର ଗୌଡଙ୍କ ଶ୍ରଦ୍ଧାଞ୍ଜଳି ସଭା



ଭୁବନେଶ୍ୱର:(ନିପ୍ର):ଦୈନିକ ସମ୍ବାଦପତ୍ର "ପ୍ରମେୟ'ର ସାମ୍ବାଦିକ ପବିତ୍ର ଗୌଡଙ୍କର ପରଲୋକରେ ଏକ ଶ୍ରଦ୍ଧାଞ୍ଜଳି ସଭା ବୁଧବାର ପୂର୍ବାହ୍ନରେ ସ୍ଥାନୀୟ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି ।ସଭାରେ ପ୍ରଦ୍ୟୁମ୍ନ ଶତପଥୀ, ବରିଷ୍ଠ ସାମ୍ବାଦିକ ପବିତ୍ର ମୋହନ ସାମନ୍ତରାୟ, ସମ୍ପାଦକ ପର୍ଯ୍ୟବେକ୍ଷକ, ସୁଧାଂଶୁ ମହାପାତ୍ର, ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର, ସୁଜ୍ଞାନ ଚୌଧୁରୀ, ସଭାପତି ଓଡିଶା କର୍ମଜୀବୀ ସାମ୍ବାଦିକ ସଂଘ, ସୁଭାଶିଷ ମିଶ୍ର, ସମ୍ପାଦକ, ଦୈନିକ ପ୍ରତିକାର, ସୌମିତ୍ର କର ସାମ୍ବାଦିକ,ଦିଲ୍ଲୀପ ହାଲି, ସିନେ ସାମ୍ବାଦିକ ଓ ସମୀକ୍ଷକ, ଅଜୟ ସ୍ୱାଇଁ, ବିଶିଷ୍ଟ କଥାକାର,ଗାଳ୍ପିକ, ମନୋଜ ସେଠ, ସମ୍ପାଦକ ସମାଜ ଆଇନା,ପ୍ରମୋଦ କିଶୋର ପରିଡା, ବିଶିଷ୍ଟ ସାମ୍ବାଦିକ ଓ ସମାଜସେବୀ, ଅରବିନ୍ଦ ତ୍ରିପାଠୀ, ସାମ୍ବାଦିକ ତଥା ମୁଖପାତ୍ର ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ଅକ୍ଷୟ ସ୍ୱାଇଁ, କବି, ସାମ୍ବାଦିକ, ସତ୍ୟପାଣି ଗ୍ରାହୀ, ସାମ୍ବାଦିକ, ରାଜେଶ କୁମାର ମହାନ୍ତି, ନିର୍ଦ୍ଦେଶକ ରାଜ ଇଣ୍ଡିଆ, ଜାନକୀ ବଲ୍ଲଭ ଧଳ, ସାମ୍ବାଦିକ, ରାକେଶ କୁମାର ହୋତା, ସାମ୍ବାଦିକ, ଦିଲୀପ ସାବତ, ସାମ୍ବାଦିକ, ଗୁରୁପଦ ନାଥ, ସାମ୍ବାଦିକ, କିଶନ୍ ବରାଇ, ସାମ୍ବାଦିକ, ରମେଶ କୁମାର ମହାପାତ୍ର, ସମ୍ପାଦକ, ଅରଭାନୀ ସମୟ, ଦିଲ୍ଲୁ ସାହୁ, ବରିଷ୍ଠ ସାମ୍ବାଦିକ, ଦିଲ୍ଲୀପ ସୁବୁଦ୍ଧି ବରିଷ୍ଠ ସାମ୍ବାଦିକ, ମନୋରଞ୍ଜନ ମହାନ୍ତି, ବରିଷ୍ଠ ସାମ୍ବାଦିକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଗୌଡଙ୍କର ଆଦର୍ଶ ସାମ୍ବାଦିକତା ସମ୍ପର୍କରେ ଆଲୋକପାତ କରିଥିଲେ ।

## ସର୍ବୋଚ୍ଚ ନ୍ୟାୟାଳୟଙ୍କ 'ସମାଧାନ ସମାରୋହ - ୨୦୨୬' ବିଶେଷ ଲୋକ ଅଦାଲତ ପାଇଁ ଆବେଦନ

କଟକ(ନିପ୍ର) : ଭାରତର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଏକ ବିଶେଷ ଲୋକ ଅଦାଲତ ଆସନ୍ତା ଜୁନ ୨୧,୨୨,୨୩ ତାରିଖରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ନୂଆଦିଲ୍ଲୀରେ ଆୟୋଜିତ ହେବାକୁ ଯାଉଛି । ଏହି ପ୍ରକ୍ରିୟାରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଠାରେ ବିଚାରାଧୀନ ଥିବା ପାରିବାରିକ , ବିବାହ , ଦୁର୍ଘଟଣାଜନିତ କ୍ଷତିପୁରଣ ମାମଲା, ଧନାଦେଶ ଅଗ୍ରାହ୍ୟ (ଚେକ୍ ବାଉନ୍ସ ) ମାମଲା , ଶ୍ରମ ବିବାଦ , ଭୂ – ଅଧିଗ୍ରହଣ ଜନିତ ମାମଲା ରଫାଯୋଗ୍ୟ ଫୌଜଦାରୀ ମାମଲା ଓ ଆପୋଷ ବୁଝାମଣାଦ୍ୱାରା ସମାପ୍ତ ହୋଇପାରୁଥିବା ସମ୍ଭାବ୍ୟ ଉପଯୁକ୍ତ ଅନ୍ୟାନ୍ୟ ମାମଲାଗୁଡିକ ଫଇସଲା କରାଯିବ । ଅଧିକ ସୂଚନା ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, କଟକ, ଫୋନ ନଂ- ୦୬୭୧-୨୩୬୮୩୮୩ , ୮୪୮୦୮୩୧୮୩୧ , ଇ- ମେଲରେ ଯୋଗାଯୋଗ କରିପାରିବେ । ଏଥିରେ ଆଇନଜୀବୀ, ମକଦ୍ଦମାକାରୀ ଏବଂ ସମ୍ପୃକ୍ତ ପକ୍ଷମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି ବିବାଦର ଶୀଘ୍ର ଓ ସହଜ ସମାଧାନ କରିପାରିବେ । ଅଂଶଗ୍ରହଣକାରୀମାନେ ଶାରୀରିକ ଭାବେ କିମ୍ବା ଅନଲାଇନ୍ ମାଧ୍ୟମରେ ଯୋଗଦେଇ ପାରିବେ । ଏହି ବିଶେଷ ଲୋକ ଅଦାଲତରେ ମାମଲା ଅନ୍ତର୍ଭୁକ୍ତ କରିବାକୁ ଇଚ୍ଛୁକ ପକ୍ଷମାନେ ନିର୍ଦ୍ଧାରିତ ଗୁଗୁଲ୍ ଫର୍ମ ପୂରଣ କରି ଆବେଦନ କରିପାରିବେ । ଏହି ସମ୍ପର୍କରେ ସମସ୍ତ ତଥ୍ୟ ଏବଂ ଆବେଦନ ଲିଙ୍କ ସର୍ବୋଚ୍ଚ ନ୍ୟାୟାଳୟର ୱେବସାଇଟରେ ଉପଲବ୍ଧ ରହିଛି ।

# ଗବେଷକଙ୍କ ଦ୍ୱାରା ଉନ୍ନତ ଆର୍ସେନିକ୍ ଚିହ୍ନଟ ପ୍ରଯୁକ୍ତି ବିଦ୍ୟାର ବିକାଶ

ଭୁବନେଶ୍ୱର (ନିପ୍ର):ଡକ୍ଟର ସାୟନ ଦେଙ୍କ ନେତୃତ୍ୱରେ ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱରର ସ୍କୁଲ୍ ଅଫ୍ ଇଲେକ୍ଟ୍ରିକାଲ୍ ଆଣ୍ଡ୍ କମ୍ପ୍ୟୁଟର ସାଇନ୍ସ ର ସେନ୍ସର୍ସ ଆଣ୍ଡ୍ ସ୍ପେକ୍ଟ୍ରୋସ୍କୋପି ରିସର୍ଚ୍ଚ ଗ୍ରୁପ୍ ର ଗବେଷକମାନେ ଜଳ ଗୁଣବତ୍ତା ମନିଟରିଂ ଏବଂ ଜନସ୍ୱାସ୍ଥ୍ୟକୁ ଉନ୍ନତ କରିବା ପାଇଁ ଆର୍ସେନିକ୍ ଚିହ୍ନଟ ପ୍ରଯୁକ୍ତିବିଦ୍ୟାରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି କରିଛନ୍ତି । ଏହି ଗବେଷଣା ପାନୀୟ ଜଳରେ ଆର୍ସେନିକ୍ ପ୍ରଦୂଷଣ ଚିହ୍ନଟ ପାଇଁ ସୁଲଭ, ସମ୍ବେଦନଶୀଳ ଏବଂ କ୍ଷେତ୍ର-ନିୟୋଜନଯୋଗ୍ୟ ସମାଧାନ ବିକାଶ ଉପରେ ଧ୍ୟାନ କେନ୍ଦ୍ରିତ କରୁଛି ।ସେମାନଙ୍କର ବୈଜ୍ଞାନିକ ଗବେଷଣା ଉପରେ ଆଧାର କରି, ଦଳଟି ନାନୋ ସେମିକ୍ ପ୍ରାଇଭେଟ୍ ଲିମିଟେଡ୍ ମାଧ୍ୟମରେ 'ଆର୍ସେନସେଫ୍' ନାମକ ଏକ କମ୍ପାକ୍ଟ, ପୋର୍ଟେବଲ୍ ଏବଂ ହାତରେ ଧରି ରଖାଯାଇଥିବା ଆର୍ସେନିକ୍ ଚିହ୍ନଟ ଡିଭାଇସ୍ ବିକଶିତ କରିଛି, ଯାହା ଏକ ଷ୍ଟାର୍ଟଅପ୍, ଯାହା ଆଇଆଇଟି ଭୁବନେଶ୍ୱରର ଗବେଷଣା ଏବଂ ଉଦ୍ୟୋଗିତା ପାର୍କରେ ଇନକ୍ୟୁବେଟେଡ୍ ହୋଇଛି, ଏବଂ ପ୍ରତିଷ୍ଠାନର ଅଧ୍ୟାପକ ଡକ୍ଟର ସୟନ ଡେ ଏବଂ ଡକ୍ଟର ଅକ୍ଷୟ କେ.ଙ୍କ ନେତୃତ୍ୱରେ ଆସିଛି । ଦ୍ରୁତ, କମ୍ ଖର୍ଚ୍ଚ ଏବଂ ସ୍ଥାନରେ ପରୀକ୍ଷଣ ପାଇଁ ଡିଜାଇନ୍ କରାଯାଇଥିବା, ଆର୍ସେନସେଫ୍ ପ୍ରୟୋଗଶାଳା ଭିତ୍ତିଭୂମି ଏବଂ ରାସାୟନିକ ଆବଶ୍ୟକତା ବିନା ସଠିକ୍ ଆର୍ସେନିକ୍ ଚିହ୍ନଟକୁ ସକ୍ଷମ କରିଥାଏ, ଯାହା ଜଳ-ଗୁଣବତ୍ତା ମୂଲ୍ୟାଙ୍କନକୁ ଦ୍ରୁତ ଏବଂ ଅଧିକ ସୁଲଭ କରିଥାଏ । ହ୍ୟାଣ୍ଡହେଲ୍ଡ ଡିଭାଇସ୍ ଏକ ଆରଜିଓ-ଆଧାରିତ ସେନ୍ସିଂ ଡିଭାଇସ୍ ବ୍ୟବହାର କରେ ଏବଂ ସର୍ବନିମ୍ନ ସେଟଅପ୍ ଏବଂ ତାଲିମ ସହିତ ସହଜ କାର୍ଯ୍ୟ ପାଇଁ ଡିଜାଇନ୍ କରାଯାଇଛି । ସରକାରୀ ଏଜେନ୍ସି, ଜନସ୍ୱାସ୍ଥ୍ୟ ବିଭାଗ, ପରିବେଶଗତ ପର୍ଯ୍ୟବେକ୍ଷଣ ସଂଗଠନ, ଜଳ ଚିକିତ୍ସା ପ୍ରଦାନକାରୀ, ଶିଳ୍ପ, ସ୍ୱେଚ୍ଛାସେବୀ ଓ ବେସରକାରୀ ଅନୁଷ୍ଠାନ ଏବଂ ଏପରିକି ବ୍ୟକ୍ତିଗତ ଗ୍ରାହକ ଏହାକୁ ନିୟୋଜିତ କରିପାରିବେ । ବର୍ତ୍ତମାନର ପ୍ରୋଟୋଟାଇପ୍ ଯଥେଷ୍ଟ ଉଚ୍ଚ ପ୍ରଯୁକ୍ତିବିଦ୍ୟା ପ୍ରସ୍ତୁତି ସ୍ତର ହାସଲ କରିଛି ଏବଂ ଆଇଆଇଟି କ୍ୟାମ୍ପସ୍ ଏବଂ ନିକଟବର୍ତ୍ତୀ ଅଞ୍ଚଳରୁ ଜଳ ନମୁନାକୁ ନେଇ ପରୀକ୍ଷିତ ହୋଇଛି । ରୟାଲ୍ ସୋସାଇଟି ଅଫ୍ କେମେଷ୍ଟ୍ରି ର 'ପରିବେଶ ବିଜ୍ଞାନ: ନାନୋ'ରେ ପ୍ରକାଶିତ ଏକ ସମ୍ପ୍ରତିକ ପ୍ରବନ୍ଧରେ, ଡକ୍ଟର ସାୟନ ଦେ, ଅରିଜିତ ପାତ୍ର, ବାଥୁଲା ସାତ୍ୱିକ ଏବଂ ଡକ୍ଟର ହିମାଂଶୁ ପି. ପାତୋଲେଙ୍କୁ ନେଇ ଗଠିତ ଦଳ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସୁରକ୍ଷା ସୁପାରିଶଗୁଡ଼ିକ ପାଳନ କରି ବ୍ୟବହାରଯୋଗ୍ୟ ପାଣିରେ ଆର୍ସେନିକ୍‌ର ଅତ୍ୟନ୍ତ ନିମ୍ନ ସ୍ତର ଚିହ୍ନଟ କରିବା ପାଇଁ ହ୍ରାସିତ ଗ୍ରାଫିନ୍ ଅକ୍ସାଇଡ୍ ଏବଂ ଏହାର ଡେରିଭେଟିଭ୍ସ ଉପରେ ଆଧାରିତ ଏକ ଉନ୍ନତ ମାଇକ୍ରୋ ସେନ୍ସର ଉପସ୍ଥାପନ କରିଛନ୍ତି । ଏହା ନାନୋଟେକ୍ନୋଲୋଜି ଏବଂ ମେସିନ୍ ଲର୍ଣ୍ଣିଂକୁ ଯନ୍ତ୍ରର ସହିତ ମିଶ୍ରଣ କରି ମାନବ ସ୍ୱାସ୍ଥ୍ୟ ଏବଂ ପରିମଳ ଉନ୍ନତି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ପ୍ରଦର୍ଶନ କରିଛି ।

## ତହସିଲ ପ୍ରଶାସନ ପକ୍ଷରୁ ଚଢ଼ାଉ: ୭ ହାଇୱା ଗାଡ଼ି ଜବତ



ନିମାପଡ଼ା, (ନି.ପ୍ର.): ନିମାପଡ଼ା ତହସିଲ ଅଞ୍ଚଳରେ ବାଲି ମାଫିଅ ଏବଂ ଚୋରା ମାଟି ଚାଲାଣକାରୀଙ୍କ ଦୌରାତ୍ମ୍ୟ ଯୋଗୁ ପ୍ରଶାସନ ପକ୍ଷରୁ ରାତି ଅଧିଆ ଚଢ଼ାଉ ଜାରି ରହିଛି ବୋଲି ତହସିଲଦାର ମନୋଜ ପ୍ରଧାନ ସୂଚନା ଦେଇଛନ୍ତି । ବିଶେଷକରି, କୁଶଭଦ୍ରା ଓ ଭାର୍ଗବୀ ନଦୀ ଘାଟ ସବୁ ଦୀର୍ଘଦିନ ଧରି ନିଲାମ ଦିଆଯାଇ ନଥିବାରୁ ମାଫିଆମାନେ ଦୈନିକ ୫ଶହରୁ ଉର୍ଦ୍ଧ୍ୱ ଟ୍ରିପ୍ ବାଲି ଉଠାଉଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି । ଅନାବାଦୀ-ଗୋଚର ଜମିରୁ ମାଟି ମାଫିଆ ପ୍ରତ୍ୟେହ ମାଟି ଉଠାଇବାରୁ ପ୍ରବଳ ଜନ ଅସନ୍ତୋଷ ଦେଖା ଦେଇଥିଲା । ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନିର୍ଦ୍ଦେଶ ଅନୁସାରେ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିଲେ ହେଁ ମାଫିଆଙ୍କ ରାଜନୈତିକ ସଂପୃକ୍ତି ଯୋଗୁଁ ଚଢ଼ାଉ କରିଥିଲା । କିନ୍ତୁ ଉତ୍ପାତ ବଢ଼ିବାରୁ ତହସିଲ ପ୍ରଶାସନ ପକ୍ଷରୁ ଗତ ସପ୍ତାହରେ ମାଫିଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବେଳେ ଅତିରିକ୍ତ ତହସିଲଦାରଙ୍କ ଗାଡ଼ିକୁ ଆକ୍ରମଣ କରାଯାଇଥିଲା । ଏହି ମାଫିଆଙ୍କୁ ଦମନ କରିବା ପାଇଁ ପୂର୍ବତନ ମନ୍ତ୍ରୀ ସମୀର ରଂଜନ ଦାଶ ପ୍ରଶାସନ ନିକଟରେ ଦାବି କରିବା ଶାସକ ଦଳ ପାଇଁ ଚ୍ୟାଲେଞ୍ଜ ସଦୃଶ ହୋଇଥିଲା । ବିଳମ୍ବରେ ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇ ଥିବାରୁ ସାଧାରଣ ଜନତା ସାଧୁବାଦ ଜଣାଇଛନ୍ତି । ତହସିଲଦାର ଏକ ଟିମ୍ ଗଠନ କରି ବିଳମ୍ବିତ ରାତିରେ ରାଜ୍ୟ ରାଜପଥରେ ଲୁଚି ରହି ୭ଟି ହାଇୱା ଗାଡ଼ି ଜବତ କରି ଥିବାରୁ ମାଫିଆ ମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି ।

ତିଥି :(ଏକାଦଶୀ): (ରେବତୀ ମୀନ)

ଅମୃତ ବେଳା: ପ୍ରାପ୍ତ ୫।୧୧ ରୁ ୫।୫୯ ମଧ୍ୟେ

## ଆଜିର ଅନୁଚିନ୍ତନ

ବାଣୀମାନଙ୍କ ମଧ୍ୟରେ ମୁଁ ପ୍ରଣବ।।

- ଶ୍ରୀମଦ୍ ଭଗବଦ୍ ଗୀତା

# ପାକ୍‌ର ବୃଥା ଅହମିକା

ପାକ୍ ଅଧିକୃତ କାଶ୍ମୀର ବା ପିଓକେରେ ଅର୍ଥନୈତିକ ତଥା ରାଜନୈତିକ ଜଟିଳତା ଦଶନ୍ଧି ଦଶନ୍ଧି ଧରି ଲାଗି ରହିଛି ଓ ଏଥିରେ ସୁଧାରଣ ଆଣିବା ଲାଗି ଦାବି କରୁଥିବା ସଂଗଠନ ମଧ୍ୟରେ ଅଗ୍ରଣୀ ହେଉଛି ଜଏଣ୍ଟ ଆୱାମୀ ଆକ୍ସନ କମିଟି(ଜାକ୍)। ତେବେ ଏହାକୁ ପାକ୍ କର୍ତ୍ତୃପକ୍ଷ ନିଷିଦ୍ଧ ଘୋଷଣା କରିଥିବା ବେଳେ ଜଣେ ବ୍ୟବସାୟୀଙ୍କ ଅହେତୁକ ମୃତ୍ୟୁ ପରେ ରାୱ୍‌ଲକୋଟରେ ଉକ୍ତ ସଂଗଠନ ପ୍ରତିବାଦର ସ୍ୱର ତୋଳିଥିଲା। ଏହାକୁ ଚପାଇବାକୁ ଯାଇ ସ୍ଥାନୀୟ ପ୍ରଶାସନ ଗୁଳି ଚଳାଇବାରୁ ୬ ଜଣଙ୍କ ଜୀବନ ଯାଇଥିଲା। ପରବର୍ତ୍ତୀ ସମୟରେ ସଂଗଠନର ସମର୍ଥକମାନେ ଦାବି କରିଥିଲେ ମୃତ୍ୟୁ ୬ ନୁହେଁ,ଅଧିକ ସଂଖ୍ୟକ ପ୍ରତିବାଦକାରୀଙ୍କୁ ହତ୍ୟା କରାଯାଇଛି। ପୁଣି ଅନ୍ୟ ଏକ ପ୍ରସଙ୍ଗ ଶରଣାର୍ଥୀଙ୍କ ପାଇଁ ସ୍ଥାନୀୟ ବ୍ୟବସ୍ଥାପିକାରେ ୧୨ ଆସନ ରହିଛି। ଏହାକୁ ପ୍ରତିବାଦ କରାଯାଇଛି। ସଂଗଠନ ଆଞ୍ଚଳିକ ସମସ୍ୟା ଦୂର କରିବା ଲାଗି ସ୍ୱର ଉତ୍ତୋଳନ କରିଆସୁଥିଲେ ହେଁ ପାକିସ୍ତାନ ଏହାକୁ ଉତ୍ପୀଡ଼କ ଓ ଆତଙ୍କବାଦୀ ଗୋଷ୍ଠୀ ଭାବରେ ଅକାରଣେ ଅଭିହିତ କରି ଭାବମୂର୍ତ୍ତିକୁ କଳଙ୍କିତ କରିଆସୁଛି। ନିକଟରେ ବିଭିନ୍ନ ଜନସ୍ୱାର୍ଥ ଆଧାରିତ ପ୍ରସଙ୍ଗ ନେଇ ଏହା ରାସ୍ତାକୁ ଓହ୍ଲାଇବା ପରେ ପାକ୍ ସୁରକ୍ଷା କର୍ମୀ ଆଖିବୁଜା ଗୁଳି ଚାଳନା କରିବାରୁ ୩୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିବା ଓ ୨ଶହ ପାଖାପାଖି ଆହତ ହେବା ଘଟଣା ସ୍ଥାନୀୟ ଅରାଜକତାକୁ ହିଁ ପ୍ରତିଫଳିତ କେବଳ କରେନାହିଁ ଅଧିକନ୍ତୁ ମାନବିକତାର ମଧ୍ୟ ହନନ କରେ।

ପାକ୍ ଅଧିକୃତ କାଶ୍ମୀର ବା ପିଓକେ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିଲେ ହେଁ ସଂପ୍ରତି ଏହା ପାକିସ୍ତାନ କବ୍‌ଜାରେ ରହିଛି। ଉକ୍ତ ଅଞ୍ଚଳ ପ୍ରତି ପାକ୍ ପ୍ରଶାସନର ହେୟ ମନୋଭାବ ବହୁ ସମୟରେ ପରିଲକ୍ଷିତ ହୋଇ ଆସିଛି। ପାକିସ୍ତାନରେ ଯେତେବେଳେ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ବିଶେଷ କରି ଖାଦ୍ୟଦ୍ରବ୍ୟଗୁଡ଼ିକର ଚଢ଼ା ମୂଲ୍ୟ ଲୋକଙ୍କୁ ଚିନ୍ତାରେ ପକାଇସାରିଛି। ଇନ୍ଧନ ଦର ଆକାଶଛୁଆଁ ରହିଛି। ପାକ୍‌ରେ ଯେତେବେଳେ ଏପରି ସମସ୍ୟା ପିଓକେରେ ମଧ୍ୟ ଅନୁରୂପ ସମସ୍ୟା ଦେଖାଯିବା ସ୍ୱାଭାବିକ। ତେବେ ସରକାରଙ୍କ ଠାରୁ ଖାଦ୍ୟଶସ୍ୟ,ବିଦ୍ୟୁତ୍ ଆଦି ରିହାତି ଦରରେ ପାଇବା ପାଇଁ ଆଲୋଚ୍ୟ ସଂଗଠନର ସମର୍ଥକମାନେ ରାସ୍ତା ଉପରକୁ ଓହ୍ଲାଇ ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରିବାରେ କୌଣସି ଅନୈତିକତା ନାହିଁ। ପାକ୍‌ର ଦମନଲୀଳାକୁ ପ୍ରତିବାଦ କରି ବ୍ରିଟେନ ଓ ଜର୍ମାନୀରେ ଜନମତ ସୃଷ୍ଟି ହେବାରେ ଲାଗିଛି।

ଆଲୋଚ୍ୟ ଦମନଲୀଳା ପାସୋର ନ ଯାଉଣୁ ଆଫଗାନିସ୍ତାନର କିଛି ଅଞ୍ଚଳରେ ଏୟାର ଷ୍ଟ୍ରାଇକ କରି ୧୩ ଜଣଙ୍କ ଜୀବନ ନେବା ଓ ସେଥିରେ ୧୧ ଜଣ ଶିଶୁ ରହିବା ନେଇ ପାକ୍ ଦାବି କରିଛି ଏହି ଆକ୍ରମଣ କିଛି ପାକ୍ ବିରୋଧୀ ଉଗ୍ରପନ୍ଥୀ ସଂଗଠନ ସଦସ୍ୟଙ୍କ ଉଦ୍ଦେଶ୍ୟରେ କରାଯାଇଛି। ପାକ୍‌ର ଏପରି ଗତିବିଧି ବିରୋଧରେ ଅନ୍ତର୍ଜାତୀୟ ସମୁଦାୟ ପକ୍ଷରୁ ଠୋସ୍ ପଦକ୍ଷେପ ଗ୍ରହଣ ହେଲେ ଯାଇ ଚକ୍‌ପାରିବ,ନଚେତ୍ ବୃଥା ଅହମିକା ଦେଖାଇବାକୁ ଏହା ପଛାଇବ ନାହିଁ।

# ‘ବଡ଼ଖିଆ’ଙ୍କ ରୋଷଘରେ ୨୪୦ ଚୁଲି

### ପୁଷ୍ପମିତ୍ର ମହାପାତ୍ର

ମହାପ୍ରଭୁ ନିଜେ ଭୋଜନ ପ୍ରିୟ। ପ୍ରତିଦିନ ତାଙ୍କର ଷାଠିଏ ପଉଟି ଭୋଗ ମଣୋହି ହୁଏ। କେହି କେହି ଭକ୍ତ ତାଙ୍କୁ ଶ୍ରଦ୍ଧାରେ ‘ବଡ଼ଖିଆ’ ବୋଲି ସମ୍ବୋଧନ କରିଥାନ୍ତି। ଖୋଦ କାର୍ତ୍ତିକ ମାସରେ ପଠନ କରାଯାଉଥିବା ‘ଲକ୍ଷ୍ମୀ ପୁରାଣ’ରେ ବଳରାମ ଦାସ ପ୍ରଭୁ ବଳଦେବଙ୍କ ମୁହଁରେ ଏହାର ସୂଚନା ଦେଇଛନ୍ତି – ‘ବଳରାମ କହୁଛନ୍ତି ଶୁଣ ଜଗନ୍ନାଥ, ବଡ଼ଖିଆ ବୋଲି ତୋତେ କହନ୍ତି ଜଗତ’। ଓଡ଼ିଶାର ସୁବିଖ୍ୟାତ ପାଲାଗାୟକ ସ୍ୱର୍ଗତଃ ହରିନାଥ ଦେବ ଅତି ଲଳିତ କଣ୍ଠରେ ଗାନ କରୁଥିଲେ – ‘ଦିନକୁ ଖାଉଛି ଷାଠିଏ ପଉଟି, ବୁଦ୍ଧି ହେଲା ତାର ବାମ, ଜଗତେ ବୋଲନ୍ତି ବଡ଼ଖିଆ ବୋଲି ବଡ଼ଖିଆ ତାର ନାମ’। ମହାପ୍ରଭୁଙ୍କ ସକାଳୁ ଗୋପାଳ ବଲ୍ଲଭ ଭୋଗରୁ ଯେଉଁ ମଣୋହି ଆରମ୍ଭ ହୋଇଥାଏ ରାତିର ବଡ଼ସିହଂହାର ଭୋଗରେ ଶେଷ ହେବା ଯାଏ ଶ୍ରୀମନ୍ଦିରରେ ନୀତି ଛଅଥର ଭୋଗ ଲାଗି ହୁଏ। ଭୋଗର ଆକାର ଷାଠିଏ ପଉଟି ଏବଂ ପ୍ରକାର ଛପନ। କେହି କେହି ଏହାକୁ ଛପନ ଭୋଗ ମଧ୍ୟ କହିଥାନ୍ତି।

ବଡ଼ ବିଚିତ୍ର ଠାକୁର ଶ୍ରୀଜଗନ୍ନାଥ। କଳିଯୁଗରେ ନୀଳାଚଳବାସୀ ପ୍ରଭୁ ଲୀଳାମୟଙ୍କ ଲୀଳା ଅବ୍ୟକ୍ତ। ମହାପ୍ରଭୁଙ୍କ ନିତିଦିନିଆ ମାନବୀୟ ଲୀଳା ଭିତରେ ମହାପ୍ରସାଦ ନୀତି ଅନ୍ୟତମ ଓ ପ୍ରମୁଖ। କିନ୍ତୁ ଯେଉଁ ରନ୍ଧାଖାଦ୍ୟ ପ୍ରଭୁଙ୍କ ନିକଟରେ ସମର୍ପିତ ବା ନିବେଦିତ ହୋଇଥାଏ ଏହା ହିଁ ମହାପ୍ରସାଦ। ଷଡ଼ାଙ୍ଗ ସଂସ୍କାର ଦ୍ୱାରା ଅନ୍ନ ପ୍ରସାଦରୁ ଅନ୍ନତ୍ୱ ବାହାର କରାଯାଇ ତହିଁରେ ଦେବତ୍ୱ ଆରୋପ କରାଯାଇଥାଏ। ମହାପ୍ରସାଦ ପ୍ରସ୍ତୁତି ପୂର୍ବରୁ ବୈଷ୍ଣବାଗ୍ନି ସଂସ୍କାର କରାଯାଇଥାଏ। ଉକ୍ତ ସଂସ୍କାର ସାଧାରଣତଃ ନବଚକ୍ର ଯନ୍ତ୍ର ଉପରେ ହିଁ ହୋଇଥାଏ। ପୁନଶ୍ଚ ମହାପ୍ରଭୁଙ୍କ ରୋଷଶାଳାରେ ଚୁଲାରେ ଛଅଗୋଟି ଝିଙ୍କା ଥାଏ। ଉକ୍ତ ଛଅଗୋଟି ଛିଙ୍କା ହୋଇଛି ଷଟ୍ ତ୍ରିକୋଣାତ୍ମକ ଅଗ୍ନିଚକ୍ର। ଏଥିରେ ଏକାଥରେ ନଅଗୋଟି କୁଡୁଆ ବସିପାରେ। ଏହି ନଅ ହେଉଛି ମହାପ୍ରସାଦର ମହତ୍ୱ, ଯାହା ନବଧା ଭକ୍ତିର ପ୍ରତୀକ। ଚତୁର୍ଥରେ ଶାସ୍ତ୍ରାନୁଯାୟୀ ମାଆ ଲକ୍ଷ୍ମୀ ସ୍ୱୟଂ ଶ୍ରୀମନ୍ଦିରରେ ରନ୍ଧନ କରିଥାନ୍ତି। ସୁତରାଂ ମା’ଲକ୍ଷ୍ମୀଙ୍କର ସ୍ୱହସ୍ତ ରନ୍ଧନ ପଦାର୍ଥ ହିଁ ମହାପ୍ରସାଦ।

ମହାପ୍ରଭୁଙ୍କ ମହାପ୍ରସାଦ ପ୍ରସ୍ତୁତି ପାଇଁ ଅଗ୍ନିକୋଣରେ ରହିଛି ସ୍ୱତନ୍ତ୍ର ରୋଷଘର। ପ୍ରତ୍ୟେକ ଦିନ ୫୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ଉଦ୍ଦେଶ୍ୟରେ ମହାପ୍ରସାଦ ପ୍ରସ୍ତୁତ କରାଯାଉଛି। ମୁଖ୍ୟ ରୋଷଘରେ ରହିଛି ୨୪୦ଟି ଚୁଲି ୧୭୫ଟ ଅନ୍ନ ଚୁଲି, ୪୫ଟି ଡାଲି ତରକାରି ଚୁଲି ଓ ୨୦ଟି ପିଠା ଚୁଲି ରହିଛି। ପ୍ରତିଦିନ ମହାପ୍ରସାଦ ୩-୪ ଜଣ ସୁଆର ସେବକ ନିୟୋଜିତ ହୁଅନ୍ତି। ଏହା ବ୍ୟତୀତ ପରିବା କାଟିବା, ପାଣି ଯୋଗାଇବା, କାଠ ବୋହିବା, କୁଡୁଆ ବୋହିବା, ନଡ଼ିଆ କୋରେଇବା ପାଇଁ ଅନ୍ୟୂନ ପାଞ୍ଚ ଶହ ଅଣସେବକ ନିୟୋଜିତ ହୁଅନ୍ତି। ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ପ୍ରାକ୍ତନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୁରେଶ ମହାପାତ୍ରଙ୍କ ‘ଶ୍ରୀମନ୍ଦିର କଥା’ ତଥ୍ୟ ମୁତାବକ, ମହାପ୍ରାସଦ ପ୍ରସ୍ତୁତି ପାଇଁ ପ୍ରାୟ ୧୫୦୦ ସେବକ ନିୟୋଜିତ ହୁଅନ୍ତି। ଏକକାଳୀନ ୨୪୦ ଚୁଲି ଜଳୁଥିବାରୁ ଅତ୍ୟଧିକ ତାପରେ ସେବକମାନଙ୍କୁ ଅମୁଣିଆ ପ୍ରସାଦ ପ୍ରସ୍ତୁତ କରିବାକୁ ପଡ଼େ। ଖାଲି ପାଦରେ ଏବଂ ଖାଲି ଦେହରେ ଓଦା ଗାମୁଛା ଢ଼ାଙ୍କି ହୋଇ ସେବା ଦେଇଥାନ୍ତି। ପ୍ରତ୍ୟେକ ନ ଗୋଟେ ଧୂପରେ ଦୁଇ ଘଣ୍ଟା ମଧ୍ୟରେ ପ୍ରାୟ ୨୫ ହଜାର ଭକ୍ତଙ୍କୁ ଦୃଷ୍ଟିରେ ରଖି ମହାପ୍ରସାଦ ପ୍ରସ୍ତୁତ କରାଯାଏ। ଅନ୍ନ ଚୁଲି ପ୍ରାୟ ୩ ଫୁଟ ଉଚ୍ଚର। ଏହା ଉପରେ ସାଧାରଣତଃ ୬ଟି ଛିଙ୍କା ଥାଏ। ୯ଟା କୁଡୁଆ ଏହା ଉପରେ ରଖି ଅନ୍ନ ପ୍ରସ୍ତୁତ କରାଯାଏ। ମୁଖ୍ୟତଃ ସେରେକିଆ କୁଡୁଆରେ ୧୨୫୦ ଗ୍ରାମର ଚାଉଳ ଗୋଟିଏ ଲେଖାଏଁ ମାଟି ହାଣ୍ଡିରେ ରୋଷ ପ୍ରସ୍ତୁତ ହୁଏ। ଚାଉଳ ସିଝିବା ପରେ ଏହି ସେରେକିଆ କୁଡୁଆ ତଳେ ଏକ ଛିଦ୍ର କରି ପେଜ କଢ଼ାଯାଏ।

ପେଜ ନଳା ଦେଇ ଏହି ପେଜ ବାହାରକୁ ବାହାରିଥାଏ। ଏହାପରେ ଉକ୍ତ କୁଡୁଆରୁ ଅନ୍ନ ବାଇହାଣ୍ଡିକୁ ଖାଲି କରାଯାଏ। କୁଡୁଆ ଚୁଲିରୁ ଉଠାଇବା ପାଇଁ ଦଉଡି ଓ ଡଙ୍କିର ବ୍ୟବହାର କରାଯାଏ। ଡାଲି ଓ ତରକାରି ପାଇଁ ୯ଫୁଟ ଲମ୍ବ ଓ ୩ଫୁଟ ଚଉଡାରେ ଚୁଲି ରହିଛି। ଅନ୍ନ ଚୁଲିରୁ ବାହାରୁଥିବା ଅଙ୍ଗାର ଏଥିରେ ବିଛେଇ ରଖାଯାଏ। ତା ଉପରେ ଡାଲି ତରକାରି କୁଡୁଆ ରଖି ତାକୁ ତାଳପତ୍ର ବିଛଣାରେ ନିୟମିତ ବିଞ୍ଚି ୧୫-୨୦ ମିନିଟ ରନ୍ଧାଯାଏ। ଡାଲି ତରକାରି ଘଣ୍ଟା ଯାଏନାହିଁ। ୧୫-୨୦ ମିନିଟ ମଧ୍ୟରେ ଏହା ପ୍ରସ୍ତୁତ ହୋଇଥାଏ। ୨୦ଟି ଚୁଲିରେ ବିଭିନ୍ନ ପର୍ବପର୍ବାଣୀ ଓ ନିୟମିତ ପିଠା ପ୍ରସ୍ତୁତ କରାଯାଏ। ଆଜିର ଆମେ ଯେଉଁ ମହାପ୍ରସାଦ ପାଉଛେ ପୂର୍ବରୁ ଏହା ନଥିଲା।

ଗବେଷକ ଭିକାରୀ ଚରଣ ମହାପାତ୍ରଙ୍କ ତଥ୍ୟ ଅନୁଯାୟୀ ସର୍ବପ୍ରଥମେ ସୁଗନ୍ଧଯୁକ୍ତ ପୁଷ୍ପ ହିଁ ଥିଲା ମହାପ୍ରଭୁଙ୍କ ନୈବେଦ୍ୟ ଓ ସେ ସମୟର ମହାପ୍ରସାଦ। ଏହାପରେ ଶୁଖିଲା ଭୋଗ ଯାହାକୁ ନିଶଙ୍ଖୁଡ଼ି ଭୋଗ କୁହାଯାଏ ଏହା ହିଁ ଥିଲା ମହାପ୍ରସାଦ। କିନ୍ତୁ ଯଜାତି କେଶରୀ ପ୍ରଥମଙ୍କ ରାଜତ୍ୱ ସମୟରେ ଅର୍ଥାତ୍ ଷଷ୍ଠ ଶତାବ୍ଦୀରେ ମହାପ୍ରଭୁଙ୍କ ରନ୍ଧାଖାଦ୍ୟ ବା ଶଙ୍ଖୁଡ଼ି ଭୋଗ ବ୍ୟବସ୍ଥା ପ୍ରଚଳିତ ହୋଇଥିଲା। ପ୍ରତ୍ୟେକ ଭକ୍ତର ସଂକଳ୍ପ ଥାଏ ମହାପ୍ରସାଦ ଟିକିଏ ପାଇବା।

ଦୂରଭାଷ : ୯୪୩୭୨୨୫୬୮୯,

# ଶ୍ରୀଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ଅସ୍ମିତାର ଐତିହାସିକ ବିଜୟ

### ସୌଭାଗ୍ୟ ରଂଜନ ମହାନ୍ତି

> **ପଶ୍ଚିମବଙ୍ଗର ଉପକୂଳବର୍ତ୍ତୀ ପ୍ରସିଦ୍ଧ ପର୍ଯ୍ୟଟନ ସହର ଦୀଘାଠାରେ ନିର୍ମିତ ନୂତନ ଭବ୍ୟ ଜଗନ୍ନାଥ ମନ୍ଦିର ପ୍ରସଙ୍ଗରେ ପୂର୍ବରୁ ସେହି ରାଜ୍ୟ ସରକାରଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ‘ଧାମ’ ଶବ୍ଦର ପ୍ରୟୋଗକୁ ସମ୍ପୂର୍ଣ୍ଣ ଭାବରେ ହଟାଇବା କିମ୍ବା ଏହାକୁ କେବଳ ଏକ ସାଧାରଣ ମନ୍ଦିର ଆଖ୍ୟାରେ ସୀମିତ କରିବା ପାଇଁ ପଶ୍ଚିମବଙ୍ଗ ସରକାର ଯେଉଁ ନିଷ୍ପତ୍ତି ନେଇଛନ୍ତି, ତାହା ନିଶ୍ଚିତ ଭାବେ ଏକ ସ୍ୱାଗତଯୋଗ୍ୟ ଏବଂ ପ୍ରଶଂସନୀୟ ପଦକ୍ଷେପ, ମାତ୍ର ଏହି ସମଗ୍ର ସଫଳତା ଏବଂ ସଂଶୋଧନମୂଳକ ନିଷ୍ପତ୍ତି ପଛରେ ଯଦି କାହାର ଦୃଢ ଆଭିମୁଖ୍ୟ, ଅଦମ୍ୟ ସାହସ ଏବଂ ସାଂସ୍କୃତିକ ପ୍ରତିବଦ୍ଧତା ରହିଛି, ସେ ହେଉଛନ୍ତି ଓଡ଼ିଶାର ଜନପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।**

ସନାତନ ସଂସ୍କୃତି, ପ୍ରାଚୀନ ଧାର୍ମିକ ପରମ୍ପରା ଏବଂ ଆଧ୍ୟାତ୍ମିକ ଚେତନାର ବିସ୍ତୃତ ପରିସର ମଧ୍ୟରେ ଐତିହ୍ୟର ଶୁଦ୍ଧତା ଏବଂ ଶାସ୍ତ୍ରୀୟ ମାନ୍ୟତାର ସ୍ଥାନ ସବୁବେଳେ ଅତି ସ୍ୱତନ୍ତ୍ର, ସମ୍ବେଦନଶୀଳ ତଥା ଅପରିବର୍ତ୍ତନୀୟ।ପଶ୍ଚିମବଙ୍ଗର ଉପକୂଳବର୍ତ୍ତୀ ପ୍ରସିଦ୍ଧ ପର୍ଯ୍ୟଟନ ସହର ଦୀଘାଠାରେ ନିର୍ମିତ ନୂତନ ଭବ୍ୟ ଜଗନ୍ନାଥ ମନ୍ଦିର ପ୍ରସଙ୍ଗରେ ପୂର୍ବରୁ ସେହି ରାଜ୍ୟ ସରକାରଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ‘ଧାମ’ ଶବ୍ଦର ପ୍ରୟୋଗକୁ ସମ୍ପୂର୍ଣ୍ଣ ଭାବରେ ହଟାଇବା କିମ୍ବା ଏହାକୁ କେବଳ ଏକ ସାଧାରଣ ମନ୍ଦିର ଆଖ୍ୟାରେ ସୀମିତ କରିବା ପାଇଁ ପଶ୍ଚିମବଙ୍ଗ ସରକାର ଯେଉଁ ନିଷ୍ପତ୍ତି ନେଇଛନ୍ତି, ତାହା ନିଶ୍ଚିତ ଭାବେ ଏକ ସ୍ୱାଗତଯୋଗ୍ୟ । ଏହି ସମଗ୍ର ସଫଳତା ଏବଂ ସଂଶୋଧନମୂଳକ ନିଷ୍ପତ୍ତି ପଛରେ ଯଦି କାହାର ଦୃଢ ଆଭିମୁଖ୍ୟ, ଅଦମ୍ୟ ସାହସ ଏବଂ ସାଂସ୍କୃତିକ ପ୍ରତିବଦ୍ଧତା ରହିଛି, ସେ ହେଉଛନ୍ତି ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଶାସ୍ତ୍ର, ପୁରାଣ ଏବଂ ସନାତନ ଧର୍ମର ପ୍ରାଚୀନ ପରମ୍ପରା ଓ ନିୟମ ଅନୁଯାୟୀ, ସମଗ୍ର ଭାରତବର୍ଷର ଚାରି ଦିଗରେ ମାତ୍ର ଚାରିଗୋଟି ମୁଖ୍ୟ ପବିତ୍ର ‘ଧାମ’ ପ୍ରତିଷ୍ଠିତ ରହିଛି, ଯାହା ମଧ୍ୟରେ ଉତ୍ତରରେ ବଦ୍ରିନାଥ, ପଶ୍ଚିମରେ ଦ୍ୱାରକା, ଦକ୍ଷିଣରେ ରାମେଶ୍ୱରମ ଏବଂ ପୂର୍ବ ଦିଗର ସର୍ବୋଚ୍ଚ ପ୍ରତିନିଧିତ୍ୱ କରୁଥିବା ପବିତ୍ର ନୀଳାଚଳ କ୍ଷେତ୍ର ବା ପୁରୀ ହେଉଛି ଏକମାତ୍ର ସାର୍ବଭୌମ ‘ଜଗନ୍ନାଥ ଧାମ’ ବା ଶ୍ରୀକ୍ଷେତ୍ର, ଯାହାକୁ ଆଦି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ସମେତ ବିଭିନ୍ନ ପୁରାଣ ଓ ସଂହିତା ଦ୍ୱାରା ଅନାଦି କାଳରୁ ସାଂସ୍କୃତିକ ଓ ଆଧ୍ୟାତ୍ମିକ ସ୍ୱୀକୃତି ମିଳିଛି। ପୃଥିବୀର ଯେକୌଣସି ପ୍ରାନ୍ତରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭବ୍ୟ ମନ୍ଦିର ନିର୍ମାଣ କରାଯାଇ ଭକ୍ତି ଓ ଶ୍ରଦ୍ଧାର କେନ୍ଦ୍ର ସ୍ଥାପନ କରାଯାଇପାରେ, କିନ୍ତୁ ପୁରୀ ଶ୍ରୀକ୍ଷେତ୍ରର ଆଧ୍ୟାତ୍ମିକ ଅନନ୍ୟତା, ଗୁପ୍ତ ନୀତିକାନ୍ତି, ମହାପ୍ରସାଦର ମାହାତ୍ମ୍ୟ, ନବକଳେବର ପରମ୍ପରା ଏବଂ ସର୍ବୋପରି ଏବଂ ସର୍ବୋପରି ‘ଧାମ’ର ଶାସ୍ତ୍ରୀୟ ମାନ୍ୟତା ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଓ ଅପରିବର୍ତ୍ତନୀୟ ହୋଇଥିବାରୁ ଅନ୍ୟ କୌଣସି ନୂତନ ନିର୍ମିତ କୃତ୍ରିମ ସ୍ଥାନକୁ ଏହି ଆଖ୍ୟା ଦିଆଯିବା ଜଗନ୍ନାଥ ମୂଳ ଉତ୍ସ ଉପରେ ଏକ ପ୍ରକାର ଆଘାତ ଭଳି ମନେହେଉଥିଲା। ଏହି ଧାର୍ମିକ ଓ ସାଂସ୍କୃତିକ ସମ୍ବେଦନଶୀଳତାକୁ ସାଧାରଣରେ ବୁଝିବା ଏବଂ ଓଡିଶାର ଜଗନ୍ନାଥ ପ୍ରେମୀଙ୍କ ଭାବନାକୁ କ୍ଷତବିକ୍ଷତ ନକରି ସେହି ଅନୁଯାୟୀ ତୁରନ୍ତ ସଂଶୋଧନମୂଳକ ପଦକ୍ଷେପ ନେବାରେ ଓଡିଶାର ମୁଖ୍ୟମନ୍ତ୍ରୀ ଯେଉଁ ରାଜନୈତିକ ପରିପକ୍ୱତା, ପ୍ରଶାସନିକ ଦକ୍ଷତା ଏବଂ ଓଡିଆ ଅସ୍ମିତା ପ୍ରତି ଥିବା ନିଜର ଅପୂର୍ବ ପ୍ରତିବଦ୍ଧତା ପ୍ରଦର୍ଶନ କରିଛନ୍ତି, ତାହା ବାସ୍ତବିକ ସମଗ୍ର ଓଡିଶା ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଭାବେ ଲିପିବଦ୍ଧ ହୋଇ ରହିବ। ରାଜନୀତିରେ ଅନେକ ସମୟରେ ବିଭିନ୍ନ ରାଜ୍ୟର ନେତୃତ୍ୱ ନିଜର ଅହଂକାର କିମ୍ବା ଆଂଚଳିକ ସ୍ୱାଭିମାନର ଦ୍ୱାହି ଦେଇ ଭୁଲ୍ ନିଷ୍ପତ୍ତିକୁ ଜାବୁଡି ଧରିବାର ବା ଏକଜିଦିଆ ମନୋଭାବ ପ୍ରଦର୍ଶନ କରିବାର ପ୍ରବୃତ୍ତି ଦେଖାଯାଇଥାଏ, କିନ୍ତୁ ଓଡିଶା ମୁଖ୍ୟମନ୍ତ୍ରୀଙ୍କ ଯୁକ୍ତିଯୁକ୍ତ, ଶାସ୍ତ୍ରସମ୍ମତ ତଥା ଦୃଢ ହସ୍ତକ୍ଷେପ ଯୋଗୁଁ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ମଧ ଓଡିଶାର ଦାବିକୁ ସହୃଦୟତାର ସହ ଗ୍ରହଣ କରିବାକୁ ବାଧ ହେଲେ ଏବଂ ‘ଧାମ’ ଶବ୍ଦର ସରକାରୀ ବ୍ୟବହାରକୁ ସଂଶୋଧନ କରିବାକୁ ନିର୍ଦ୍ଦେଶ ଦେଇ ନିଜର ବିଜ୍ଞତାର ପରିଚୟ ଦେଲେ। ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ମୋହନ ଚରଣ ମାଝୀ ଜଣେ ପ୍ରକୃତ



ଜଗନ୍ନାଥ ଅନୁରାଗୀ ଓ ଓଡିଆ ମାଟିର ସନ୍ତାନ ଭାବରେ ପ୍ରଦର୍ଶନ କରିଥିବା ଏହି ଦୃଢତା ସମଗ୍ର ଓଡିଶାବାସୀଙ୍କ ମନରେ ଏକ ଅଭୁତପୂର୍ବ ଆତ୍ମବିଶ୍ୱାସ ଜଗାଇଛି, କାରଣ ସେ କେବଳ ଓଡିଶା ଭିତରେ ସୀମିତ ନରହି ଜାତୀୟ ସ୍ତରରେ ମଧ ଓଡିଶାର ସାଂସ୍କୃତିକ ଅଧିକାରକୁ ସୁରକ୍ଷିତ ରଖିବା ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ। ଜଣେ ଉଚ୍ଚକୋଟିର ପ୍ରଶାସକ ତଥା ଦୂରଦୃଷ୍ଟି ସମ୍ପନ୍ନ ନେତା ଭାବରେ ସେ ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ କୌଣସି ଅଯଥା ରାଜନୈତିକ କଟୁତା କିମ୍ବା ପଡୋଶୀ ରାଜ୍ୟ ସହ ସମ୍ପର୍କ ଖରାପ କରିବାକୁ ଚାହୁଁନଥିଲେ ବରଂ ସେ ପଶ୍ଚିମବଙ୍ଗ ସରକାରଙ୍କ ସହ ଅତ୍ୟନ୍ତ ସମ୍ମାନଜନକ, ସହାର୍ଦ୍ଦ୍ୟପୂର୍ଣ୍ଣ ଏବଂ କୂଟନୈତିକ ସ୍ତରରେ ଆଲୋଚନା କରି ଶାସ୍ତ୍ରୀୟ ପ୍ରମାଣ ସହ ପୁରୀ ଶ୍ରୀକ୍ଷେତ୍ରର ଅନନ୍ୟତା ବିଷୟରେ ପଡୋଶୀ ରାଜ୍ୟକୁ ଅବଗତ କରାଇବାରେ ସଫଳ ହେଲେ। ଓଡିଶା ଏବଂ ପଶ୍ଚିମବଙ୍ଗ ମଧ୍ୟରେ ସାଂସ୍କୃତିକ, ଆଧ୍ୟାତ୍ମିକ ଏବଂ ଐତିହାସିକ ସମ୍ପର୍କ ଶତାବ୍ଦୀ ଶତାବ୍ଦୀର ପୁରୁଣା ଏବଂ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ସମୟରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ବଙ୍ଗୀୟ ଶ୍ରଦ୍ଧାଳୁମାନଙ୍କ ଜୀବନଚର୍ଯ୍ୟା, ସାହିତ୍ୟ, କଳା ଓ ଭକ୍ତିଭାବରେ ଜଗନ୍ନାଥ ସଂସ୍କୃତି ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ଜଡିତ ହେବା ସହ ପ୍ରତିବର୍ଷ ଲକ୍ଷ ଲକ୍ଷ ବଙ୍ଗୀୟ ଭକ୍ତ ଆବେଗର ସହ ପୁରୀ ଶ୍ରୀକ୍ଷେତ୍ରକୁ ଧାଇଁ ଆସିଥାନ୍ତି, ତେଣୁ ଦୀଘାଠାରେ ନିର୍ମିତ ଭବ୍ୟ ମନ୍ଦିର ନିଶ୍ଚିତ ଭାବେ ପଶ୍ଚିମବଙ୍ଗରେ ଜଗନ୍ନାଥ ଚେତନାର ଆହୁରି ଅଧିକ ବିସ୍ତାର କରିବ ଏବଂ ଭକ୍ତିର ଏକ ନୂତନ ପରିବେଶ ସୃଷ୍ଟି କରିବ, ମାତ୍ର ଯଦି ‘ଧାମ’ ଶବ୍ଦର ବ୍ୟବହାରକୁ ନେଇ ବିବାଦ ଓ ଅସନ୍ତୋଷ ଦୀର୍ଘସ୍ଥାୟୀ ରୂପ ନେଇଥାନ୍ତା, ତେବେ ତାହା ଦୁଇ ପଡୋଶୀ ରାଜ୍ୟର ଜନସାଧାରଣଙ୍କ ମଧ୍ୟରେ ଏକ ଅଯଥା ସାଂସ୍କୃତିକ ପ୍ରତିଦ୍ୱନ୍ଦିତାର ପ୍ରାଚୀର ଠିଆ କରିବାର ଆଶଙ୍କା ରହିଥିଲା। ଓଡିଶା ମୁଖ୍ୟମନ୍ତ୍ରୀଙ୍କ ସମୟୋଚିତ ଏବଂ ପ୍ରଭାବଶାଳୀ ହସ୍ତକ୍ଷେପ ସେହି ସମ୍ଭାବ୍ୟ ବିବାଦର ସୂତ୍ରପାତକୁ ଆରମ୍ଭରୁ ହିଁ ପ୍ରଶମିତ କରିଦେଇଛି ଏବଂ ସାଂସ୍କୃତିକ ସୌହାର୍ଦ୍ଦ୍ୟର ଏକ ନୂଆ ଅଧ୍ୟାୟ ରଚନା କରିଛି, ଯାହା ପ୍ରମାଣିତ କରୁଛି ଯେ ଆଧ୍ୟାତ୍ମିକତା କେବେ ବି ପ୍ରତିଯୋଗିତାର ବିଷୟ ନୁହେଁ, ବରଂ ଏହା ସମର୍ପଣ, ସହଭାଗିତା ଏବଂ ପାରସ୍ପରିକ ସମ୍ମାନର ଏକ ମହାମିଳନ ପୀଠ।ବିଗତ ଦିନମାନଙ୍କରେ ଅନେକ ସମୟରେ ଓଡିଶାର ସାଂସ୍କୃତିକ ସ୍ୱାଭିମାନ ଓ ଶ୍ରୀଜଗନ୍ନାଥ ସଂସ୍କୃତିର ବିଭିନ୍ନ ଉପାଦାନ ଉପରେ ବିଭିନ୍ନ ସ୍ଥାନରେ ଆଘାତ ଲାଗିଲେ ମଧ ସରକାରୀ ସ୍ତରରେ ସେଭଳି କଠୋର ତଥା ପ୍ରଭାବଶାଳୀ ପ୍ରତିବାଦ ବା ପ୍ରତିରକ୍ଷା ଦେଖିବାକୁ ମିଳୁନଥିଲା, ମାତ୍ର ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ପ୍ରମାଣ କରିଦେଇଛନ୍ତି ଯେ ଓଡିଶାର ପ୍ରତିଟି ସ୍ୱାଭିମାନ ପ୍ରଶ୍ନରେ ସେ ସର୍ବଦା ଜାଗ୍ରତ ପ୍ରହରୀ ଭଳି ଠିଆ ହେବେ। ଏହି ସମଗ୍ର ସଫଳତା ପାଇଁ ସେ ନିଶ୍ଚିତ ଭାବେ ଓଡିଶାବାସୀ, ଶ୍ରୀମନ୍ଦିରର ସେବାୟତ ମଣ୍ଡଳୀ ଏବଂ ସମଗ୍ର ବିଶ୍ୱର ଜଗନ୍ନାଥ ପ୍ରେମୀଙ୍କ ପକ୍ଷରୁ ଗଭୀର କୃତଜ୍ଞତା, ସମ୍ମାନ ଏବଂ ସର୍ବାଧିକ ଶ୍ରେୟର ଅଧିକାରୀ ଅଟନ୍ତି, କାରଣ ତାଙ୍କର ଏହି ନିର୍ଭୀକ ପଦକ୍ଷେପ ଯୋଗୁଁ ପଶ୍ଚିମବଙ୍ଗ ସରକାର ନିଜର ଭୁଲ୍ ବୁଝିବାକୁ ବାଧ୍ୟ ହେଲେ ଏବଂ ଏହି ନିର୍ଣ୍ଣୟ ଆଗାମୀ ଦିନରେ ଦୁଇ ପଡୋଶୀ ରାଜ୍ୟ ମଧ୍ୟରେ ଭ୍ରାତୃଭାବ, ସାଂସ୍କୃତିକ ଆଦାନପ୍ରଦାନ ଏବଂ ପାରସ୍ପରିକ ସୌହାର୍ଦ୍ଦ୍ୟକୁ ଆହୁରି ସମୃଦ୍ଧ ତଥା ସୁଦୃଢ କରିବ। ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ମଧ ଓଡିଶାରୁ ଆସିଥିବା ଏହି ଯୁକ୍ତିଯୁକ୍ତ ସ୍ୱରକୁ ସମ୍ମାନ ଜଣାଇ ‘ଧାମ’ ଶବ୍ଦ ହଟାଇବା ପାଇଁ ଯେଉଁ ରାଜନୈତିକ ଉଦାରତା ଦେଖାଇଲେ, ତାହା ମଧ ପ୍ରଶଂସନୀୟ, କିନ୍ତୁ ଏହି ସଂଶୋଧନର ପ୍ରକୃତ କର୍ଣ୍ଣଧାର ଓ ନାୟକ ହେଉଛନ୍ତି ଓଡିଶାର ଗୌରବ ମୋହନ ଚରଣ ମାଝୀ। ଏହି ସାସ୍କୃତିକ ବିଜୟ ସାରା ବିଶ୍ୱର ଓଡିଆ ଜାତିକୁ ଏକ ସୂତ୍ରରେ ବାନ୍ଧିବା ସହ ଶ୍ରୀଜଗନ୍ନାଥ ସଂସ୍କୃତିର ସାର୍ବଭୌମତ୍ୱକୁ ଆହୁରି ଉଚ୍ଚତର ସ୍ଥାନ ପ୍ରଦାନ କରିଛି ଏବଂ ଆଗାମୀ ଦିନରେ ଓଡିଶାର ସ୍ୱାଭିମାନ ଓ ସଂସ୍କୃତିର ରକ୍ଷା ପାଇଁ ଏହିଭଳି ଦୃଢ ନେତୃତ୍ୱ ସର୍ବଦା ପଥପ୍ରଦର୍ଶକ ସାଜିବ, ଏଥିରେ କୌଣସି ସନ୍ଦେହ ନାହିଁ।

ମୋ-୯୪୩୭୯୯୪୩୭୯

# ନିଟ୍ - ୟୁଜି ପୁନଃ ପରୀକ୍ଷା : ଶକ୍ତ ପହରା ଓ କଡ଼ା ସୁରକ୍ଷା

### ଡକ୍ଟର ପ୍ରମୋଦ କୁମାର ପଣ୍ଡା

> ପ୍ରଶ୍ନପତ୍ର ପ୍ରଘଟ ଏକ ଅନଧିକାରିକ କୃତ୍ୟ। ସଂଗଠିତ ଅପରାଧ। ଅର୍ଥ ଉପାର୍ଜନ ଏହାର ମୂଳ ଉଦ୍ଦେଶ୍ୟ। ଏହା ଦ୍ୱାରା ଶିକ୍ଷା ଓ ସାର୍ବଜନୀନ ରୋଜଗାର ପ୍ରଣାଳୀ ଉପରେ ପ୍ରଶ୍ନ ଉଠେ। ଅଖଣ୍ଡତା ଉପରେ ସନ୍ଦେହ ହୁଏ। ପ୍ରତିବର୍ଷ ଲକ୍ଷ ଲକ୍ଷ ପରୀକ୍ଷାର୍ଥୀ ପ୍ରଭାବିତ ହୁଅନ୍ତି। ନିଟ୍ – ୟୁଜି ପରୀକ୍ଷା ୨୦୨୬ ର ପ୍ରଶ୍ନପତ୍ର ଲିକ ଯୋଗୁଁ ସାରା ଦେଶରେ ହଟଚମଟ ସୃଷ୍ଟି ହୋଇଛି। ପୁନଃପରୀକ୍ଷାକୁ ମୁକ୍ତ, ଅବାଧ ଓ ତ୍ରୁଟିଶୂନ୍ୟ କରିବାକୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉଛି।

୨୦୦୨ ରୁ ୨୦୦୨୫ ବିଗତ ୨୩ ବର୍ଷ ମଧ୍ୟରେ ଭାରତ ୪୫ ଗୋଟି ମୁଖ୍ୟ ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ଘଟଣା ଦେଖିଛି। ତନ୍ମଧ୍ୟରୁ ୨୭ ଗୋଟି ନିଯୁକ୍ତି ପରୀକ୍ଷା ସଂକ୍ରାନ୍ତ। ଅବଶିଷ୍ଟ ୧୮ ଗୋଟି ପ୍ରବେଶିକା ଏବଂ ବୋର୍ଡ ପରୀକ୍ଷା ସମ୍ବନ୍ଧିତ। ପ୍ରଭାବିତ ପରୀକ୍ଷାମାନଙ୍କରେ ୩୮୬ କୋଟିରୁ ଅଧିକ ପ୍ରାର୍ଥୀ ଚାକିରୀ, ବିଭିନ୍ନ ଶିକ୍ଷଣ ସଂସ୍ଥାନରେ ପ୍ରବେଶ ଏବଂ ଶିକ୍ଷାଗତ ସଫଳତା ଆଶାରେ ନାମାଙ୍କନ କରିଥିଲେ। ଫର୍ମ ଭରିଥିଲେ। ବର୍ଷବର୍ଷର ଅନୁସନ୍ଧାନ, ଜନଅସନ୍ତୋଷ ଓ ବିକ୍ଷୋଭ ପରେ ୧୬୫୮ ଜଣଙ୍କୁ ଗିରଫ କରାଯାଇଥିଲା। ୯୨୫ ଜଣଙ୍କ ବିରୁଦ୍ଧରେ ଅଭିଯୋଗ ପତ୍ର, ଚାର୍ଜ ସିଟ ଦାଖଲ କରାଯାଇଥିଲା। ୧୮ ଜଣ ଦୋଷୀ ସାବ୍ୟସ୍ତ ହୋଇଥିଲେ ଓ ୩୨ ଜଣ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ। ୨୦୦୨ ଓ ୨୦୧୦ ମସିହାରେ ରେଳ ବିଭାଗରେ ଚାକିରୀ ପାଇଁ ରେଳବାଇ ନିଯୁକ୍ତି ବୋର୍ଡ ଦ୍ୱାରା ଭର୍ତ୍ତି ପରୀକ୍ଷା ଆୟୋଜିତ ହୋଇଥିଲା। ଉଭୟ ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ହୋଇଥିଲା। ମାମଲା ଅଦାଲତରେ ପହଞ୍ଚିଥିଲା। ୨୦୦୨ ମସିହା ଘଟଣାର ରାୟ ୨୦୨୫ ରେ ଓ ୨୦୧୦ ମସିହା ଘଟଣାର ଅନ୍ତିମ ନିଷ୍ପତ୍ତି ୨୦୨୪ ମସିହାରେ ଆସିଥିଲା। ଉଭୟ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିମାନେ ଉପର ଅଦାଲତର ଆଶ୍ରୟ ନେଇଥିଲେ। ଅପିଲ କରିଥିଲେ। ତାଙ୍କୁ ସହଜରେ ଜାମିନ ମଧ୍ୟ ମିଳିଯାଇଥିଲା। ଏପରି ଅନେକ ମାମଲା ବିଚାରାଧୀନ ରହିଛି। କୋର୍ଟଙ୍କ ଆଦେଶ ମୁତାବକ କିଛି ମାମଲାର ପୁନଃ ତଦନ୍ତ ଚାଲିଛି। ଆଉକିଛି ନ୍ୟାୟିକ ସମୀକ୍ଷା ଅଧୀନରେ ଅଛି। ଦୁଃଖର କଥା ଅନେକ ମାମଲା ବିଚାର ପାଇଁ ଅଦାଲତ ପର୍ଯ୍ୟନ୍ତ ପହଞ୍ଚାରୁନାହିଁ। ଅନେକ କେସରେ ପୋଲିସ ମାମଲା ବନ୍ଦ ରିପୋର୍ଟ ଦାଖଲ କରୁଛନ୍ତି। କିଛି ମାମଲାରେ ଆରୋପି ନିରୁଦ୍ଦିଷ୍ଟ ଘୋଷିତ ହୋଉଛନ୍ତି। ଅଧିକାଂଶ ମାମଲା ଠକେଇ, ଜାଲିଆତି ଓ ଷଡଯନ୍ତ୍ରର କୋହଳ ଦଫାରେ ପଞ୍ଜୀକୃତ ହେଉଛି। ଅଭିଯୁକ୍ତଙ୍କୁ ସହଜରେ ଜମାନତ ମିଳିଯାଉଛି। ମାମଲା ସବୁର ବର୍ଷବର୍ଷ ଧରି ବିଚାର ଚାଲିଛି। ଦଣ୍ଡବିଧାନରେ ଅହେତୁକ ବିଳମ୍ବ ଘଟୁଛି। କାର୍ଯ୍ୟାନୁଷ୍ଠାନ ହେଉନି। ଠିକଣା ସମୟରେ ଶାସ୍ତି ନମିଳିବାରୁ ପ୍ରଶ୍ନପତ୍ର ପ୍ରଘଟ ଭଳି ଅପରାଧିକ କୃତ୍ୟରୁ ଦୋଷୀ ବିରତ ହେଉନାହାନ୍ତି। ତାଙ୍କର ମନୋବଳ ବଢୁଛି। ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳୁଛନ୍ତି। ପରୀକ୍ଷାର୍ଥୀ ପରିଣାମ ଭୋଗୁଛନ୍ତି। ପରୀକ୍ଷା ବାତିଲ ହେଉଛି। ବାତିଲ ପରୀକ୍ଷା ସବୁର ପୁନଃ ପରୀକ୍ଷାରେ ବିଳମ୍ବ ଘଟୁଛି। ଏଥିପାଇଁ ହାରାହାରି ୧୮୩ ଦିନ ଲାଗୁଛି। ଅନେକ କ୍ଷେତ୍ରରେ ପୁନଃ ପରୀକ୍ଷା ଆହୁରି ବିଳମ୍ବର ହେଉଛି। ପିଲାଙ୍କ ଧୈର୍ଯ୍ୟଚ୍ୟୁତି ଘଟୁଛି। ଚାପ ଓ ଅବସାଦରେ ରହୁଛନ୍ତି। ଅନେକ କ୍ଷେତ୍ରରେ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଉଛନ୍ତି।

ଗତ ମେ ମାସ ୩ ତାରିଖରେ ନିଟ୍-ୟୁଜି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏନଟିଏ, ନେସନାଲ ଟେଷ୍ଟିଙ୍ଗ ଏଜେନ୍ସି ସ□ାଳିତ ଏହି ପରୀକ୍ଷା ପାଇଁ ପାଖାପାଖି ୨୩ ଲକ୍ଷ ପ୍ରାର୍ଥୀ ପଞ୍ଜିକରଣ କରିଥିଲେ। ୨୨ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ନିର୍ଦ୍ଧାରିତ ଦିନ ପରୀକ୍ଷାରେ ବସିଥିଲେ। ପରୀକ୍ଷା ଦେଇଥିଲେ। କିନ୍ତୁ ପ୍ରଶ୍ନପତ୍ର ଲିକ ଘଟଣାକୁ ନେଇ ୧୨ ତାରିଖ ଦିନ ସମ୍ପୂର୍ଣ୍ଣ ପରୀକ୍ଷାକୁ ବାତିଲ ଘୋଷଣା କରାଯାଇଥିଲା। ତଦନ୍ତ ପାଇଁ ସିବିଆଇକୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ପ୍ରଶ୍ନପତ୍ର ପ୍ରସ୍ତୁତିରେ ସମ୍ପୃକ୍ତ ଏନଟିଏ ନିୟୋଜିତ ଶିକ୍ଷକଙ୍କ ସମେତ ୧୩ ଜଣଙ୍କୁ ଗିରଫ କରାଯାଇଅଛି। ଏନଟିଏ ଉପରୁ ଲୋକଙ୍କ ବିଶ୍ୱାସ ତୁଟିଛି। ସରକାରଙ୍କ ବିରୁଦ୍ଧରେ ଜନଅସନ୍ତୋଷ ବଢିଛି। କେନ୍ଦ୍ର ଶିକ୍ଷମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିକ୍ଷୋଭ ହୋଇଛି। ଏନ୍‌ଟିଏର ପୁନର୍ଗଠନ ଓ ସୁପ୍ରିମ କୋର୍ଟ ଜଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରୀକ୍ଷା ପାଇଁ ଉଚ୍ଚତମ ନ୍ୟାୟାଳୟରେ ଦୁଇଟି ଡାକ୍ତରୀ ସଙ୍ଘ ଦ୍ୱାରା ଯାଚିକା ଦାୟର ହୋଇଛି। ମାମଲାର ଶୁଣାଣି କରି ସର୍ବୋଚ୍ଚ ଅଦାଲତ ଏନ୍‌ଟିଏ ଓ ସରକାରଙ୍କ ଉପରେ ଖୁବ ବର୍ଷିଛନ୍ତି। ବ୍ୟବସ୍ଥା ଓ ବ୍ୟକ୍ତି ଉଭୟଙ୍କୁ ଦାୟୀ କରିଛନ୍ତି। ସଙ୍ଘ ଲୋକ ସେବା ଆୟୋଗ, ୟୁପିଏସସି ଠାରୁ ଶିଖ କହିଛନ୍ତି। ନିଟ ପରୀକ୍ଷାରେ ଏହା ପ୍ରଥମ ବିଭ୍ରାଟ ନୁହେଁ। ଜନତା ଏବଂ ପରୀକ୍ଷାର୍ଥୀ ଉଭୟ କେନ୍ଦ୍ର ସରକାରଙ୍କ ଉପରୁ ଆସ୍ଥା ହରାଇଛନ୍ତି। କଟୂ ସମାଲୋଚନା କରିଛନ୍ତି। ସରକାର ବଦନାମ ହୋଇଛନ୍ତି। ଲୋକଙ୍କ ଅପବାଦ ମୁଣ୍ଡାଇବାକୁ ପଡ଼ିଛି। ଚୂଡାନ୍ତ ନିଷ୍ପତ୍ତି ସ୍ୱରୂପ ଜୁନ ୨୧ ତାରିଖକୁ ପୁନଃପରୀକ୍ଷା ଧାର୍ଯ୍ୟ ଘୋଷିତ ହୋଇଛି। ଦୁଃଖ ଓ ପରିତାପର ବିଷୟ ପୁନଃପରୀକ୍ଷା ତାରିଖ ଘୋଷଣା ପରେ ଦେଶର ୩୧ ଜଣ ଯୁବକ ଯୁବତୀ ନୈରାଶ୍ୟର ଶିକାର ହୋଇ ଆତ୍ମହତ୍ୟା କରିଛନ୍ତି। ସମ୍ପ୍ରତି ସରକାର ଓ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ନିଜର ବିଶ୍ୱସନୀୟତା ଫେରାଇ ଆଣିବାକୁ ଉଦ୍ୟମରତ। ବଦ୍ଧପରିକର। ପରୀକ୍ଷାକୁ ତ୍ରୁଟିଶୂନ୍ୟ କରିବାକୁ କଡା ସୁରକ୍ଷା ବ୍ୟବସ୍ଥା ପ୍ରସ୍ତୁତ ହୋଇଛି। ଯାହାକୁ ଦେଖିଲେ ମନେହୁଏ ଏହା ପରୀକ୍ଷା ନୁହେଁ, ଏକ ଗୋପନୀୟ ସାମରିକ ଅଭିଯାନ।୨୦୧୯ ମସିହା କରୋନା କାଳରେ ଲକଡାଉନ ଜାରି ହୋଇଥିଲା। ସଂକ୍ରମିତ ବ୍ୟକ୍ତିଙ୍କୁ ଆଇସୋଲେସନରେ ରଖାଯାଇଥିଲା। ଠିକ ସେଭଳି ନିଟ୍ - ୟୁଜି ପୁନଃପରୀକ୍ଷାର ପ୍ରଶ୍ନପତ୍ର ପ୍ରସ୍ତୁତିରେ ନିୟୋଜିତ ବିଶେଷଜ୍ଞ, ମୋଡେରେଟର ଏବଂ ଅନୁବାଦକମାନଙ୍କୁ ଗୋପନୀୟ ସ୍ଥାନରେ ଏକାନ୍ତ ବାସରେ ରଖାଯାଇଛି। ପରୀକ୍ଷା ଶେଷ ହେବା ଯାଏଁ ସେମାନେ ସମ୍ପୂର୍ଣ୍ଣ ଆଇସୋଲେସନରେ ରହିବେ। ପରିବାର ଓ ବାହ୍ୟ ଦୁନିଆ ସହ ତାଙ୍କର କୌଣସି ସମ୍ପର୍କ ରହିବ ନାହିଁ। ସେମାନେ ତାଙ୍କର ବ୍ୟକ୍ତିଗତ ଗ୍ୟାଜେଟ, ମୋବାଇଲ, ସ୍ମାର୍ଟ ୱାଚ ଇତ୍ୟାଦି ବ୍ୟବହାର କରିପାରିବେନାହିଁ। ପରୀକ୍ଷା କାର୍ଯ୍ୟରେ ସମ୍ପୃକ୍ତ ସମସ୍ତ କର୍ମଚାରୀଙ୍କ କାର୍ଯ୍ୟକଳାପ ଉପରେ କଡା ନଜର ରଖାଯିବ। ଏହା ସହିତ ଜାତୀୟ ଟେଷ୍ଟିଙ୍ଗ ଏଜେନ୍ସି, ଏନଟିଏ ପୁନଃପରୀକ୍ଷା ପାଇଁ ସିଟି ଇଣ୍ଟିମେସନ୍ ସ୍ଲିପ୍ ଜାରି କରିଛି। ଏହି ସ୍ଲିପ୍ ମାଧ୍ୟମରେ ପରୀକ୍ଷାର୍ଥୀମାନେ କେଉଁ ସହରରେ ତାଙ୍କର ପରୀକ୍ଷା କେନ୍ଦ୍ର ରହିବ ତାହା ଜାଣିପାରିବେ। ଏହା ଆଡମିଟ୍ କାର୍ଡ ନୁହେଁ, କିନ୍ତୁ ପରୀକ୍ଷା ସମୟରେ ସମସ୍ତ ଛାତ୍ରଛାତ୍ରୀଙ୍କ ସହ ଏହା ରହିବ। ଏଥର ନିଟ – ୟୁଜି ପୁନଃପରୀକ୍ଷାରେ ଅତିରିକ୍ତ ୧୫ ମିନିଟ ସମୟର ବ୍ୟବସ୍ଥା କରାଯାଇଅଛି। ଜୁନ ୨୧, ୨୦୨୬ ଅପରାହ୍ନ ୨ ଟାରୁ ସନ୍ଧ୍ୟା ୫.୧୫ ପର୍ଯ୍ୟନ୍ତ ଦେଶର ୫୫୧ ଓ ଦେଶବାହାର୧୪ ଗୋଟି କେନ୍ଦ୍ରରେ ପରୀକ୍ଷା ଆୟୋଜିତ ହେବ। ମେ ୩ ତାରିଖ ପରୀକ୍ଷା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ସମସ୍ତ ପାର୍ଥୀ ଏହି ପରୀକ୍ଷାରେ ବସିପାରିବେ। ଏଥିସକାଶେ ସେମାନଙ୍କୁ ନୂତନ ପଞ୍ଜିକରଣ କରିବାକୁ ପଡ଼ିବନାହିଁ କିମ୍ବା କୌଣସି ଅତିରିକ୍ତ ଦେୟ ମଧ ଦେବାକୁ ହେବନାହିଁ। କେନ୍ଦ୍ରଗୁଡିକୁ ପ୍ରଶ୍ନପତ୍ର ସଡ଼କପଥରେ ପଠାଯିବା ପରିବର୍ତ୍ତେ ଏହାକୁ ଭାରତୀୟ ବାୟୁସେନା ଆକାଶମାର୍ଗରେ ସୁରକ୍ଷିତ ପହଞ୍ଚାଇବ। ପ୍ରଶ୍ନପତ୍ର ପ୍ରସ୍ତୁତିରୁ ପରିବହନ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟର ସୂଚନା କୌଣସି ଜଣେ ବ୍ୟକ୍ତି ପାଖରେ ରହିବନାହିଁ। ଅନଲାଇନ ନକଲି ପ୍ରଶ୍ନପତ୍ର ବିକ୍ରି କରୁଥିବା ଗ୍ୟାଙ୍ଗ ଉପରେ ସାଇବର ସେଲର ୨୪ ଘଣ୍ଟିଆ କଡ଼ା ନଜର ରହିବ। ପାଞ୍ଚ ଲକ୍ଷରୁ ଅଧିକ ସୁରକ୍ଷା କର୍ମୀ ନିୟୋଜନ କରାଯିବ। ସମ୍ବେଦନଶୀଳ ସ୍ଥାନମାନଙ୍କରେ ଅର୍ଦ୍ଧ-ସାମରିକ ବଳ ନିୟୋଜିତ ହେବେ। ୧ ଲକ୍ଷରୁ ଅଧିକ ସିସିଟିଭି ଲାଗିବ। ସନ୍ଦେହଜନକ କାର୍ଯ୍ୟକଳାପ ପାଇଁ ସର୍ଭିଲାନ୍ସ ଓ କୃତ୍ରିମ ବୁଦ୍ଧିମତ୍ତା ଉପଯୋଗ କରାଯିବ। ସକାଳ ୧୧.୩୦ ରୁ ୧୨.୩୦ ଭିତରେ ପରୀକ୍ଷା କେନ୍ଦ୍ରରେ ରିପୋର୍ଟ କରିବାକୁ ହେବ। ଅପରାହ୍ନ ୧.୩୦ ପରେ ପରୀକ୍ଷା କେନ୍ଦ୍ରରେ ପ୍ରବେଶ ଅନୁମତି ମିଳିବ ନାହିଁ।

ପରୀକ୍ଷା କେନ୍ଦ୍ରମାନଙ୍କରେ ମଧ କଡ଼ା ସୁରକ୍ଷା, ନିରାପତ୍ତା, ପହରା ଏବଂ ଚେକିଂ ବ୍ୟବସ୍ଥା ରହିବ। ସମସ୍ତ କେନ୍ଦ୍ର ସିସିଟିଭି ନଜରରେ ରହିବ ଯାହା ଏକ କେନ୍ଦ୍ରୀୟ କଣ୍ଟ୍ରୋଲ ରୁମ ସହ ସଂଯୁକ୍ତ ହେବ। ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ବୈଦ୍ୟୁତିକ ନକଲ ଓ ଅନଧିକୃତ ଯୋଗାଯୋଗ ରୋକିବା ପାଇଁ ୫ଏ ଜାମର ବ୍ୟବସ୍ଥା କରାଯିବ। ଜଣକ ସ୍ଥାନରେ ଅନ୍ୟ ଜଣେ ପରୀକ୍ଷା ଦେବାର ଆଶଙ୍କାକୁ ଏଡାଇବା ପାଇଁ ପ୍ରତି ପ୍ରବେଶ ଦ୍ୱାରରେ ପ୍ରତ୍ୟେକ ପ୍ରାର୍ଥୀଙ୍କ ବାୟୋମ୍ୟାଟ୍ରିକ, ଉଭୟ ମୁହଁ ଓ ଅଙ୍ଗୁଳି ଛାପର ଯାଞ୍ଚ ହେବ। ଗେଟରେ ସମସ୍ତ ପ୍ରାର୍ଥୀଙ୍କ ତଲାସି ଅନିବାର୍ଯ୍ୟ ଅଟେ। ସବୁ ପ୍ରାର୍ଥୀ ଅଧା ହାତବାଲା ସାର୍ଟ ପିନ୍ଧିବେ। କୌଣସି ପ୍ରାର୍ଥୀଙ୍କୁ ବନ୍ଦ ଜୋତା ପିନ୍ଧିବା ଅନୁମତି ନାହିଁ। ବାଥରୁମ କିମ୍ବା ପାଣି ପାଇଁ ସ୍ୱଳ୍ପକାଳୀନ ବିରତି ନେଲେ ପ୍ରାର୍ଥୀଙ୍କୁ ପୁନର୍ବାର ଯାଞ୍ଚ ଏବଂ ତଲାସିର ସମ୍ମୁଖୀନ ହେବାକୁ ପଡ଼ିବ। ପରୀକ୍ଷାରେ ଅନୈତିକ ଉପାୟ ଅବଲମ୍ବନ କରି ଧରାପଡ଼ିଲେ ସମ୍ପୃକ୍ତ ପରୀକ୍ଷାର୍ଥୀଙ୍କ ବିରୁଦ୍ଧରେ ନିୟମ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପରୀକ୍ଷା କେନ୍ଦ୍ରର ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା କଥା ସ୍ଥାନୀୟ ପ୍ରଶାସନ ବୁଝିବେ।

ପ୍ରଶ୍ନପତ୍ର ପ୍ରଘଟ ଏକ ଅନଧିକାରିକ କୃତ୍ୟ। ସଂଗଠିତ ଅପରାଧ। ଅର୍ଥ ଉପାର୍ଜନ ଏହାର ମୂଳ ଉଦ୍ଦେଶ୍ୟ। ଏହା ଦ୍ୱାରା ଶିକ୍ଷା ଓ ସାର୍ବଜନୀନ ରୋଜଗାର ପ୍ରଣାଳୀ ଉପରେ ପ୍ରଶ୍ନ ଉଠେ। ଅଖଣ୍ଡତା ଉପରେ ସନ୍ଦେହ ହୁଏ। ପ୍ରତିବର୍ଷ ଲକ୍ଷ ଲକ୍ଷ ପରୀକ୍ଷାର୍ଥୀ ପ୍ରଭାବିତ ହୁଅନ୍ତି। ନିଟ୍ - ୟୁଜି ପରୀକ୍ଷା ୨୦୨୬ ର ପ୍ରଶ୍ନପତ୍ର ଲିକ ଯୋଗୁଁ ସାରା ଦେଶରେ ହଟଚମଟ ସୃଷ୍ଟି ହୋଇଛି। ପୁନଃପରୀକ୍ଷାକୁ ମୁକ୍ତ, ଅବାଧ ଓ ତ୍ରୁଟିଶୂନ୍ୟ କରିବାକୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉଛି। ଦେଶରେ ବର୍ଷତମାମ ଗୁଡ଼ାଏ ପରୀକ୍ଷା ହୋଇଥାଏ। ସେହି ସମସ୍ତ ପରୀକ୍ଷାରେ ଏଭଳି ବ୍ୟବସ୍ଥା କରିବା ସର୍ବଦା ସମ୍ଭବ ନୁହେଁ। ତେଣୁ ତତ୍କାଳୀକ ବ୍ୟବସ୍ଥା ଅପେକ୍ଷା ଦୀର୍ଘସ୍ଥାୟୀ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବା ଅଧିକ ଜରୁରି।

ପରୀକ୍ଷା ପରିଚାଳନା କେବଳ ସରକାରଙ୍କ କାମ ନୁହେଁ। ଏଥିପ୍ରତି ଆମର ମଧ କର୍ତ୍ତବ୍ୟ ରହିଛି। ଆନ୍ତରିକ ଶୁଦ୍ଧତା ଆସିଲେ ଶୁଦ୍ଧ ପରୀକ୍ଷା ଆୟୋଜନ କରିବାରେ ସମସ୍ୟା ହେବନାହିଁ। ଏହା ନିଃସନ୍ଦେହ।

ସମ୍ବଲପୁର ,

ମୋ- ୭୯୭୮୨୮୩୧୯୦

# ଦାଦାର ଜମି ହଡ଼ପ କଲା ପୁତୁରା

ରାୟଗଡା,୧୦।୬ (ନିପ୍ର): ଦାଦାର ଜମି ହଡପ କଲା ପୁତୁରା । ନିଜ ବୃଦ୍ଧ ଦାଦାଙ୍କୁ ମୃତ ଦର୍ଶାଇ ଜମି ହଡପ କରିଛି ପୁତୁରା । ଏପରି ଘଟଣା ରାୟଗଡା ଜିଲ୍ଲାର କାଶୀପୁର ବ୍ଲକ ତଳପାଡିଖାଲ ଗ୍ରାମରେ ଘଟିଛି । ରାଜସ୍ୱ ନିରୀକ୍ଷକଙ୍କୁ ହାତ କରି ପୁତୁରା ସାନୀ ମାଝୀ ଦାଦା ଦିଉଡୁ ମାଝୀଙ୍କ ୪୯ ସେଣ୍ଟ୍ ଜମିକୁ ହଡପ କରିଥିବା ଅଭିଯୋଗ ହୋଇଛି । କାଗଜପତ୍ରରେ ଦିଉଡୁକୁ ମୃତ ଦର୍ଶାଇ ଜମିକୁ ହଡପ କରାଯାଇଥିବା ବେଳେ ଦିଉଡୁ ଏବେ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । କାଶୀପୁର ତହସିଲଦାରଙ୍କୁ ଦିଉଡୁ ଏକ ଲିଖିତ ଅଭିଯୋଗ କରିବା ପରେ ରାୟଗଡା ଉପଜିଲ୍ଲାପାଳଙ୍କୁ ଜମି ଫେରାଇବା ପାଇଁ ଦାବି କରିଛନ୍ତି । ଅନ୍ୟପଟେ ଜୀବିତ ଲୋକଙ୍କୁ ମୃତ ଦର୍ଶାଇଥିବା ରାଜସ୍ୱ ନିରୀକ୍ଷକଙ୍କ ବିରୋଧରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲ୍ଲାପାଳ କହିଛନ୍ତି । ଏହି ଜମି ହଡପ ମାମଲାରେ ଛନ୍ଦି ହୋଇଯାଇଛନ୍ତି ତତ୍କାଳୀନ କାଶୀପୁର ରାଜସ୍ୱ ନିରୀକ୍ଷକ । ଉକ୍ତ ବ୍ୟକ୍ତି ଏବେ ଜୀବିତ ଅଛନ୍ତି,ହେଲେ ରାଜସ୍ୱ ନିରୀକ୍ଷକଙ୍କ ରିପୋର୍ଟରେ ସେ ଏବେ ମୃତ । ଯାହାକୁ ନେଇ କାଶୀପୁର ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି । ତଳପାଡିଖାଲ ଗ୍ରାମରେ ବୃଦ୍ଧ ଦିଉଡୁ ମାଝୀଙ୍କ ପ୍ଲଟ୍ ନଂ.୯୯ ଓ ପ୍ଲଟ୍ ନମ୍ବର ୧୦୦ରେ ୪୯ ସେଣ୍ଟ୍ ଜମି ରହିଛି । ହେଲେ ଉକ୍ତ ଜମିକୁ ଦିଉଡୁର ପୁତୁରା ସାନୀ ମାଝି ଚକ୍ରାନ୍ତ କରି ୨୦୨୪ ମସିହାରେ ହଡପ କରିଛି । ଆଉ ଏହି ଚକ୍ରାନ୍ତ ପଛରେ ରାଜସ୍ୱ ନିରୀକ୍ଷକଙ୍କ ହାତ ରହିଥିବା ଅଭିଯୋଗ ହୋଇଛି । ଦିଉଡୁଙ୍କ ବଡ ଭାଇ ଡିରିବି ମାଝୀ ମୃତ୍ୟୁବରଣ କରିଥିବା ବେଳେ ଦାଦା ଦିଉଡୁ ଏବେ ବି ଜୀବିତ ଅଛନ୍ତି । ଏହି ଦୁଇ ଭାଇଙ୍କ ନାମରେ ଜମି ରହିଥିବା ବେଳେ ସାନୀ ମାଝୀ ନିଜ ନାମରେ ଉତ୍ତରାଧିକାରୀ ସତ୍ତ୍ୱ ରିପୋର୍ଟ ଦେଇ ନିଜ ନାମରେ ପଟ୍ଟା କରାଇ ନେଇଛନ୍ତି । ଏନେଇ ଦିଉଡୁ ମାଝୀ କାଶୀପୁର ତହସିଲଦାରଙ୍କ ନିକଟରେ ଏକ ପିଟିସନ୍ ଦାଖଲ କରିଥିବା ବେଳେ ରାୟଗଡା ଉପଜିଲ୍ଲାପାଳଙ୍କ ସାକ୍ଷାତ କରି ନ୍ୟାୟ ଭିକ୍ଷା କରିଛନ୍ତି । ଏନେଇ ତତ୍କାଳୀନ ରାଜସ୍ୱ ନିରୀକ୍ଷକ କେସବ ସାହୁ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ । ତେବେ ରାଜସ୍ୱ ନିରୀକ୍ଷକଙ୍କ ଦାୟିତ୍ୱହୀନ କାର୍ଯ୍ୟ ଯୋଗୁଁ ରିପୋର୍ଟରେ ଦିଉଡୁ ମାଝୀଙ୍କୁ ମୃତ ଘୋଷଣା କରାଯାଇଥିଲା । ପରବର୍ତ୍ତି ସମୟରେ ସାନି ମାଝୀ ନିଜ ନାମରେ ଜମି ପଟ୍ଟା କରାଇନେଇଥିଲେ । ଏହି ଘଟଣା ଲୋକଲୋଚନକୁ ଆସିବା ପରେ ଏବେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟଶୈଳୀ ସନ୍ଦେହଘେରକୁ ଆସିଛି । ଅନ୍ୟପଟେ ଘଟଣାର ଅନୁଧ୍ୟାନ କରାଯାଇ ଦୋଷୀ ସରକାରୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାୟଗଡା ଉପଜିଲ୍ଲାପାଳ ସୂଚନା ଦେଇଛନ୍ତି ।

# ମା’ ପାଇଁ ଗଛଟିଏ, ବୃକ୍ଷ ରୋପଣରେ ମହାଦୁର୍ନୀତି !

ରେଢ଼ାଖୋଲ,୧୦।୬ (ନିପ୍ର): ସରକାର ଲକ୍ଷାଧିକ ଟଙ୍କା ବ୍ୟୟରେ ବନ ବିଭାଗ ଓ ପ୍ରଶାସନ ପକ୍ଷରୁ ବନୀକରଣ ପାଇଁ ପ୍ରତି ଗାଁ ଠାରୁ ସହର ପର୍ଯ୍ୟନ୍ତ ଚାଲିଛି ମାଁ ପାଇଁ ଗଛ ଟିଏ କାର୍ଯ୍ୟକ୍ରମରେ ବୃକ୍ଷ ରୋପଣ । ପ୍ରତି ସ୍କୁଲ ଠାରୁ ଆରମ୍ଭ କରି ସରକାରୀ, ବେସରକାରୀ କାର୍ଯ୍ୟାଳୟ ରେ ମଧ୍ୟ ଚାଲିଛି ବୃକ୍ଷ ରୋପଣ । ବୃକ୍ଷ ରୋପଣ କରି ବନବିଭାଗ ଓ ସ୍ଥାନୀୟ ପ୍ରଶାସନ ବାହାବାହା ନେଉଛନ୍ତି ହେଲେ ଗଛ ତ ଲଗାଉଛନ୍ତି। କିନ୍ତୁ ଏହାର ରକ୍ଷଣା ବେକ୍ଷଣ ଉପରେ ନା ସରକାର ନା ସରକାରୀ ବିଭାଗ ନା ବନ ବିଭାଗ ଦେଉଛି ଦୃଷ୍ଟି । ଆଗକୁ ପରିବେଶ ସନ୍ତୁଳନ ରକ୍ଷାପାଇଁ ଆମକୁ ତ ଗଛ ଲଗାଇବା ପାଇଁ ସରକାର ସଚେତନତା କରୁଛନ୍ତି । ହେଲେ ଗଛ ଲଗାଇବା ସହ ତାହାର ଯତ୍ନ ଉପରେ ଓ ଜଙ୍ଗଲ ଉଜାଡିବା ଉପରେ ସରକାରଙ୍କ କାହିଁକି ଦୃଷ୍ଟି ନାହିଁ କି ଦୃଢ଼ କାର୍ଯ୍ୟାନୁଷ୍ଠାନ ନାହିଁ । ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳୁଛି ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ତ୍ରିବଣପୁର ପଞ୍ଚାୟତ ଅନ୍ତର୍ଗତ ଗୋବର୍ଦ୍ଧନ ପୁର ଗାଁ ପାଖ ଜଙ୍ଗଲରେ । ଏଠାରେ ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ମାଧ୍ୟମରେ କେନ୍ଦ୍ର ସରକାରଙ୍କ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ରେ ୫ଶହରୁ ୭ଶହ ବୃକ୍ଷ ରୋପଣ ପାଇଁ ବ୍ଲକ୍ ପ୍ରଶାସନ ନିଷ୍ପତ୍ତି ନେଇ ୨.୭୦ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ଲାଗିଥିବା ଫଳକରେ ଦେଖାଯାଇଥିବା ବେଳେ ଏଠାରେ ଦୁର୍ନୀତିର ଗନ୍ଧ ମହକୁଥିବା କୁହାଯାଇଛି । ବୃକ୍ଷ ରୋପଣ ନାମରେ ଲକ୍ଷ ଲକ୍ଷ ଟଙ୍କା ବାଟମାରଣା ହୋଇଥିବା ଯାହା ଶୁଣିବାକୁ ମିଳୁଛି । ସୂଚନାଯୋଗ୍ୟ ଯେ ଏହି କାର୍ଯ୍ୟଟି ଗତ ୨୦୨୫ ଅକ୍ଟୋବର ମାସରେ ଏଠାରେ ବନବିଭାଗ, ବ୍ଲକ୍ ପ୍ରଶାସନ, ସ୍ଥାନୀୟ ତିନୋଟି ଗାଁ ସ୍କୁଲ ର ଛାତ୍ରଛାତ୍ରୀ



, ସମେତ ସ୍ଥାନୀୟ ସରପଞ୍ଚ ଉପସ୍ଥିତ ରହି ଏଠାରେ ୫ଶହ ଗଛ ଲଗାଯାଇଥିବା କୁହାଯାଉଥିବା ବେଳେ । ବର୍ତ୍ତମାନ ସେଠାରେ ଅତିବେଶୀରେ ୧ଶହରୁ ଡେଢ ଶହ ମଧ୍ୟରେ ଗଛ ଲାଗିଥିବା ଦେଖାଯାଇଛି ।

ଅନ୍ୟପଟେ ଏହିସ୍ଥାନରେ କେଉଁଠି ଖାଲି ଗାତ ଖୋଳା ହୋଇଥିବା ବେଳେ କେଉଁଠି ଖାଲି ବାଡି ଗଡା ଯାଇଥିବା ଦେଖିବାକୁ ମିଳିଛି । ଗୋଟେ ଗୋଟେ ଜାଗାରେ ସବୁଜ ଜାଲି ବନ୍ଧା ହୋଇଥିବା ବେଳେ ଭିତରେ ଗଛ ନଥିବା ଦେଖିବାକୁ ମିଳିଛି । ସବୁଠାରୁ ବଡ଼କଥା ଏହି ସ୍ଥାନରେ ଅଧିକରୁ ଅଧିକ ଗଛ ଚାରା ଗୁଡିକ ଗୋଟିଏ ଜାଗାରେ ଗଦାହୋଇ ମରିଯାଇଥିବା ଦେଖାଯାଇଥିବା ସହ ପାଖରେ ମଦବୋତଲ ଗୁଡିକ ସଜାଡିହୋଇ ରହିଥିବା ଦେଖିବାକୁ ମିଳିଛି । ଆଉ ଫଳକରେ ମେଟ୍‌ଙ୍କ ନାମ ମନୋରଞ୍ଜନ ସାହୁଙ୍କ , ଅଟକଳ ମୂଲ୍ୟ ୨ଲକ୍ଷ ୬୦ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଫଳକରେ ନା ଅଛି କାର୍ଯ୍ୟ ଆରମ୍ଭ ତାରିଖ ନା ଶେଷ ତାରିଖ ।

ଏବାବଦକୁ କାର୍ଯ୍ୟାଦେଶ ଆସିଥିବା ମେଟ୍‌କୁ ପଚାରିବାରୁ ୫୦ହଜାର ଟଙ୍କା ମୋର ଖର୍ଚ୍ଚ ହୋଇଛି ଆଉ ୨୭ହଜାର ବିଲ୍ ହୋଇଥିବା ବେଳେ ତାହା ସବୁ ଶ୍ରମିକଙ୍କୁ ଦିଆଯାଇଛି ଓ ଅଧା ବିଲ ହୋଇନଥିବା କହିଛନ୍ତି । ସରପଞ୍ଚ ଙ୍କୁ ପଚାରିବାରୁ ଏଠାରେ ୫ଶହ ଗଛ ଲଗାଇଥିଲୁ ହେଲେ କିଛି ଲୋକ ଗଛ ସବୁ ଓପାଡି ନେଲେ ଓ କିଛି ଛୁଆ ମାନେ ମଧ୍ୟ ନେଇଥିବା କହିଛନ୍ତି। କିଛି ମୋଟା ଅଙ୍କ ବିଲ୍ ହୋଇଛି ହେଲେ ତାହା ହାତକୁ ଆସିନଥିବା କୁହାଯାଉଛି । ଅନ୍ୟପଟେ ଏହାକୁ ନେଇ ରେଢ଼ାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପଚାରିବାରୁ ଗଛ ଲଗାଯାଇଥିଲା ଆଉ ତାହାର ରକ୍ଷଣା ବେକ୍ଷଣ ଅଭାବରୁ ପ୍ରାୟତଃ ଗଛ ମରିଯାଇଥିବା ରୁ ସେଠାରେ ୫ଶହ ଗଛ ନିହାତି ଲଗାଯିବା ସହ କାହିଁକି ଏମିତି ହେଲା ସେନେଇ ତଦନ୍ତ କରିବେ ବୋଲି କହିଛନ୍ତି । ଏଥିରୁ ସ୍ପଷ୍ଟ ଜଣାପଡୁଛି ହୋଇଥିବା ଏହି କାର୍ଯ୍ୟରେ କାହାର ଅଛି ଭୁଲ ବନ ବିଭାଗ ଦେଇଛି ଗଛ କିନ୍ତୁ ତାହା ଲଗାଯାଇ ନାହିଁ । ଆଉ ଯାହା ଗଛ ଲାଗିଛି ତାହାର ରକ୍ଷଣାବେକ୍ଷଣ ପାଇଁ ଦାୟୀ କିଏ । ଯଦି ବିଲ୍ ପାସ୍ ହୋଇଛି ତାହେଲେ ଗଛ ଲାଗିଲା ନାହିଁ କାହିଁକି , ପାଣି ଦିଆଗଲା ନାହିଁ କାହିଁକି,ତାହାର ଦାୟିତ୍ୱ ନିଆଗଲା ନାହିଁ କାହିଁକି ନା ଦୁର୍ନୀତି କରି ଚୁପ୍ ସମସ୍ତେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ସରକାର ଚାରା ରୋପଣ ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ସତ ହେଲେ ତାହାକୁ ରକ୍ଷଣା ବେକ୍ଷଣ,ପାଣି ଦେବା , ବାଡଦେବା , ସହ ଯତ୍ନ ନେବାକୁ ଏତେ ତତ୍ପର କାହିଁକି ନାହିଁ ବୋଲି ଲୋକେ କହୁଛନ୍ତି । ତେଣୁ ଏଥିପ୍ରତି ସରକାର ଓ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେଇ ଅନ୍ୟ ଯେଉଁ ସ୍ଥାନରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ହୋଇଛି ସେସବୁକୁ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ପ୍ରକାଶ ପାଇଛି ।

# ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ ସାଧାରଣ ବୈଠକ

## ୭୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ସାକ୍ଷରତା କାର୍ଯ୍ୟକ୍ରମ ପଞ୍ଜୀକୃତ

ରମ୍ଭା୧୦।୬ (ନିପ୍ର): ସମଗ୍ର ଗଂଜାମ ଜିଲ୍ଲାରେ ’ଉଲ୍ଲାସ’ କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରରେ ପହଞ୍ଚାଇ ସାଧାରଣ ଲୋକଙ୍କୁ ସାକ୍ଷରତା ଅଭିଯାନରେ ସାମିଲ କରିବା ଲକ୍ଷ୍ୟ ଆଭିମୁଖ୍ୟ ନେଇ ଏକ ସୁଦୂର ପ୍ରସାରୀ କାର୍ଯ୍ୟକ୍ରମ ଜିଲ୍ଲା ଶିକ୍ଷା ବିଭାଗ, ଗୋଷ୍ଠୀ ଶିକ୍ଷା ବିଭାଗ ସମ୍ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଭାତୀ କୁମାରୀ ମହାପାତ୍ର, ଖଲ୍ଲିକୋଟ ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟନାରାୟଣ ଦାସ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ନାୟକ ପ୍ରମୁଖ ଖଲ୍ଲିକୋଟ ବ୍ଲକ ପଥରା କ୍ଲଷ୍ଟର ଅଧୀନସ୍ଥ ପଣ୍ଡିତ ଗାଁ, ରାମଚନ୍ଦ୍ର ପୁର, ଫାସିଡି ଗ୍ରାମରେ ସାଧାରଣ ସଭା ଆୟୋଜନ କରି ସ୍ୱେଚ୍ଛାସେବୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉଦ୍ୟମ ସହଯୋଗ କ୍ରମେ ୭୦ ରୁ ଊର୍ଦ୍ଧ୍ୱ ଲୋକଙ୍କୁ ’ଉଲ୍ଲାସ’ କାର୍ଯ୍ୟକ୍ରମରେ ନୂତନ ଭାବେ ପଞ୍ଜିକୃତ କରିଥିଲେ। ଗାଁ ଗହଳିରେ ଥିବା ସାଧାରଣ ଲୋକଙ୍କୁ ’ଉଲ୍ଲାସ’ରେ ସାମିଲ୍ କରି ନିତିଦିନିଆ ଆବଶ୍ୟକତା ପରିପୂରଣ କ୍ଷେତ୍ରରେ ଏଭଳି ସାକ୍ଷରତା ଅଭିଯାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଅଭିହିତ କରିଥିଲେ । ଉପସ୍ଥିତ ଶତାଧିକ ପୁରୁଷ ମହିଳାଙ୍କୁ ସଚେତନତା ସହିତ ’ଉଲ୍ଲାସ’ ପୁସ୍ତକ ବିତରଣ କରିଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାତୀ କୁମାରୀ ମହାପାତ୍ର, ଖଲ୍ଲିକୋଟ ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟନାରାୟଣ ଦାସ ପ୍ରମୁଖ ସରକାରଙ୍କ ଏପ୍ରକାର ଜନକଲ୍ୟାଣ ମୂଳକ ଯୋଜନାକୁ ବ୍ୟାପକ କରିବା, ସାକ୍ଷରତା ହାର ଅଭିବୃଦ୍ଧି କରିବା, ମୌଳିକ ସାକ୍ଷରତା, ସଂଖ୍ୟା ଜ୍ଞାନ, ହିସାବ ନିକାଶ ସମ୍ପର୍କରେ ଜନସାଧାରଣଙ୍କୁ ବୁଝାଇ ସଚେତନ କରିଥିଲେ ।

# ସ୍ୱତନ୍ତ୍ର ସଘନ ସଂଶୋଧନ ସଚେତନତା ଶୋଭାଯାତ୍ରା

କୁଚିଣ୍ଡା,୧୦।୬ (ନିପ୍ର): ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ଅନ୍ତର୍ଗତ କେଶାଇବାହାଲ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜ ଠାରେ ମଙ୍ଗଳବାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ସଚେତନତା ସଭା ଏବଂ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ଉପଖଣ୍ଡ ପ୍ରଶାସନ ଓ ବ୍ଲକ ପ୍ରଶାସନର ମିଳିତ ଆନୁକୂଲ୍ୟରେ ହୋଇଥିବା ସଚେତନତା ସଭାରେ ଆସିଷ୍ଟାଣ୍ଟ କଲେକ୍ଟର ରମେଶ ସାହୁ,ବାମରା ବିଡ଼ିଓ ପୁଷ୍ପକ ପ୍ରଧାନ, ତହସିଲଦାର ବିଶାଳ ପଟେଲ, ଇଲେକ୍ସନ ଆସିଷ୍ଟାଣ୍ଟ ଉଇଲିୟମ ବାଘ,କଲେଜ ଅଧ୍ୟକ୍ଷ ଦୟାସାଗର ପ୍ରଧାନ ଯୋଗଦେଇ ସ୍ୱତନ୍ତ୍ର ସଘନ ସଂଶୋଧନ(ଏସଆଇଆର)ର ଉଦ୍ଦେଶ୍ୟ,ଭୋଟର ତାଲିକା ସଂଶୋଧନ, ପରିଗଣନା ବର୍ଷର ସଠିକ ପୂରଣ ଆଦି ଦିଗରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଅଙ୍ଗନୱାଡି କର୍ମୀ ବିଏଲଓ ଏବଂ ଲେଜର ଛାତ୍ରଛାତ୍ରୀ ମାନେ ସାମିଲ ହୋଇଥିଲେ। ପରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ହରେଶ କୁମାର ସାହୁ ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପକ ବିନୋଦ ବିହାରୀ ପୃଷ୍ଟେଠ ଧନ୍ୟବାଦ ଅର୍ପଣ କରିଥିଲେ।

# ଠାକୁରନିକ୍ତିମାଲରେ ଥଣ୍ଡାପାନୀୟ ଜଳପ୍ରକଳ୍ପ ଅଚଳ

କୁଚିଣ୍ଡା,୧୦।୬ (ନିପ୍ର) : ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ବକ୍ସମା ପଞ୍ଚାୟତ ଅନ୍ତର୍ଗତ ଠାକୁରନିକ୍ତିମାଲ ଗ୍ରାମରେ ଥିବା ଥଣ୍ଡାପାନୀୟ ଜଳ ପ୍ରକଳ୍ପଟି ଦୀର୍ଘ ଦିନ ଧରି ଅଚଳ ହୋଇ ପଡିରହିଛି। ଫଳରେ ଗ୍ରାମବାସୀ ଥଣ୍ଡା ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଏଦିଗରେ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ସୂଚନା ଅନୁଯାୟୀ, ଠାକୁରନିକ୍ତିମାଲ ଗ୍ରାମର ଛକ ଠାରେ ବକ୍ସମା ପଞ୍ଚାୟତ ପକ୍ଷରୁ ୨ ଲକ୍ଷ ଟଙ୍କା ବ୍ୟୟରେ ଏକ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଛି। ତେବେ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏହି ପାନୀୟ ଜଳ



ପ୍ରକଳ୍ପଟି ପ୍ରାୟ ବର୍ଷେ ହେବ ଅଚଳ ହୋଇ ପଡ଼ିଛି। ବର୍ତ୍ତମାନ ପ୍ରବଳ ରୌଦ୍ର ତାପ ଯୋଗୁଁ ଗ୍ରାମବାସୀ ଓ ବାଟୋଇ ମାନେ ଥଣ୍ଡା ପାନୀୟ ଜଳ ପାଇବାରୁ ବଞ୍ଚିତ ହେବାସହ ପାଣି ପାଇଁ ଆସୁଥିବାର ସମ୍ମୁଖିନ ହେଉଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ପଞ୍ଚାୟତ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ପଞ୍ଚାୟତ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କେବଳ ଏହି ଗୋଟିଏ ପ୍ରକଳ୍ପ ନୁହେଁ, ଉକ୍ତ ଗ୍ରାମରେ ସୋଲାର ପ୍ୟାନେଲ ଦ୍ୱାରା ସଂଯୋଗ ହୋଇଥିବା ଅନ୍ୟ ଏକ ପାନୀୟ ଜଳ ପ୍ରକଳ୍ପ ମଧ୍ୟ ଅଚଳ ହୋଇ ପଡ଼ିଥିବା ଓ ବାରମ୍ବାର ଅଭିଯୋଗ ପରେ ବି ଏହାର ମରାମତି ପାଇଁ ପଞ୍ଚାୟତ ପକ୍ଷରୁ ପଦକ୍ଷେପ ନିଆଯାଉ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ଏ ସମ୍ପର୍କରେ ବକ୍ସମା ପଞ୍ଚାୟତ ପିଇଓ ରାକେଶ ପଟେଲଙ୍କୁ ପଚାରିବାରେ ସେ ସପ୍ତାହେ ହେବ ଏହି ପଞ୍ଚାୟତର ଦାୟିତ୍ୱ ନେଇଛନ୍ତି, ପ୍ରକଳ୍ପ ଯଦି ଖରାପ ଅଛି ଖୁବ ଶୀଘ୍ର ଏହାର ମରାମତି କରାଯିବ ବୋଲି କହିଛନ୍ତି।

# ଅଧାପନ୍ତରିଆ ରାସ୍ତା ନେଇ ପ୍ରଶ୍ନବାଚୀ

## ଠିକାଦାରଙ୍କ ପାଖରେ ସ୍ଥାନୀୟ ଲୋକପ୍ରତିନିଧିଙ୍କ କର୍ତ୍ତୃତ୍ୱ ନ ଥିବା ଚର୍ଚ୍ଚା

ଭାପୁର,୧୦।୬ (ନିପ୍ର): ଭାପୁର ବଜାର ଠାରୁ ବିଜିପୁର ଗ୍ରାମକୁ ସଂଯୋଗ କରୁଥିବା ୩.୫ କିମି ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ନିର୍ମାଣ କାର୍ଯ୍ୟ କୁ ଠିକାଦାର ମେଣ୍ଟାଲ ବିଛାଇ କାର୍ଯ୍ୟ ବନ୍ଦ କରି ରଖିଛି ଫଳରେ, ଜନସାଧାରଣ ଯାତାୟାତରେ ସମସ୍ୟା ଦେଖାଦେଇଛି। ବର୍ଷାଦିନ ତଥା ମୌସୁମୀ ବର୍ଷା ଆସିଥିବାରୁ ଆଉ ୩/୪ ମାସ ପର୍ଯ୍ୟନ୍ତ କାର୍ଯ୍ୟ ହୋଇପାରିବ ନାହିଁ।ଏହି ସାଢେ ୩.୫ କିମି ରାସ୍ତା ନିର୍ମାଣ ପାଇଁ ପ୍ରାୟ ୩ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି ଏବଂ ୫.୫ ଫୁଟ ଓସାର ରେ ରାସ୍ତା ନିର୍ମାଣ କରାଯିବ। ଖଣ୍ଡପଡା ବିଧାୟକ ଶୁଭ ଦେବାର ପ୍ରାୟ ୯ ମାସ ପରେ ଜିଲ୍ଲା ପ୍ରଶାସନ ର ଚାପ ପ୍ରୟୋଗ ପରେ ଠିକାଦାର କାର୍ଯ୍ୟ ଆରମ୍ଭ କରି ଅଧାପନ୍ତରିଆ ଭାବରେ କାର୍ଯ୍ୟ ବନ୍ଦ କରିଦେଇଥିବା କୁହାଯାଉଛି। ବିଭାଗୀୟ ପଦାଧିକାରୀଙ୍କ ତାଗିଦ ସତ୍ତ୍ୱେ ଠିକାଦାର ଚୁପ ହୋଇ ବସିଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ଫଳରେ,ପ୍ରଶାସନ ନିଃସହାୟ ଅବସ୍ଥାରେ ଉପରକୁ ହାତ ଟେକି ଦେଇଛି ।ଖଣ୍ଡପଡାର ବିଧାୟକ ଓ ମନ୍ତ୍ରୀଙ୍କ ବାହୁଛତ୍ରଛାୟା ତଳେ ସମ୍ପୃକ୍ତ ଠିକାଦାର ଆଶ୍ରୟ ନେଇଥିବାରୁ ସେ ମନଇଛା କାମ କରିବା ନେଇ ସାଧାରଣରେ ଆଲୋଚନା ହେଉଛି।

କେବଳ ସେତିକି ନୁହେଁ,ଉତ୍କର୍ଷ ଭାପୁର ମହୋତ୍ସବ ପାଇଁ ସମ୍ପୃକ୍ତ ଠିକାଦାର ଲକ୍ଷାଧିକ ଟଙ୍କା ପ୍ରଦାନ କରିଥିବାରୁ କାର୍ଯ୍ୟବନ୍ଦକୁ ନେଇ ସ୍ଥାନୀୟ ବିଧାୟକ ନିରବ ରହୁଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି ଫଳରେ, ରାସ୍ତାରେ ଯାତାୟାତ କରୁଥିବା ୪/୫ ଗୋଟି



ପଂଚାୟତର ଜନସାଧାରଣଙ୍କ ସାମୂହିକ ସ୍ୱାର୍ଥକୁ ନ ଦେଖି ବିଧାୟକ ଠିକାଦାରଙ୍କ ନିକଟରେ ବନ୍ଧା ପଡିଥିବାରୁ ତାଙ୍କର କାର୍ଯ୍ୟ ଦକ୍ଷତା ଉପରକୁ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ରକ୍ତଦାନ ଶିବିର

## ୧୬୭ ୟୁନିଟ ସଂଗ୍ରହ

ଟାଙ୍ଗୀ ଚୌଦ୍ୱାର,୧୦।୬ (ନିପ୍ର): କଟକ ଜିଲା ଟାଙ୍ଗୀ ଟେଟ୍ରାହେଡ୍ରନ୍ ଗ୍ରୁପ ଅଫ ଇନ୍ ଷ୍ଟିଚ୍ୟୁସନ୍ସ ପରିସରରେ ଟେଟ୍ରାହେଡ୍ରନ୍ ଏଜୁକେସ୍ ନାଲ ଟ୍ରଷ୍ଟ ପକ୍ଷରୁ ଏକ ବିଶାଳ ରକ୍ତଦାନ ଶିବିରଅନୁଷ୍ଠିତ ହୋଇଯାଇଛି। ଶିବିରରୁ ମୋଟ ୧୬୭ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଜିଲା ରେଡକ୍ରସ୍ ର ସମ୍ପାଦିକା ଡ଼ ସସ୍ମିତା ପଟ୍ଟନାୟକ ପୌରହିତ୍ୟରେ ଆୟୋଜିତ ଶିବିରରେ ଛାତ୍ରୀଛାତ୍ର ସମେତ ଟେଟ୍ରାହେଡ୍ରନର ସମସ୍ତ କର୍ମଚାରୀ ରକ୍ତଦାନ କରି ନୂତନ ପରିଚୟ ପ୍ରଦାନ କରିଛନ୍ତି। ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ଚର୍ଚ୍ଚା ରହିଛନ୍ତି । ମୁଖ୍ୟ ଅତିଥିଭାବେ କଟକ ଜିଲ୍ଲା ଗ୍ରାମୀଣ ପ୍ରଭାରୀ କିଶୋର ଚନ୍ଦ୍ର ପଣ୍ଡା, ଟାଙ୍ଗୀ ମଣ୍ଡଳ ସଭାପତି ହୃଷିକେଶ ସାମଲ, ଜରିପଡ଼ା ସରପଞ୍ଚ ପ୍ରତିନିଧି ଅମନ୍ କୁମାର ବେଉରା, ଯୁବ ସାମାଜିକ କର୍ମୀ ବିଶ୍ୱଜିତ୍ ଆଞ୍ଚଲ, ଟେଟ୍ରାହେଡ୍ରନ ସିବିଏସି ପ୍ରିନ୍ସିପାଲ୍ ବିକାଶ ରଞ୍ଜନ ମହାପାତ୍ର , ପ୍ରତିଷ୍ଠାତା ତ୍ରିଦେବ ବେହେରା, ଶୁଭ୍ରକାନ୍ତ ମହାପାତ୍ର ଟେଟ୍ରାହେଡ୍ରନ ହାଇର ସେକେଣ୍ଡାରୀ ସ୍କୁଲ ଭାଇସ୍ ପ୍ରିନ୍ସିପାଲ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।ଆଗାମୀ ଦିନ ପ୍ରତିମାସରେଜିଲା ରେଡକ୍ରସ୍ ର ସମ୍ପାଦିକା ଡ଼ ସସ୍ମିତା ପଟ୍ଟନାୟକ ସହୋଯୋଗରେ ପ୍ରତି ପଞ୍ଚାୟତର କ୍ଲବ୍ ରେ ରକ୍ତଦାନ ଶିବିର କରିବେ ବୋଲି ଗଣମାଧ୍ୟମ ରେ ପ୍ରତିଷ୍ଠାତା ତ୍ରିଦେବ ବେହେରା ଗଣମାଧ୍ୟମରେ ସୂଚନା ଦେଇଛନ୍ତି।

# ମହେନ୍ଦ୍ରଗିରି ମେଳାରୁ ଫେରୁଥିବା ଅଟୋ ଓଲଟିଲା, ୬ରୁ ଅଧିକ ଆହତ

ପାରଳାଖେମୁଣ୍ଡି,୧୦।୬ (ନିପ୍ର): ମହେନ୍ଦ୍ରଗିରି ମେଳାକୁ ନେଇ ପୁଣି ଏକ ଦୁର୍ଘଟଣା ସାମ୍ନାକୁ ଆସିଛି। ମେଳା ଦର୍ଶନ ସାରି ଫେରୁଥିବା ବେଳେ ମାଡବା ନିକଟରେ ଏକ ଅଟୋ ଦୁର୍ଘଟଣାଗ୍ରସ୍ତ ହୋଇ ୬ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଆହତମାନଙ୍କୁ ପ୍ରଥମେ କଇଁପୁର ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇଥିବା ବେଳେ ପରେ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଆହତମାନେ ହେଲେ ଅନୀତା ଘଣ୍ଟ ୩୫, ରାଜ୍ ଘଣ୍ଟ ୧୭ , ବିନୋଦ କରବରିଆ ୧୩ , ରାଙ୍ଗା ଘଣ୍ଟ ୫୫ , ମିଥି ପାଣି ୨୧ ହୋଇଥିବା ବେଳେ ସମସ୍ତ ଆହତ ରାୟଗଡ଼ ବ୍ଲକ୍‌ର ବୁରୁଜାଙ୍ଗ ଗ୍ରାମର ବୋଲି ଜଣାପଡ଼ିଛି। ମହେନ୍ଦ୍ରଗିରି ମେଳାରେ ରେକର୍ଡ ସଂଖ୍ୟକ ଭକ୍ତଙ୍କ ସମାଗମ ହୋଇଥିବା ବେଳେ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ଘଟଣା ଚିନ୍ତା ବଢ଼ାଇଛି। ଗତ ତିନି ଦିନ ମଧ୍ୟରେ ପିକ୍‌ଅପ୍ ଭ୍ୟାନ୍, ବୋଲେରୋ ଓ ଏବେ ଅଟୋ ୩ ଦୁର୍ଘଟଣାରେ ୩ ମୃତ, ୫୦ରୁ ଅଧିକ ଆହତ ପରେ ମେଳା ପରିଚାଳନା ଓ ସୁରକ୍ଷା ବ୍ୟବସ୍ଥାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଆହତଙ୍କ ପରିବାର ଲୋକେ ମେଳା ଆୟୋଜନରେ ରହିଥିବା ବିଭିନ୍ନ ତ୍ରୁଟିକୁ ଦାୟୀ କରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ମେଳା ସମ୍ପର୍କରେ ବ୍ୟାପକ ପ୍ରଚାର ପ୍ରସାର କରାଯାଇଥିଲେ ମଧ୍ୟ ଏତେ ବଡ଼ ଜନସମାଗମକୁ ଦୃଷ୍ଟିରେ ରଖି ଜରୁରୀକାଳୀନ ଚିକିତ୍ସା ବ୍ୟବସ୍ଥା ଓ ଆମ୍ବୁଲାନ୍ସ ସେବା ପର୍ଯ୍ୟାପ୍ତ ଭାବେ ଉପଲବ୍ଧ ନଥିଲା।

# ପୂର୍ବତନ ସରପଞ୍ଚଙ୍କ ଘରୁ ବଡ଼ ଧରଣର ଡକାୟତ

## ଲୁଟିଲେ ୫୦ ଲକ୍ଷରୁ ଅଧିକ ଟଙ୍କାର ସୁନାଗହଣା , ଏକ ଲକ୍ଷ ୨୩ ହଜାର ନଗଦ

ଭାପୁର,୧୦।୬ (ନିପ୍ର): କିଛିଦିନ ବ୍ୟବଧାନ ପରେ ଭାପୁର ରୁ ଏକ ବଡ଼ ଧରଣର ଡକାୟତି ହୋଇଛି। ଭାପୁର ଗ୍ରା.ପ. ର ପୂର୍ବତନ ସରପଞ୍ଚ ତଥା ଭାପୁର ଗ୍ରାମର କାର୍ତ୍ତିକ ଚନ୍ଦ୍ର ନାୟକଙ୍କ ଘରୁ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଡକାୟତମାନେ ଘରେ ପଶି କଳାକନା ବୁଲେଇଛନ୍ତି। ଡକାୟତ ମାନେ ବାରି କବାଟ ଭାଙ୍ଗି ଘରେ ପଶିଥିଲେ ଏବଂ ପରିବାରର ସମସ୍ତଙ୍କୁ ନିଶା ଶୁଂଘେଇ ବେହୋସ କରି ଲୁଟପାଟ ଆରମ୍ଭ କରିଥିଲେ। ଚେତା ଫେରିଲା ପରେ ପରିବାର ସଦସ୍ୟ ଦେଖିଲେ ଦୁଇ ଗୋଟି ଗଡ଼ରେଜ ଏବଂ ଗୋଟିଏ କାଠ ଆଲମାରୀ ଭାଙ୍ଗି ଏକ ଲକ୍ଷ ତେଇଶି ହଜାର ଟଙ୍କା,ସୁନାର ହାର ୩ ଗୋଟି,ମୁଦି ୮ ଗୋଟି,କାନଫୁଲ ୩ ହଳ ଏବଂ ଅନ୍ୟାନ୍ୟ ମିଶି ଅନୁମାନ ୩୦ ଗ୍ରାମରୁ ଊର୍ଦ୍ଧ୍ୱ ହେବ ଚୋରି ହୋଇଛି ବୋଲି ଭାପୁର ଆଉଟ ପୋଷ୍ଟରେ ଶ୍ରୀ ନାୟକ ଲିଖିତ ଅଭିଯୋଗ କରିଛନ୍ତି । ଏତଦ ବ୍ୟତୀତ, ଜମି ପଟ୍ଟା, ଆଧାର କାର୍ଡ, ଭୋଟ ପରିଚୟ ପତ୍ର ଆଦି ଜରୁରୀ କାଗଜ ପତ୍ର ଏବଂ ଦାମୀ ଲୁଗା ରହିଥିବା ଆଟାଚ ମଧ୍ୟ ଚୋରି ହୋଇଛି। ଏକ ସାଙ୍ଗରେ,କାର୍ତ୍ତିକ ଙ୍କ ଭାଇ ଭଜମନ ନାୟକଙ୍କ ଘରେ ଚୋରମାନେ ପଶି ତିନି ହଜାର ଟଙ୍କା ସହିତ ଏକ ସାଇକେଲ ମଧ୍ୟ ନେଇ ଯାଇଛନ୍ତି। ଚୋରି ସମ୍ପର୍କରେ ବୁଧବାର ଦିନ ସକାଳୁ ଭାପୁର ଆଉଟପୋଷ୍ଟ ଅଧିକାରୀ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି।

**AFFIDAVIT**

By virtue of an affidavit sworn before The Notary Public, Champua affidavit no.2362 dtd.10.06.2026, I Brundaban Giri S/o-Ratnakar Giri, At/Po-Budamara, Ps-Ghagarbeda, Dist-Mayurbhanj, Odisha-757035 do hereby declare that I have changed my son's name from Santos Giri to Santosh Kumar Giri. Henceforth he will be known as Santosh Kumar Giri for all purposes.

**Sd/-Brundaban Giri**

**AFFIDAVIT**

By virtue of an affidavit sworn before The Notary Public, Champua affidavit no.2363 dtd.10.06.2026, I Chinmay Mahanta S/o Gangalal Mahanta At-Maheswarpur, Po-Kainta, Ps-Champua, Dist-Keonjhar, Odisha-758041 do hereby declare that, I have changed my name from Chinmayi Mahanta to Chinmay Mahanta. Henceforth I shall be known as Chinmay Mahanta.

**Sd/-Chinmay Mahanta**

# ରାଜ୍ୟସ୍ତରୀୟ ‘ତାଳ ଓ ଟ୍ରେଣ୍ଡ୍‌ସ’ ନୃତ୍ୟ ସମନ୍ୱୟ ପ୍ରତିଯୋଗିତାରେ ଶ୍ରୀଜଗନ୍ନାଥ ଓଡ଼ିଶୀ କଳାକେନ୍ଦ୍ରର ସଫଳତା

ପାରଳାଖେମୁଣ୍ଡି,୧୦।୬ (ନିପ୍ର): ଶ୍ରୀ ସାଇ କଲଚୁରାଲ୍ ଏସୋସିଏସନ୍ ଟ୍ରଷ୍ଟ , ମଞ୍ଜେଶ୍ୱର ପକ୍ଷରୁ ଉପେନ୍ଦ୍ର ଭଞ୍ଜ ରେଲୱେ ଇନଷ୍ଟିଚ୍ୟୁଟ୍ ପରିସରରେ ରାଜ୍ୟସ୍ତରୀୟ ‘ତାଳ ଓ ଟ୍ରେଣ୍ଡ୍‌ସ ନୃତ୍ୟ ସମନ୍ୱୟ ପ୍ରତିଯୋଗିତା–୨୦୨୬’ ସଫଳତାର ସହ ଆୟୋଜିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜ ନିଜ ପ୍ରତିଭାର ପ୍ରଦର୍ଶନ କରିଥିଲେ। ସେମାନଙ୍କ ମଧ୍ୟରୁ ପାରଳାଖେମୁଣ୍ଡିର ଅଗ୍ରଣୀ ନୃତ୍ୟ ଅନୁଷ୍ଠାନ ଶ୍ରୀଜଗନ୍ନାଥ ଓଡ଼ିଶୀ କଳାକେନ୍ଦ୍ରର ଛଅଜଣ ନୃତ୍ୟଶିଳ୍ପୀ ଯଥା ଶୁଭଶ୍ରୀ ପାଣିଗ୍ରାହୀ , ଦିବ୍ୟା ପୂଜାରୀ , ତନୁପ୍ରିୟା ପାଇକ , ସୋନାଲି ପ୍ରଧାନ , ଲିସା ରାଣୀ ପାଢ଼ୀ ଏବଂ ସ୍ମୃତିସ୍ନିଗ୍ଧା କର ବରିଷ୍ଠ ଦଳଗତ ନୃତ୍ୟ ବିଭାଗରେ ଅଂଶଗ୍ରହଣ କରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଉକ୍ତ ପ୍ରତିଯୋଗିତାରେ ପ୍ରତିଯୋଗିତାରେ ମୁଖ୍ୟ ବିଚାରକ ଭାବେ ଗୁରୁ ଶ୍ରୀମତୀ ସୋନାଲି , ଗୁରୁ ଶ୍ରୀମତୀ ଶୁଭଦର୍ଶିନୀ ନାୟକ ଏବଂ ଗୁରୁ ଦୁର୍ଯ୍ୟୋଧନ ମୁଦୁଲି ଯୋଗଦେଇ ପ୍ରତିଯୋଗୀମାନଙ୍କର ନୃତ୍ୟ ପରିବେଷଣର ମୂଲ୍ୟାଙ୍କନ କରିଥିଲେ। ଏହି ସଫଳତା ପାଇଁ ସେମାନଙ୍କୁ ଟ୍ରଫି ସହିତ ପୁରସ୍କାର ରାଶି ମଧ୍ୟ ପ୍ରଦାନ କରିଥିଲେ। ସେମାନଙ୍କର ମନୋମୁଗ୍ଧକର ନୃତ୍ୟ ପରିବେଷଣକୁ ଉପସ୍ଥିତ ବିଚାରକ ମଣ୍ଡଳୀ , ଦର୍ଶକବୃନ୍ଦ ଏବଂ ଆୟୋଜକ କମିଟି ଭୂୟସୀ ପ୍ରଶଂସା କରିବା ସହ ସାଧୁବାଦ ଜଣାଇଥିଲେ। ଏହି ସଫଳତା ଶ୍ରୀଜଗନ୍ନାଥ ଓଡ଼ିଶୀ କଳାକେନ୍ଦ୍ର ପାଇଁ ଏକ ଗର୍ବ ଓ ଗୌରବର ବିଷୟ।

ଅନୁଷ୍ଠାନର ଗୁରୁଜନ , କର୍ମକର୍ତ୍ତା ଏବଂ ଅଭିଭାବକବୃନ୍ଦ ପ୍ରଥମ ସ୍ଥାନ ଅଧିକାର କରିଥିବା ନୃତ୍ୟଶିଳ୍ପୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ଭବିଷ୍ୟତରେ ମଧ୍ୟ ଏହିପରି ସଫଳତା ହାସଲ କରି ଅନୁଷ୍ଠାନ ଓ ପାରଳାଖେମୁଣ୍ଡି ପାଇଁ ଗୌରବ ଆଣିବେ ବୋଲି ଆଶା ପ୍ରକାଶ କରିଛନ୍ତି।

# କେନ୍ଦୁଝରରେ ପେଟ୍ରୋଲିୟମ ସାମଗ୍ରୀ ଯୋଗାଣ ଓ ଉପଲବ୍ଧତା ନେଇ ଜିଲ୍ଲାପାଳଙ୍କ ସମୀକ୍ଷା

କେନ୍ଦୁଝର,୧୦।୬ (ନିପ୍ର): କେନ୍ଦୁଝର ଜିଲ୍ଲାରେ ପେଟ୍ରୋଲିୟମ ସାମଗ୍ରୀର ନିରବଚ୍ଛିନ୍ନ ଯୋଗାଣ, ବଣ୍ଟନ ଏବଂ କଳାବଜାରୀ ରୋକିବା ଲକ୍ଷ୍ୟରେ ଆଜି ଜିଲ୍ଲାପାଳ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ ‘ଜିଲ୍ଲା ସଙ୍କଟ ପରିଚାଳନା ଗୋଷ୍ଠୀ’ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାରେ ପେଟ୍ରୋଲ, ଡିଜେଲ ଏବଂ ରନ୍ଧନ ଗ୍ୟାସ୍ ଭଳି ଜରୁରୀ ପେଟ୍ରୋଲିୟମ ସାମଗ୍ରୀର ସାମ୍ପ୍ରତିକ ସ୍ଥିତି ଓ ଉପଲବ୍ଧତା ସମ୍ପର୍କରେ ସବିଶେଷ ସମୀକ୍ଷା କରାଯାଇଥିଲା। ବଜାରରେ ଏହି ସବୁ ସାମଗ୍ରୀର ଯେପରି କୌଣସି କୃତ୍ରିମ ଅଭାବ ସୃଷ୍ଟି ନହୁଏ ଏବଂ ଗ୍ରାହକମାନେ ଯେପରି ସହଜରେ ପେଟ୍ରୋଲିୟମ ସାମଗ୍ରୀ ପାଇପାରିବେ, ସେଥିପାଇଁ ବିଭିନ୍ନ ତୈଳ କମ୍ପାନୀର ପ୍ରତିନିଧିମାନଙ୍କୁ ନିରବଚ୍ଛିନ୍ନ ଯୋଗାଣ ବଜାୟ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ପେଟ୍ରୋଲିୟମ ସାମଗ୍ରୀର ସଠିକ୍ ଉପଲବ୍ଧତା ନିଶ୍ଚିତ କରିବା ଏବଂ କଳାବଜାରୀ କିମ୍ବା ବେଆଇନ ମହଜୁଦ ରୋକିବା ପାଇଁ ପ୍ରଶାସନ ସର୍ବଦା ସତର୍କ ରହିଛି। ଯଦି କୌଣସି ଅଞ୍ଚଳରେ ଏହି ସାମଗ୍ରୀର ଅଭାବ ଦେଖାଦିଏ କିମ୍ବା କଳାବଜାରୀ ହେଉଥିବାର ସୂଚନା ମିଳେ, ତେବେ ତୁରନ୍ତ ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନ କିମ୍ବା ମୁଖ୍ୟ ବେସାମରିକ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଅବଗତ କରାଇବା ପାଇଁ ନିବେଦନ କରାଯାଇଛି। ବୈଠକରେ ବିଶେଷ ଭାବେ ହରିଚନ୍ଦନପୁର, ବାଂଶପାଳ ଏବଂ ତେଲକୋଇ ବ୍ଲକରେ ପେଟ୍ରୋଲିୟମ ସାମଗ୍ରୀର ସୁବିଧାଜନକ ବଣ୍ଟନ ଉପରେ ଅଧିକ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ, ପୋଲିସ ବିଭାଗ, ସିଭିଲ୍ ସପ୍ଲାଇ



ବିଭାଗ, ଜିଲ୍ଲା ସ୍ୱାସ୍ଥ୍ୟ ଓ ଶିକ୍ଷା ବିଭାଗର ପ୍ରତିନିଧି ଏବଂ ତେଲ କମ୍ପାନୀ (ଆଇଓସିଏଲ, ବିପିସିଏଲ,ଏଚପିସିଏଲ)ର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ସାଧାରଣ ଜନତାଙ୍କ ସ୍ୱାର୍ଥ ଦୃଷ୍ଟିରୁ ପେଟ୍ରୋଲିୟମ ସାମଗ୍ରୀର ସୁବିଧାଜନକ ବଣ୍ଟନକୁ ସୁନିଶ୍ଚିତ କରିବା ପାଇଁ ଏହି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା ।

# ୮୦% ଦିବ୍ୟାଙ୍ଗ ପ୍ରମାଣପତ୍ର ଥାଇ ମଧ୍ୟ ସରକାରୀ ସହାୟତାରୁ ବଞ୍ଚିତ

## କେବେ ପାଇବେ ଦିବ୍ୟାଙ୍ଗ ଭତ୍ତା ଓ ଅନ୍ତ୍ୟୋଦୟ ଗୃହ

ଗୋଲାମୁଣ୍ଡା,୧୦।୬(ନିପ୍ର): ଗୋଲାମୁଣ୍ଡା ବ୍ଲକ ବୃନ୍ଦାବାହାଲ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଲିମସେର ଗ୍ରାମର ରାହାସବିହାରୀ ପଟେଲଙ୍କ ଝିଅ ମିକି ପଟେଲ ୮୦% ଦିବ୍ୟାଙ୍ଗ ପ୍ରମାଣପତ୍ରଧାରୀ ହିତାଧିକାରୀ ଆଜିପର୍ଯ୍ୟନ୍ତ ସରକାରୀ ଭତ୍ତା ଓ ଆବାସ ଯୋଜନାର ସୁବିଧା ପାଇନଥିବା ଦେଖିବାକୁ ମିଳିଛି । ସରକାର ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ କଲ୍ୟାଣ ପାଇଁ ବିଭିନ୍ନ ଯୋଜନା କରୁଥିବା ବେଳେ ପ୍ରକୃତ ହିତାଧିକାରୀମାନେ କେତେ ପରିମାଣରେ ଏହାର ଲାଭ ପାଉଛନ୍ତି, ତାହା ନେଇ ପ୍ରଶ୍ନ ଉଠିଛି ।ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ସମସ୍ତ ଯୋଗ୍ୟତା ଥିବା ସତ୍ତ୍ୱେ ସମ୍ପୃକ୍ତ ହିତାଧିକାରୀଙ୍କ ନାମକୁ ଭତ୍ତା ଓ ଆବାସ ଯୋଜନାରେ ସାମିଲ କରାଯାଇନାହିଁ। ଏଥିପାଇଁ ବୃନ୍ଦାବାହାଲ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ମନମାନି ଓ ଅବହେଳା ବୋଲି ଅଭିଯୋଗ ହେଉଛି। ଜଣେ ୮୦% ଦିବ୍ୟାଙ୍ଗ ହିତାଧିକାରୀ ଯଦି ସରକାରଙ୍କ ମୌଳିକ ସହାୟତାରୁ ବଞ୍ଚିତ ରହନ୍ତି, ତେବେ



ଏହା ଏକ ଚିନ୍ତାର ବିଷୟ ପାଲଟିଛି । ଏ ଉପରେ ବ୍ଲକ ପ୍ରଶାସନ ତଦନ୍ତ କରି ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## ମୋଦିଙ୍କୁ ଶୁଭେଚ୍ଛା ଜଣାଇଲେ ମେଲୋନି

ନୂଆଦିଲ୍ଲୀ,୧୦।୬: ଇଟାଲୀ ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନି ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ମୋଦି ଭାରତର ସବୁଠାରୁ ଦୀର୍ଘ ସମୟ ଧରି ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ରେକର୍ଡ଼ କରିଛନ୍ତି। ମେଲୋନି ତାଙ୍କ ସାମାଜିକ ଗଣମାଧ୍ୟମ 'ଏକ୍ସ'ର ଏକ ପୋଷ୍ଟରେ ଶୁଭେଚ୍ଛା ଜଣାଇଛନ୍ତି, ସେ ଲେଖିଛନ୍ତି ଯେ, "ନରେନ୍ଦ୍ର ମୋଦିଙ୍କୁ ଅଭିନନ୍ଦନ, ଯିଏ ଆଜି ଭାରତର ଇତିହାସରେ ସବୁଠାରୁ ଦୀର୍ଘ ସମୟ ଧରି ନିର୍ବାଚିତ ପ୍ରଧାନମନ୍ତ୍ରୀ ହୋଇଛନ୍ତି।" ସେ ମୋଦିଙ୍କ ରୋମ ଗସ୍ତକୁ ମନେ ପକାଇ କହିଛନ୍ତି, "ସାମ୍ପ୍ରତିକ ସପ୍ତାହଗୁଡ଼ିକରେ ରୋମରେ ପୁଣି ଥରେ ସାକ୍ଷାତ କରିବା ଏବଂ ଏକ ସ୍ୱତନ୍ତ୍ର ରଣନୈତିକ ସହଭାଗୀତା ଆରମ୍ଭ କରିବା ଏକ ଆନନ୍ଦଦାୟକ କଥା ଯାହା ଭବିଷ୍ୟତକୁ ଲକ୍ଷ୍ୟ କରି ଆମର ଦେଶ ଏବଂ ଆମ ଲୋକଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ।" ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଐତିହାସିକ ମାଇଲଖୁଣ୍ଟ ପାଇଁ ଶୁଭେଚ୍ଛା ଜଣାଇଥିବା ବିଶ୍ୱ ନେତାଙ୍କ ତାଲିକାରେ ସାମିଲ ହୋଇଛନ୍ତି ମେଲୋନି। ମୋଦି ମଙ୍ଗଳବାର ଦେଶର ସବୁଠାରୁ ଦୀର୍ଘ ସମୟ ଧରି ନିରନ୍ତର ଭାବରେ କାର୍ଯ୍ୟ କରୁଥିବା ନିର୍ବାଚିତ ପ୍ରଧାନମନ୍ତ୍ରୀ ହୋଇ ଏକ ଐତିହାସିକ ସଫଳତା ହାସଲ କରିଛନ୍ତି।।

## ରାଜ୍ୟସଭା ସାଂସଦ ପଦରୁ ଇସ୍ତଫା ଦେଲେ ସୁସ୍ମିତା ଦେବ



ନୂଆଦିଲ୍ଲୀ: ଟିଏମସିକୁ ପୁଣି ଝଟକା । ରାଜ୍ୟସଭା ସାଂସଦ ପଦରୁ ଇସ୍ତଫା ଦେଲେ ସୁସ୍ମିତା ଦେବ। ବୁଧବାର ଦିନ ଦଳର ନେତ୍ରୀ ସୁସ୍ମିତା ଦେବ ରାଜ୍ୟସଭା ସାଂସଦ ପଦରୁ ଇସ୍ତଫା ଦେବା ପରେ ଟିଏମସି ମୁଖ୍ୟ ମମତା ବାନାର୍ଜୀଙ୍କୁ ଏକ ବଡ ଝଟାକା ଲାଗିଛି । ଉପରାଷ୍ଟ୍ରପତି ସିପି ରାଧା କ୍ରିଷ୍ଣନଙ୍କୁ ଚିଠି ଲେଖି ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି ସୁସ୍ମିତା ଦେବ । ସବୁଠୁ ବଡ କଥା ଯେ ସୁସ୍ମିତା ଦେବ ତାଙ୍କ ଇସ୍ତଫା ଦେବାର କିଛି ମିନିଟ୍ ପରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କୁ ଭେଟିଥିଲେ, ଯାହା ସେ ବିଜେପିରେ ଯୋଗଦେବା ନେଇ କଳ୍ପନାଜଳ୍ପନାକୁ ଖୋରାକ ଯୋଗାଇଥିଲା। ଏହି ଇସ୍ତଫା ତୃଣମୂଳ କଂଗ୍ରେସ ପାଇଁ ଗୋଟିଏ ସପ୍ତାହ ମଧ୍ୟରେ ରାଜ୍ୟସଭାରୁ ଦ୍ୱିତୀୟ ଥର ପାଇଁ ବିଦାୟ। ପ୍ରଥମ ବଡ଼ ଝଟକା ସେତେବେଳେ ଲାଗିଲା ଯେତେବେଳେ ୧୩ ବର୍ଷ ଧରି ଉପର ସଦନରେ ଦଳର ମୁଖ୍ୟ ସଚେତକ ଭାବରେ କାର୍ଯ୍ୟ କରିଥିବା ସୁଖେନ୍ଦୁ ଶେଖର ରାୟ ଦଳର ମୁଖ୍ୟ ମମତା ବାନାର୍ଜୀଙ୍କୁ ଏକ କଡ଼ା ଶବ୍ଦରେ ଚିଠି ପଠାଇ ସଂସଦରୁ ଇସ୍ତଫା ଦେଇଥିଲେ। ତାଙ୍କ ଇସ୍ତଫା ପତ୍ରରେ, ରାୟ ଦାବି କରିଛନ୍ତି ଯେ ପଶ୍ଚିମବଙ୍ଗର ଲୋକମାନେ ତୃଣମୂଳ କଂଗ୍ରେସ ବିରୁଦ୍ଧରେ ପାଲଟି ଯାଇଛନ୍ତି କାରଣ ସେ ଏହାକୁ ବ୍ୟାପକ ଦୁର୍ନୀତି, ମହିଳା ସୁରକ୍ଷା ସୁନିଶ୍ଚିତ କରିବାରେ ଦଳର ବିଫଳତା ଏବଂ ଶିକ୍ଷା, ସ୍ୱାସ୍ଥ୍ୟସେବା, ଶିଳ୍ପ, ନିଯୁକ୍ତି ଏବଂ ଆଇନ ଶୃଙ୍ଖଳା ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକରେ ପରିସ୍ଥିତି ଖରାପ ହେବା ବୋଲି ବର୍ଣ୍ଣନା କରିଛନ୍ତି।ଦୁଇଟି ଇସ୍ତଫା ପରେ ରାଜ୍ୟସଭାରେ ଟିଏମସିର ସଦସ୍ୟ ସଂଖ୍ୟା ଏବେ ୧୧ ହୋଇଛି।

## ମୁମ୍ବାଇ ମେୟରର ଅଫିସ ଏବଂ ବମ୍ବେ ଷ୍ଟକ ଏକ୍ସଚେଞ୍ଜକୁ ବୋମା ଧମକ




ମହାରାଷ୍ଟ୍ର,୧୦।୬ : ମହାରାଷ୍ଟ୍ର ମୁମ୍ବାଇରେ ଆଲର୍ଟ ମୋଡ଼ରେ ସୁରକ୍ଷା ଏଜେନ୍ସି । ମୁମ୍ବାଇ ମେୟରଙ୍କୁ ଏକ ଧମକପୂର୍ଣ୍ଣ ଇମେଲ ମିଳିଛି । ଇମେଲରେ ମେୟରଙ୍କ କାର୍ ଏବଂ ତାଙ୍କ ଅଫିସକୁ ବୋମାରେ ଉଡ଼ାଇବାକୁ ଧମକ ମିଳିଛି । ଏହି ମେଲରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ମେୟର କାର୍ଯ୍ୟାଳୟ ଏବଂ ବମ୍ବେ ଷ୍ଟକ ଏକ୍ସଚେଞ୍ଜକୁ ଉଡ଼ାବାକୁ ଲେଖାଯାଇଛି । ଧମକ ମିଳିବା ପରେ ପୋଲିସ ଏବଂ ସୁରକ୍ଷା ଏଜେନ୍ସି ଯାଞ୍ଚ ଆରମ୍ଭ କରିଛି। ଖବର ମୁତାବକ, ମୁମ୍ବାଇ ମେୟରଙ୍କୁ ମିଳିଥିବା ଏକ ଇମେଲରେ ତାଙ୍କ କାର୍ ଏବଂ କାର୍ଯ୍ୟାଳୟକୁ ବୋମାରେ ଉଡ଼ାଇବାକୁ ଧମକ ମିଳିଛି । ଇମେଲ ସାମ୍ନାକୁ ଆସିବା ପରେ ପ୍ରଶାସନ ଏବଂ ସୁରକ୍ଷା ଏଜେନ୍ସି ଖୋଳତାଡ଼ ଆରମ୍ଭ କରିଥିଲେ । ଧମକପୂର୍ଣ୍ଣ ମେଲରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ମେୟର କାର୍ଯ୍ୟାଳୟ ଏବଂ ବମ୍ବେ ଷ୍ଟକ ଏକ୍ସଚେଞ୍ଜକୁ ଧମକ ମିଳିଛି । ଏହି ସବୁ ସ୍ଥାନର ସୁରକ୍ଷା ବ୍ୟବସ୍ଥାକୁ ବଢାଇଦିଆଯାଇଛି।

## ନୀତି ଆୟୋଗର ପରିଚାଳନା ପରିଷଦ ବୈଠକର ଅଧ୍ୟକ୍ଷତା କରିବେ ମୋଦି

ନୂଆଦିଲ୍ଲୀ,୧୦।୬(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ନୂଆଦିଲ୍ଲୀ ସ୍ଥିତ ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରରେ ନୀତି ଆୟୋଗର ୧୧ତମ ପରିଚାଳନା ପରିଷଦ ବୈଠକର ଅଧ୍ୟକ୍ଷତା କରିବେ । ପ୍ରଧାନମନ୍ତ୍ରୀଙ୍କ 'ଟିମ୍ ଇଣ୍ଡିଆ'ର ଭିଜନ୍ ଅନୁରୂପ ବିକଶିତ ଭାରତର ଲକ୍ଷ୍ୟ ଅନ୍ତର୍ଗତ ଚଳିତ ବର୍ଷର ବିଷୟବସ୍ତୁ, 'ବିକଶିତ ଭାରତ ୨୦୪୭ ପାଇଁ ସମାବେଶୀ ମାନବ ବିକାଶ' ରହିଛି ।

## ଖାଇକୁ ଖସିଲା କାର୍: ୪ମୃତ

ଡେରାଡୁନ,୧୦।୬ : ଉତ୍ତରାଖଣ୍ଡ ମସୁରୀରେ ବଡ଼ ଦୁର୍ଘଟଣା। ଉତ୍ତରକାଶୀରୁ ଫେରୁଥିବା ଏକ କାର୍ ଅନିୟନ୍ତ୍ରିତ ହୋଇ ଗଭୀର ଖାଇକୁ ଖସିପଡିଥିଲା । ଘଟଣାରେ ୪ ଜଣଙ୍କ ଜୀବନ ଚାଲିଯାଇଛି । ଏମାନଙ୍କ ଭିତରେ ଦୁଇଜଣ ମହିଳା ଏବଂ ଦୁଇ ଜଣ ପୁରୁଷ ରହିଛନ୍ତି । ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି । ସୂଚନା ମିଳିବା ପରେ ସ୍ଥାନୀୟ ପୋଲିସ, ଏସଡିଆରଏଫ ଟିମ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରାଯାଉଛି । ଖବର ମୁତାବକ, ଦୁର୍ଘଟଣା ମସୁରୀର ଝଡିପାଣି ସର୍ଟକଟ୍ ରାସ୍ତାରେ ହୋଇଛି । କାର୍ ଉତ୍ତରକାଶୀରୁ ଫେରୁଥିବା ବେଳେ ଏମାନେ ଗାଡ଼ି ରଖି ଦୋକାନରୁ କିଛି ଜିନିଷ କିଣିଥିଲେ । କିଣିବା ପରେ କାର୍ ଷ୍ଟାଟ୍ କରୁ କରୁ ଗାଡ଼ିଟି ଅନିନ୍ତ୍ରିତ ହୋଇ ସିଧା ଗଭୀର ଖାଇକୁ ଖସିପଡିଥିଲା ।

## ମୋଦି ସରକାରଙ୍କ ୧୨ ବର୍ଷ ପୂର୍ତ୍ତିରେ କ୍ୟାବିନେଟର ବଡ଼ ନିଷ୍ପତ୍ତି

# ଅହମ୍ମଦାବାଦ ମେଟ୍ରୋ ପ୍ରକଳ୍ପକୁ ମଞ୍ଜୁରି

ନୂଆଦିଲ୍ଲୀ,୧୦।୬: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏନଡିଏ ସରକାରର ୧୨ ବର୍ଷ ପୂର୍ତ୍ତି ଅବସରରେ କେନ୍ଦ୍ର କ୍ୟାବିନେଟର ବୈଠକ ହୋଇଛି । ଏହି ବୈଠକରେ ଅହମ୍ମଦାବାଦ ମେଟ୍ରୋ ରେଳ ପ୍ରୋଜେକ୍ଟ ବିସ୍ତାର ସହ ଅନେକ ବଡ଼ ନିଷ୍ପତ୍ତି ନିଆଯାଇଛି । କ୍ୟାବିନେଟ ଅହମଦାବାଦ ମେଟ୍ରୋର ଫେଜ୍ ୨ଏ ଅଧିନରେ ୬ କିଲୋମିଟର କରିଡୋରକୁ ମଞ୍ଜୁରି ଦେଇଛି । ଏଥିରେ ପାଞ୍ଚଟି ନୂଆ ଷ୍ଟେସନ ନିର୍ମାଣ କରାଯିବ । ଏହା ସହ ଆନ୍ଧ୍ର ପ୍ରଦେଶର ଅମରାବତୀ ସହ ଜଡ଼ିତ ଅନେକ ବଡ଼ ପ୍ରକଳ୍ପକୁ ମଧ୍ୟ ମଞ୍ଜୁରି ଦିଆଯାଇଛି । କେନ୍ଦ୍ର ପକ୍ଷରୁ ଅମରାବତୀ ପାଇଁ ଦୁଇଟି ବଡ଼ ଇନଫ୍ରାଷ୍ଟ୍ରକଚର ପ୍ରୋଜେକ୍ଟ ଘୋଷଣା କରାଯାଇଛି । ଏଥିରେ ୨୩.୨୫ ଲକ୍ଷ ବର୍ଗ ଫୁଟ୍ ଅଞ୍ଚଳରେ ୧୨୯୯ କୋଟି ଟଙ୍କା ଖର୍ଚ୍ଚରେ ସେଣ୍ଟ୍ରାଲ୍ ଗଭରମେଣ୍ଟ ଜେନେରାଲ୍ ପୁଲ୍ ଅଫିସ ଅକୋମଡେସନ ସାମିଲ ରହିଛି। ଅହମ୍ମଦାବାଦ ମେଟ୍ରୋ ରେଳ ପ୍ରକଳ୍ପ ସମ୍ପ୍ରସାରଣ ପାଇଁ ପ୍ରାୟ ୨,୧୬୯ କୋଟି ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି । ଏହା ପ୍ରାୟ ୨୫୦୦ ଲୋକଙ୍କ ପାଇଁ ନିଯୁକ୍ତି ମଧ୍ୟ ସୃଷ୍ଟି କରିବ । ପ୍ରକଳ୍ପ ଶେଷ ହେବା ପରେ, ଅହମ୍ମଦାବାଦ-ଗାନ୍ଧୀନଗର ମେଟ୍ରୋ ରୁଟ୍ ୭୭.୬୩ କିଲୋମିଟର ଲମ୍ବ ହେବ। ଅହମ୍ମଦାବାଦ ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜନ ପାଇଁ ପ୍ରସ୍ତୁତ କରୁଛି । ମେଟ୍ରୋର ଏହି ବିସ୍ତାର ପ୍ରସ୍ତାବିତ କମନୱେଲଥଏନକ୍ଲେଭକୁ ଏୟାରପୋର୍ଟ ସହ ଯୋଡ଼ିବ । ଏହାଦ୍ୱାରା ଖେଳାଳି, ଅଧିକାରୀ, ପର୍ଯ୍ୟଟକ ଏବଂ ସ୍ଥାନୀୟ ଲୋକଙ୍କୁ ଉନ୍ନତ ଯାତ୍ରା ସୁବିଧା ମିଳିବ । ସରକାରଙ୍କ ଅନୁସାରେ, ନୂଆ ମେଟ୍ରୋ କରିଡୋର ଅହମଦାବାଦ, ଗାନ୍ଧୀନଗର,



ଗିଫ୍ଟ ସିଟି ଏବଂ ଏୟାରପୋର୍ଟ ମଧ୍ୟରେ ଉନ୍ନତ ଯୋଗାଯୋଗ ସ୍ଥାପନ ହୋଇପାରିବ ।କ୍ୟାବିନେଟ୍ ବୈଠକ ଉପରେ ସୂଚନା ଦେଇ ରେଳମନ୍ତ୍ରୀ କହିଛନ୍ତି, 'ଆଜି, ପ୍ରଧାନମନ୍ତ୍ରୀ ମୋଦି ଜଣେ ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବରେ ଦେଶ ପ୍ରତି ସର୍ବାଧିକ ନିରନ୍ତର ସେବା ପାଇଁ ଏକ ନୂତନ ରେକର୍ଡ ସ୍ଥାପନ କରିଛନ୍ତି । ଏହି ଅବସରକୁ ପାଳନ କରିବା ପାଇଁ କେନ୍ଦ୍ର କ୍ୟାବିନେଟ ଏକ ସଂକଳ୍ପ ପାରିତ କରିଛି । ଏହି ସଂକଳ୍ପରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବରେ ଦେଶ ପ୍ରତି ନିରନ୍ତର ସେବାର ଏହି ଐତିହାସିକ ମାଇଲଖୁଣ୍ଟ ବିଷୟରେ ଆଲୋଚନା କରାଯାଇଛି ଏବଂ ଅନେକ ପ୍ରତିଶ୍ରୁତି ଓ ସଂକଳ୍ପକୁ ରୂପରେଖା ଦିଆଯାଇଛି । ଜୁନ୍ ୧୦, ୨୦୨୬, ଭାରତୀୟ ଗଣତନ୍ତ୍ରର ଯାତ୍ରାରେ ଏକ ଐତିହାସିକ ମୁହୂର୍ତ୍ତ । ଆଜି, ନରେନ୍ଦ୍ର ମୋଦି ଦେଶର ସର୍ବାଧିକ ନିରନ୍ତର ନିର୍ବାଚିତ ପ୍ରଧାନମନ୍ତ୍ରୀ ହୋଇଛନ୍ତି, ଏବଂ ଲଗାତାର ୪,୩୯୯ ଦିନ ପ୍ରଧାନମନ୍ତ୍ରୀ ଭାବରେ ସେବା କରିବାର ରେକର୍ଡ ସ୍ଥାପନ କରିଛନ୍ତି ।'

## ବିଦ୍ରୋହୀ ଗୋଷ୍ଠୀରେ ଯୋଗ ଦେଲେ ୧୯ ଟିଏମସି ସାଂସଦ
### ତାଲିକାରେ ୟୁସୁଫ, ରଚନା, ସାୟୋନି, ଶତ୍ରୁଘ୍ନ ସିହ୍ନା

କୋଲକାତା,୧୦।୬: ତୃଣମୂଳ କଂଗ୍ରେସ ଦଳରେ ରାଜନୈତିକ ସଙ୍କଟ ଏବେ ଅତି ଗମ୍ଭୀର ରୂପ ନେଇଛି ଏବଂ ଏହା ଏବେ ସଂସଦରେ ପହଞ୍ଚିଛି। ୟୁସୁଫ ପଠାନ, ସାୟୋନି ଘୋଷ ଏବଂ ଶତ୍ରୁଘ୍ନ ସିହ୍ନାଙ୍କ ପରି ବରିଷ୍ଠ ନେତା ମଧ୍ୟ ବିଦ୍ରୋହୀ ଗୋଷ୍ଠୀକୁ ସମର୍ଥନ କରିବା ସହ ବିଦ୍ରୋହୀ ଗୋଷ୍ଠୀରେ ସାମିଲ ହୋଇଛନ୍ତି। ସେମାନେ ବିଦ୍ରୋହ ତାଲିକାରେ ସ୍ୱାକ୍ଷର କରିଛନ୍ତି। ତାଲିକାରେ ମୋଟ୍ ୧୯ ବିଦ୍ରୋହୀ ନେତା ସାମିଲ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ପାର୍ଥ ଭୌମିକ, କାକଳି ଘୋଷ ଦସ୍ତିଦାର, ବାପି ହଲଦର, ରଚନା ବାନାର୍ଜୀ, ଅସିତ ମଲ, କେ ରେହମାନ, ଶର୍ମିଳା ସରକାର, ମିତାଲି ବାଗ୍ । ପଶ୍ଚିମବଙ୍ଗ ବିଧାନସଭାରେ ବଡ଼ ଧରଣର ବିଦ୍ରୋହ ସହ ସାଂସଦମାନଙ୍କ ମଧ୍ୟରେ ଏଭଳି ଅପ୍ରତ୍ୟାଶିତ ବିଦ୍ରୋହ ମମତା ବାନାର୍ଜୀଙ୍କ ପାଇଁ ଏବେ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଦୀର୍ଘ ୨୮ ବର୍ଷର ଇତିହାସରେ ଏହା ଟିଏମ୍ସି ପାଇଁ ସବୁଠାରୁ ବଡ଼ ସଙ୍କଟ ହୋଇଛି। ବିଧାନସଭା ନିର୍ବାଚନ ହାରିବାପରେ ଟିଏମ୍ସି ଦଳରେ ଏଭଳି ଆନ୍ତଃକନ୍ଦଳ କେବଳ ରାଜ୍ୟରେ ଏହାର ପ୍ରଭାବକୁ ବିପଦରେ



ପକାଇନାହିଁ ବରଂ ଶାସକ ଏନଡିଏକୁ ଏହାଦ୍ୱାରା ସଂସଦରେ ଫାଇଦା ମିଳିବ। ଟିଏମ୍ସିର ଏବେ ଲୋକସଭା ସାଂସଦଙ୍କ ସଂଖ୍ୟା ୨୮ ।ବସିରହାଟ ସାଂସଦ ହାଜି ନୁରୁଲ ଇସଲାମଙ୍କ ମୃତ୍ୟୁ ପରେ ଲୋକସଭାରେ ଟିଏମ୍ସି ଆସନ ସଂଖ୍ୟା ଗୋଟିଏ କମିଛି। ଏବେ ଟିଏମ୍ସି ଦଳରେ ଯେଉଁ ବିଦ୍ରୋହ ଦେଖାଦେଇଛି ତା' ଦ୍ୱାରା ଗୃହରେ ମମତାଙ୍କ ପ୍ରତି ସମର୍ଥନ କମିଯାଇଛି। ଉଲ୍ଲେଖଯୋଗ୍ୟ ଗତ ସୋମବାର କାକଳି ଘୋଷ ଦସ୍ତିଦାର ଦାବି କରିଥିଲେ ଯେ ଅନେକ ଟିଏମ୍ସି ସାଂସଦ ମମତା ବାନାର୍ଜୀଙ୍କ ହାତ ଛାଡ଼ିଦେବାପାଇଁ ପ୍ରସ୍ତୁତ ହେଉଛନ୍ତି। ଦଳରୁ ଇସ୍ତଫା ଦେଇଥିବା କାକଳି ଏବେ ସଂସଦୀୟ ବିଦ୍ରୋହର ଚେହେରା ପାଲଟିଛନ୍ତି। ବିଦ୍ରୋହୀ ସାଂସଦମାନଙ୍କର ସ୍ୱାକ୍ଷର ଥିବା ଏକ ପତ୍ର ବାଚସ୍ପତିଙ୍କ ନିକଟରେ ଦାଖଲ କରାଯାଇଛି ବୋଲି କାକଳି ଘୋଷ କହିଛନ୍ତି।

## ରାହୁଲଙ୍କୁ ଭେଟିଲେ ଅଭିଷେକ ବାନାର୍ଜୀ

ନୂଆଦିଲ୍ଲୀ,୧୦।୬: ତୃଣମୂଳ କଂଗ୍ରେସ (ଟିଏମସି)ରେ ବିଦ୍ରୋହ ମଧ୍ୟରେ ପାର୍ଟିର ଜାତୀୟ ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ ବୁଧବାର ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ସହ ପାଖାପାଖି ୯୦ ମିନିଟ୍ କଥାବାର୍ତ୍ତା ହୋଇଛନ୍ତି। ଏହି ବୈଠକ ୧୦ ଜନପଥରେ ହୋଇଛି, ଯେଉଁଥିରେ ବିରୋଧୀ ମେଣ୍ଟ 'ଇଣ୍ଡିଆ'କୁ ଆହୁରି ମଜଭୁତ କରିବା ନେଇ ଭବିଷ୍ୟତର ରଣନୀତି ଉପରେ ବିସ୍ତୃତ ଚର୍ଚ୍ଚା ହୋଇଛି। ସୂତ୍ର ଅନୁସାରେ ଟିଏମସି ରାହୁଲ ଗାନ୍ଧିଙ୍କ ନେତୃତ୍ୱକୁ ସ୍ୱୀକାର କରି ମଜଭୁତ ମେଣ୍ଟର ଇଚ୍ଛା ପ୍ରକାଶ କରିଛି। ଆଜିର ଏହି ସାକ୍ଷାତ ଆଲୋଚନା ରାଜନୈତିକ ଅଳିନ୍ଦରେ କଂଗ୍ରେସରେ ଟିଏମସିର ବିଳୟ ଚର୍ଚ୍ଚାକୁ ପୁଣି ଖୋରାକ ଯୋଗାଇଛି। ତେବେ କଂଗ୍ରେସ ସ୍ପଷ୍ଟ କହିଛି ଯେ ବିଲୟର କୌଣସି ପ୍ରସ୍ତାବ ଟିଏମସି ପକ୍ଷରୁ ଆସିବା ଆବଶ୍ୟକ, ତେବେ ଏଥି ପାଇଁ କଂଗ୍ରେସ ଟିଏମସି ଉପରେ କୌଣସି ଚାପ ପକାଇବ ନାହିଁ। ଉଲ୍ଲେଖଯୋଗ୍ୟ ଯେ ଏହା ପୂର୍ବରୁ ୯ ଜୁନ ମଙ୍ଗଳବାର ତୃଣମୂଳ ସୁପ୍ରିମୋ ମମତା ବାନାର୍ଜୀ ସୋନିଆ ଗାନ୍ଧିଙ୍କୁ ଭେଟିଥିଲେ।

## ଆଫଗାନିସ୍ତାନ ଉପରେ ପାକିସ୍ତାନର ଏୟାରଷ୍ଟ୍ରାଇକ୍, ୧୩ ମୃତ

ପାକିସ୍ତାନ,୧୦।୬ : ପାକିସ୍ତାନ ଆଫଗାନିସ୍ତାନର ସୀମାବର୍ତ୍ତୀ ଅଞ୍ଚଳରେ ଏୟାରଷ୍ଟ୍ରାଇକ୍ କରିଛି । ଯାହାକୁ ନେଇ ଆନ୍ତର୍ଜାତୀୟ ସ୍ତରରେ ଆଲୋଚନା ଆରମ୍ଭ କରିଛି। ଏହି ଆକ୍ରମଣରେ ୧୧ ଜଣ ପିଲାଙ୍କ ସମେତ ୧୩ ଜଣ ଲୋକଙ୍କ ମୃତ୍ୟୁ ଘଟିଛି ଏବଂ ୧୪ ଜଣ ଗମ୍ଭୀର ଭାବେ ଆହତ ହୋଇଛନ୍ତି । ଆଫଗାନିସ୍ତାନ ସରକାର ପାକିସ୍ତାନର ଏହି କାର୍ଯ୍ୟକୁ କଡ଼ା ନିନ୍ଦା କରିବା ସହ ଏହାକୁ ଅନ୍ତର୍ଜାତୀୟ ନିୟମର ଉଲ୍ଲଂଘନ ବୋଲି କହିଛି। ସୂଚନାନୁଯାୟୀ, ପାକିସ୍ତାନର ଏହି ଆକ୍ରମଣ ଆଫଗାନିସ୍ତାନର କୁନାର, ଖୋସ୍ତ ଏବଂ ପାକତିକା ପ୍ରଦେଶର ଆବାସିକ ଅଞ୍ଚଳରେ କରାଯାଇଛି । ଏହି ମୃତକଙ୍କ ମଧ୍ୟରେ ଶିଶୁ, ମହିଳା ଏବଂ ବୃଦ୍ଧ ରହିଛନ୍ତି ବୋଲି ଆଫଗାନିସ୍ତାନ ଦାବି କରିଛି । ଏହାରି ମଧ୍ୟରେ ଆଫଗାନିସ୍ତାନର ମୁଖପାତ୍ର ଜାବିଉଲ୍ଲା ମୁଜାହିଦ ଏକ ବିବୃତ୍ତି ଜାରି କରିଛନ୍ତି । ତାଙ୍କ ଦ୍ୱାରା ଜାରି ହୋଇଥିବା ବିବୃତ୍ତି ଅନୁଯାୟୀ, ଗତକାଲି ବିଳମ୍ବିତ ରାତିରେ ପାକିସ୍ତାନୀ ଆକ୍ରମଣକାରୀ ସେନା ପୁଣିଥରେ ଆଫଗାନିସ୍ତାନର ସାର୍ବଭୌମତ୍ୱକୁ ଖୋଲାଖୋଲି ଉଲ୍ଲଂଘନ କରିଛନ୍ତି ।

## ସୁପ୍ରିମକୋର୍ଟଙ୍କ କଡା ନିର୍ଦ୍ଦେଶ : ବାପା କିଏ ପୁଅ ଜାଣିବ

ନୂଆଦିଲ୍ଲୀ,୧୦।୬: ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି ଯେ, ପିତୃତ୍ୱ ବିବାଦରେ ଦୁଷ୍କର୍ମ ଅଭିଯୋଗ ମାମଲାରେ ଅଭିଯୁକ୍ତ ଦୋଷମୁକ୍ତ ହେବା ପରେ ମଧ୍ୟ ତାଙ୍କର ଡିଏନଏ ପରୀକ୍ଷା କରାଯାଇପାରିବ। କୋର୍ଟ କହିଛନ୍ତି, ପିତୃତ୍ୱ ବିବାଦ ମାମଲାରେ, କୋର୍ଟ ଡିଏନଏ ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେଇପାରିବେ। ଖଣ୍ଡପୀଠ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଫୌଜଦାରୀ ମାମଲାରେ ଦୋଷମୁକ୍ତ ହେବା ପ୍ରମାଣିତ କରେ ନାହିଁ ଯେ ସମ୍ପୃକ୍ତ ବ୍ୟକ୍ତି ଜୈବିକ ପିତା ହୋଇପାରିବେ ନାହିଁ। ବିଚାରପତି ସଞ୍ଜୟ କାରୋଲ ଏବଂ ଏନ. କୋଟିଶ୍ୱର ସିଂହଙ୍କ ଖଣ୍ଡପୀଠ ଆବେଦନକୁ ଖାରଜ କରି କହିଛନ୍ତି ଯେ, ଏକ ଫୌଜଦାରୀ ମାମଲାରେ ଦୋଷମୁକ୍ତ ହେବାର ଅର୍ଥ ଏହା ନୁହେଁ ଏହି ଯେ ଅଭିଯୋଗଗୁଡ଼ିକ ଯୁକ୍ତିଯୁକ୍ତ ଭାବେ ପ୍ରମାଣିତ ହୋଇପାରିବ ନାହିଁ। ଏହା ସୂଚିତ କରୁ ନାହିଁ ଯେ, ଦୁଇ ବୟସ୍କଙ୍କ ମଧ୍ୟରେ କୌଣସି ଜୈବିକ ସମ୍ପର୍କ ନଥିଲା। ତେଣୁ, ପିତୃତ୍ୱର ପ୍ରଶ୍ନର ଉତ୍ତର ପାଇଁ ଯାଞ୍ଚ କରାଯାଇ ପାରିବ। ପୁଅର ପିତା କିଏ ତାହା ଜାଣିବାର ଅଧିକାର ଅଛି। କୋର୍ଟ କହିଛନ୍ତି ଯେ ଏହି ମାମଲାରେ, ଗୋଟିଏ ପଟେ, ଆବେଦନକାରୀଙ୍କର ଗୋପନୀୟତାର ଅଧିକାର ଅଛି, ଅନ୍ୟପଟେ, ଯୁବକଙ୍କର ତାଙ୍କ ଜୈବିକ ପିତାଙ୍କ ପରିଚୟ ଜାଣିବା ଏବଂ ଏହା ସହିତ ଜଡିତ ଆଇନଗତ ଅଧିକାର ଉପଭୋଗ କରିବାର ଅଧିକାର ଅଛି। ପିଲାଦିନରୁ, ଯୁବକ ଜଣକ ତାଙ୍କ ମାଆଙ୍କୁ କହୁଥିବା ଶୁଣିଥିଲେ ଯେ ଆବେଦନକାରୀ ତାଙ୍କ ପିତା, ତଥାପି ଏହି ଦାବିକୁ ବିଭିନ୍ନ ସ୍ତରରେ ପ୍ରତ୍ୟାଖ୍ୟାନ କରାଯାଇଥିଲା। ଯଦି ଏହି ପ୍ରଶ୍ନର ଉତ୍ତର ନମିଳିବ ତେବେ ସେ ପ୍ରକୃତରେ ଯେଉଁ ଅଧିକାର ପାଇବାକୁ ହକଦାର ସେଥିରୁ ବଞ୍ଚିତ ହୋଇପାରନ୍ତି। ସୁପ୍ରିମକୋର୍ଟ କହିଛନ୍ତି, ଏହି ମାମଲାର ସମାଧାନ ପାଇଁ ଡିଏନଏ ପରୀକ୍ଷା ଜରୁରୀ, ତେଣୁ ଶୀର୍ଷକୋର୍ଟ ଆବେଦନକୁ ଖାରଜ କରି ଆବେଦନକାରୀଙ୍କୁ ଡିଏନଏ ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ପତ୍ତି, ଉତ୍ତରାଧିକାର ଏବଂ ପାରିବାରିକ ଅଧିକାର ସହିତ ଜଡିତ ମାମଲାରେ ଡିଏନଏ ପରୀକ୍ଷା ଗୁରୁତ୍ୱପୂର୍ଣ୍ଣ ପ୍ରମାଣ। ନିଷ୍ପତ୍ତି ନେବା ପୂର୍ବରୁ କୋର୍ଟଗୁଡ଼ିକୁ ଗୋପନୀୟତାର ଅଧିକାର ଏବଂ ବ୍ୟକ୍ତିଙ୍କର ପରିଚୟ ଜାଣିବାର ଅଧିକାର ମଧ୍ୟରେ ସନ୍ତୁଳନ ରଖିବାକୁ ପଡିବ। ଏହି ବିବାଦ ୧୯୯୯ ମସିହାର। ଜଣେ ବ୍ୟକ୍ତି ନିଜକୁ ଆବେଦନକାରୀଙ୍କ ଜୈବିକ ପୁତ୍ର ବୋଲି ଦାବି କରିଥିଲେ, ଯିଏ ସେପ୍ଟେମ୍ବର ୧୯୯୯ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ମାଆ ଦାବି କରିଥିଲେ ଯେ ସେ ଆବେଦନକାରୀଙ୍କ ସହ ସମ୍ପର୍କରୁ ଜନ୍ମଗ୍ରହଣ କରିଛନ୍ତି। ତଥାପି, ଆବେଦନକାରୀ ପ୍ରଥମେ ପିତୃତ୍ୱକୁ ଅସ୍ୱୀକାର କରିଥିଲେ।

## ସୁନା ଓ ରୁପା ଦରରେ ହ୍ରାସ

ନୂଆଦିଲ୍ଲୀ,୧୦।୬: ସୁନା ଓ ରୁପା କିଣିବାକୁ ଚାହୁଁଥିବା ଗ୍ରାହକଙ୍କ ପାଇଁ ଏକ ବଡ଼ ଖୁସି ଖବର। ଭାରତୀୟ ବଜାରରେ ସୁନା ଦରରେ ଏକ ବିରାଟ ପରିବର୍ତ୍ତନ ଦେଖିବାକୁ ମିଳିଛି। ଗତ କିଛି ଦିନ ହେବ ଆକାଶଛୁଆଁ ହୋଇ ରହିଥିବା ସୁନା ଦାମରେ ଏବେ ଏକ ବଡ଼ ଧରଣର ହ୍ରାସ ଘଟିଛି। ରିପୋର୍ଟ ଅନୁଯାୟୀ, ସୁନା ମୂଲ୍ୟରେ ୪୦୦୦ ଟଙ୍କାରୁ ଅଧିକ ହ୍ରାସ ପରିଲକ୍ଷିତ ହୋଇଛି, ଯାହା ଗ୍ରାହକ ଏବଂ ବିନିଯୋଗକାରୀଙ୍କ ପାଇଁ ଏକ ବଡ଼ ଆଶ୍ୱସ୍ତି ଆଣିଦେଇଛି। ପାର୍ବଣ ଋତୁ ଏବଂ ବିବାହ ସମୟ ପୂର୍ବରୁ ସୁନା ଦରରେ ଏହି ହ୍ରାସ ବଜାରରେ ହଲଚଲ ସୃଷ୍ଟି କରିଛି। କିଛି ସପ୍ତାହ ପୂର୍ବରୁ ସୁନା ତା'ର ସର୍ବକାଳୀନ ଉଚ୍ଚ ସ୍ତରରେ ପହଞ୍ଚିଥିଲା, କିନ୍ତୁ ବର୍ତ୍ତମାନ ବିଶ୍ୱସ୍ତରୀୟ ପରିସ୍ଥିତି ଏବଂ ସରକାରୀ ନୀତି ଯୋଗୁଁ ଏହାର ଦାମ କମିବାରେ ଲାଗିଛି। ୧୦ ଗ୍ରାମ ସୁନା ପିଛା ପ୍ରାୟ ୪୩୦୦ ଟଙ୍କା ପର୍ଯ୍ୟନ୍ତ ଶସ୍ତା ହେବା ଫଳରେ ଗ୍ରାହକମାନେ ଏବେ ଅଳଙ୍କାର ଦୋକାନ ମୁହାଁ ହେଉଛନ୍ତି। ଆଜି ୨୪ କ୍ୟାରେଟ୍ ସୁନାର ମୂଲ୍ୟ ପ୍ରତି ୧୦ ଗ୍ରାମ ୪୩୦୦ ପର୍ଯ୍ୟନ୍ତ ହ୍ରାସ ପାଇଛି। ସେହିପରି ୨୨ କ୍ୟାରେଟ୍ ସୁନା ୧୩୬,୪୫୦ ରୁ ୧୩୭,୧୬୦ ପ୍ରତି ୧୦ ଗ୍ରାମ ମଧ୍ୟରେ ବିକ୍ରି ହେଉଛି।

## ବିଶ୍ୱର ପ୍ରମୁଖ ରପ୍ତାନିକାରୀ ରାଷ୍ଟ୍ର ରୂପେ ଉଭା ହୋଇଛି ଭାରତ

ନୂଆଦିଲ୍ଲୀ,୧୦।୬(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ୧୨ ବର୍ଷ ମଧ୍ୟରେ ଭାରତ ବିଶ୍ୱର ଏକ ପ୍ରମୁଖ ରପ୍ତାନିକାରୀ ରାଷ୍ଟ୍ର ରୂପେ ଉଭା ହୋଇଛି । ଭାରତ ସରକାରଙ୍କ ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ଅଧୀନ ବାଣିଜ୍ୟ ବିଭାଗ ପ୍ରଧାନମନ୍ତ୍ରୀଙ୍କ 'ଭୋକାଲ୍ ଫର୍ ଲୋକାଲ' ଏବଂ 'ଲୋକାଲ ଟୁ ଗ୍ଲୋବାଲ୍' ସଂକଳ୍ପକୁ ସାକାର କରିବା ଲାଗି ସକ୍ରିୟ ରୂପେ କାର୍ଯ୍ୟ କରୁଛି । ଦେଶରେ ଉତ୍ପାଦିତ ସାମଗ୍ରୀକୁ ବିଶ୍ୱ ବଜାରରେ ପହଞ୍ଚାଇବା ଲାଗି ବିଭାଗ ପକ୍ଷରୁ ନିରନ୍ତର ସକ୍ରିୟ ପଦକ୍ଷେପ ନିଆଯାଉଥିବା କହିଛନ୍ତି ଭାରତ ସରକାରଙ୍କ ବାଣିଜ୍ୟ ବିଭାଗର ଅତିରିକ୍ତ ସଚିବ ଯଶବୀର ସିଂ । ଆଜି ଭୁବନେଶ୍ୱରରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ସେ କେନ୍ଦ୍ର ବାଣିଜ୍ୟ ବିଭାଗର ଉପଲବ୍ଧି ଏବଂ ଓଡ଼ିଶାରେ କୃଷି ଓ ସାମୁଦ୍ରିକ ଉତ୍ପାଦ ରପ୍ତାନି କ୍ଷେତ୍ରରେ ମିଳିଥିବା ସଫଳତାର ବିବରଣୀ ପ୍ରଦାନ କରିଛନ୍ତି ।

## ତାମିଲନାଡୁ ବିଜେପି ସାଧାରଣ ସମ୍ପାଦକ ଅମର ପ୍ରସାଦ ରେଡ୍ଡୀ ଛାଡିଲେ ପାର୍ଟି

ଚେନ୍ନାଇ,୧୦।୬: ତାମିଲନାଡୁ ବିଜେପିର ପୂର୍ବତନ ପ୍ରଦେଶ ସଭାପତି କେ. ଆନ୍ନାମଲାଇ ପାର୍ଟିର ଇସ୍ତଫା ଦେବାର ମାତ୍ର କିଛିଦିନ ପରେ ବୁଧବାର ପାର୍ଟିର ରାଜ୍ୟ ସାଧାରଣ ସମ୍ପାଦକ ଅମର ପ୍ରସାଦ ରେଡ୍ଡୀ ମଧ୍ୟ ଇସ୍ତଫା ଦେଇଛନ୍ତି। ସୋସିଆଲ ମିଡିଆରେ ନିଜ ନିଷ୍ପତ୍ତି ଘୋଷଣା କରି ଅମର ପ୍ରସାଦ ଉଲ୍ଲେଖ କରିଛନ୍ତି ଯେ ସେ ଆନ୍ନାମଲାଇଙ୍କ ଭବିଷ୍ୟତର ରାଜନୈତିକ ଯାତ୍ରାରେ ସାମିଲ ହେବାକୁ ଯାଉଛନ୍ତି। ସେ ତାଙ୍କ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ 'ମୁଁ ବିଜେପିରୁ ଇସ୍ତଫା ଦେଇଦେଇଛି ଓ ଖୁବ୍ ଶୀଘ୍ର ଆନ୍ନାମଲାଇଙ୍କ ସହ ସାମିଲ ହେବି' ।ଆନ୍ନାମଲାଇଙ୍କ ଇସ୍ତଫାର କିଛି ଘଣ୍ଟା ମଧ୍ୟରେ ତାମିଲନାଡୁ ବିଜେପି ଉପସଭାପତି କର ନାଗରାଜନ ଓ ଅନ୍ୟ ୧୫ ପଦାଧିକାରୀ ମଧ୍ୟ ପାର୍ଟିରୁ ଇସ୍ତଫା ପ୍ରଦାନ କରିଛନ୍ତି। ଏଣୁ ଏହି ସଂକଟର ମୁକାବିଲା ନିମନ୍ତେ ତଥା କ୍ଷତିକୁ ରୋକିବାରେ ପାର୍ଟିର କ୍ଷମତା ଉପରେ ପ୍ରଶ୍ନ ଉଠିଛି।

## ଇରାନକୁ ଟ୍ରମ୍ପଙ୍କ କଡ଼ା ଚେତାବନୀ

# 'ଚୁକ୍ତି କରିବାରେ ବିଳମ୍ବ କରିଦେଲ, ଏବେ ମୂଲ୍ୟ ଦେବାକୁ ପଡ଼ିବ'

ନୂଆଦିଲ୍ଲୀ,୧୦।୬: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଇରାନ ଉପରେ ଜୋରଦାର ଆକ୍ରମଣ କଥା କହିଛନ୍ତି । ଟ୍ରୁଥ୍ ସୋସିଆଲର ଏକ ପୋଷ୍ଟରେ ଟ୍ରମ୍ପ ଲେଖିଛନ୍ତି, ଇରାନର ମିଲିଟ୍ରି ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇସାରିଛି । ଏହାର ଅଧିକାଂଶ ଅଂଶ ଯେପରି କି ନୌସେନା ଏବଂ ବାୟୁ ସେନାର ଏବେ ଅସ୍ତିତ୍ୱ ନାହିଁ ।ଟ୍ରମ୍ପ କହିଛନ୍ତି, ଇରାନ କେବଳ ଆଲୋଚନା କରିବାକୁ ଚାହୁଁଛି, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସ୍ଥିତିରେ ନାହିଁ । ପଶ୍ଚିମ ଏସିଆର ଦବଙ୍ଗ ଏବେ ଶେଷ ହୋଇଯାଇଛି । ଟ୍ରମ୍ପ ଇରାନ ସହ ଏକ ସମ୍ଭାବିତ ବୁଝାମଣାର ଉଲ୍ଲେଖ କରି କହିଛନ୍ତି, 'ସେମାନେ ଏପରି ବୁଝାମଣା ଉପରେ ଆଲୋଚନା କରିବାରେ ବିଳମ୍ବ କରିଦେଇଛନ୍ତି, ଯାହା ସେମାନଙ୍କ ପାଇଁ ଲାଭଦାୟକ ହୋଇପାରିଥାନ୍ତା । ଏବେ ସେମାନଙ୍କୁ ଏହାର ମୂଲ୍ୟ ଦେବାକୁ ପଡ଼ିବ ।'ମଧ୍ୟପ୍ରାଚ୍ୟରେ ଉତ୍ତେଜନାର ନୂଆ ଧାରା ବୁଧବାର ସକାଳେ ହୋଇଥିବା ଏୟାରଷ୍ଟ୍ରାଇକ୍ ପରେ ହୋଇଛି । ଆମେରିକା ନିଜର ଏକ ଆଟାକ ହେଲିକପ୍ଟର କ୍ରାଶ ପାଇଁ ଇରାନକୁ ଦାୟୀ କରି ବୁଧବାର ସକାଳେ ଏୟାରଷ୍ଟ୍ରାଇକ୍ ଆରମ୍ଭ କରିଥିଲା । ଆମେରିକା ଅଧିକାରୀ ଦାବି କରିଥିଲେ, ହେଲିକପ୍ଟର




ସହ ଏକ ଇରାନୀ ଡ୍ରୋନ ମାଡ଼ ହୋଇଥିଲା । ଏହାର ଜବାବରେ ଏହି କାର୍ଯ୍ୟାନୁଷ୍ଠାନ ପାଇଁ ନିଷ୍ପତ୍ତି ନିଆଯାଇଛି । ଆମେରିକାର ଆକ୍ରମଣ ପରେ ଇରାନ ମଧ୍ୟ ପାଲଟା ଆକ୍ରମଣ ଜୋର କରିଛି ।ଦୁଇ ଦେଶ ମଧ୍ୟରେ ବର୍ଦ୍ଧିତ ସୈନ୍ୟ ଗତିବିଧି ପୂରା ମଧ୍ୟପ୍ରାଚ୍ୟରେ ଅସୁରକ୍ଷିତ ପରିବେଶ ସୃଷ୍ଟି କରିଛି । ଇରାନ ପକ୍ଷରୁ ବାହାରିନ ଏବଂ କୁଏତର ଅନେକ ସ୍ଥାନକୁ ଟାର୍ଗେଟ୍ କରାଯାଇଛି, ଯାହା ପରେ ଦୁଇ ଦେଶରେ ଆଲର୍ଟ ଜାରି କରାଯାଇଛି । ବାୟୁ ପ୍ରତିରକ୍ଷା ପ୍ରଣାଳୀକୁ ଆକ୍ଟିଭ କରିଦିଆଯାଇଛି ଏହଂ ସୁରକ୍ଷା ଏଜେନ୍ସିଗୁଡ଼ିକୁ ହାଇ ଆଲର୍ଟରେ ରଖାଯାଇଛି ।

# ଏମ୍‌ବିବିଏସ୍ ସିଟ୍ କରାଇ ଦେବା ନାଁରେ ୧୨ ଲକ୍ଷ ଠକେଇ, ଧରାପଡ଼ିଲା ଠକ

ଭୁବନେଶ୍ୱର(ନିପ୍ର): ଡାକ୍ତରୀ ପାଠ୍ୟକ୍ରମ ଲାଗି ଘରୋଇ କଲେଜରେ ଏମ୍‌ବିବିଏସ୍ ସିଟ୍ କରାଇ ଦେବା ନାଁରେ ୧୨ ଲକ୍ଷ ୫୦ ହଜାର ଟଙ୍କା ଠକେଇ କରିଥିବା ଅଭିଯୋଗରେ କ୍ୟାପିଟାଲ ଥାନା ପୋଲିସ ବୁଧବାର ଜଣେ ଠକକୁ ଗିରଫ କରିଛି। ଗିରଫ ଠକର ନାମ ଶଶାଙ୍କ କିରଣ ମିଶ୍ର (୫୪) ଓ ତାଙ୍କ ଘର ଗଞ୍ଜାମ ବାଲୁଗାଁରେ ବୋଲି ଜଣାପଡିଛି। ଏନେଇ ଠକେଇର ଶିକାର ରବୀନ୍ଦ୍ର କୁମାର ସାହୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ୨୦୨୧ ଡିସେମ୍ବର ୨୨ତାରିଖରୁ ୨୦୨୨ ମାର୍ଚ୍ଚ ୨୫ ତାରିଖ ମଧ୍ୟରେ ଶୁଭମ ଏଜୁକେସନାଲ ଚ୍ୟାରିଟେବଲ ଟ୍ରଷ୍ଟ, ଅଶୋକ ନଗର, ଭୁବନେଶ୍ୱରର ଚେୟାରମ୍ୟାନ ଭାବେ କାର୍ଯ୍ୟ କରୁଥିବା ଅଭିଯୁକ୍ତ ଶଶାଙ୍କ ଏକ ଘରୋଇ ମେଡିକାଲ କଲେଜରେ ଅଭିଯୋଗକାରୀଙ୍କ ପୁଅଙ୍କୁ ଏମ୍.ବି.ବି.ଏସ୍ ପାଠ୍ୟକ୍ରମରେ ନାମଲେଖା କରାଇଦେବାର ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିଶ୍ରୁତିକୁ ବିଶ୍ୱାସ କରି ଅଭିଯୋଗକାରୀ ନିଜ ଏସ୍.ବି.ଆଇ. ଆକାଉଣ୍ଟରୁ ଏନ୍.ଇ.ଏଫ୍.ଟି. ମାଧ୍ୟମରେ ମୋଟ ୧୨ ଲକ୍ଷ ୫୦ ହଜାର ଟଙ୍କା ଅଭିଯୁକ୍ତଙ୍କୁ ଦେଇଥିଲେ। ମାତ୍ର ଅଭିଯୁକ୍ତ ପ୍ରତିଶ୍ରୁତି ଅନୁଯାୟୀ ନାମଲେଖା କରାଇବାରେ ବିଫଳ ହୋଇଥିଲେ। ପରବର୍ତ୍ତୀ ସମୟରେ ଅଭିଯୋଗକାରୀଙ୍କ ବାରମ୍ବାର ଅନୁରୋଧ ପରେ ଅଭିଯୁକ୍ତ କେବଳ ୧ ଲକ୍ଷ ଟଙ୍କା ଫେରସ୍ତ କରିଥିଲେ ଏବଂ ଅବଶିଷ୍ଟ ୧୧ଲକ୍ଷ ୫୦ ହଜାର ଟଙ୍କା ଫେରସ୍ତ ନ କରି ବିଭିନ୍ନ ବାହାନା କରି ଅଭିଯୋଗକାରୀଙ୍କୁ ଏଡ଼ାଇ ଚାଲିଥିଲେ। ତଦନ୍ତ ସମୟରେ ଅଭିଯୋଗକାରୀଙ୍କ ନାମରେ ପ୍ରଦତ୍ତ ଟଙ୍କା ଗ୍ରହଣ ରସିଦ, ୟେସ୍ ବ୍ୟାଙ୍କର ୩ଟି ଚେକ୍ ଏବଂ ୩ଟି ଚେକ୍ ରିଟର୍ଣ୍ଣ ମେମୋ ଜବତ କରାଯାଇଥିଲା। ତଦନ୍ତରୁ ଏହା ସ୍ପଷ୍ଟ ହୋଇଥିଲା ଯେ ଅଭିଯୁକ୍ତ ଏମ୍.ବି.ବି.ଏସ୍ ନାମଲେଖା କରାଇଦେବାର ପ୍ରଲୋଭନ ଦେଖାଇ ଅଭିଯୋଗକାରୀଙ୍କଠାରୁ ବିପୁଳ ପରିମାଣର ଟଙ୍କା ନେଇଥିଲେ, କିନ୍ତୁ ନିଜ ପ୍ରତିଶ୍ରୁତି ରଖିପାରିନଥିଲେ। ନେଇଥିବା ଟଙ୍କାକୁ ନ ଫେରାଇବା ଏବଂ ଅଭିଯୋଗକାରୀଙ୍କୁ ଏଡ଼ାଇ ଚାଲିବାରୁ ତାଙ୍କର ଠକେଇ ଉଦ୍ଦେଶ୍ୟ ଓ ପ୍ରତାରଣା ସ୍ପଷ୍ଟ ହୋଇଥିଲା। ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଅନେକ ଥର ଚଢ଼ଉ କରାଯାଇଥିଲେ ମଧ୍ୟ ସେ ଦୀର୍ଘ ସମୟ ଧରି ଫେରାର ରହିଥିଲେ। ବୁଧବାର ବାଲୁଗାଁ ଥାନା ଅଞ୍ଚଳସ୍ଥିତ ତାଙ୍କ ଗ୍ରାମରୁ କାବୁ କରାଯାଇ ଥିଲା। ପଚରାଉଚରା ସମୟରେ ଅଭିଯୁକ୍ତ ଘଟଣାରେ ନିଜ ସମ୍ପୃକ୍ତି ସ୍ୱୀକାର କରିଛନ୍ତି।

# ପୂର୍ବ ଶତ୍ରୁତାରୁ ଆକ୍ରମଣ, ଜେଲ ଗଲେ ଦୁଇ ଆକ୍ରମଣକାରୀ

ଭୁବନେଶ୍ୱର(ନିପ୍ର): ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ କ୍ୟାପିଟାଲ ହସ୍ପିଟାଲ ପରିସରରେ ଅଟକ ରଖି ମାଡମାରିବା ଅଭିଯୋଗରେ ପୋଲିସ ଦୁଇଜଣ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଉଛନ୍ତି,ହିନା ବାରିକ (୨୮) ଓ ଦୀପକ କୁମାର ଜେନା (୪୦)। ଗିରଫ ଦୁଇ ଯୁବକଙ୍କ ଘର ଗଞ୍ଜାମ ପୋଲସରା ଅଞ୍ଚଳରେ ବୋଲି ଜଣାପଡିଛି। ଏନେଇ ସନ୍ତୋଷ ପାତ୍ର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ମଙ୍ଗଳବାର ଅଭିଯୋଗକାରୀ ନିଜ ଭଉଣୀଙ୍କୁ ଦେଖିବା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ଯାଇଥିଲେ। ସେଠାରେ ଅଭିଯୁକ୍ତମାନେ ତାଙ୍କୁ ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାରପିଟ କରିଥିଲେ। ତଦନ୍ତରୁ ଜଣାପଡ଼ିଥିଲା ଯେ, ସେହି ଦିନ ପୂର୍ବାହ୍ନରେ ଅଭିଯୋଗକାରୀ ଓ ଅଭିଯୁକ୍ତମାନଙ୍କ ମଧ୍ୟରେ ଜଣେ ଅଭିଯୁକ୍ତଙ୍କ ବିରୋଧରେ ହୋଇଥିବା ଚୋରି ଅଭିଯୋଗକୁ ନେଇ ବଚସା ହୋଇଥିଲା। ପରବର୍ତ୍ତୀ ସମୟରେ ସନ୍ଧ୍ୟା ବେଳେ ଅଭିଯୁକ୍ତମାନେ କ୍ୟାପିଟାଲ ହସ୍ପିଟାଲ ପରିସର ମଧ୍ୟରେ ଅଭିଯୋଗକାରୀଙ୍କୁ ପୁଣି ଘେରି ମାରପିଟ କରିଥିଲେ। ମାରପିଟ ସମୟରେ ଜଣେ ଅଭିଯୁକ୍ତ ଅଭିଯୋଗକାରୀଙ୍କ ବେକକୁ ଜୋରରେ ଚାପି ଧରି ରଖିଥିଲେ। ତାଙ୍କ ଚିତ୍କାର ଶୁଣି ହସ୍ପିଟାଲର ସୁରକ୍ଷାକର୍ମୀମାନେ ଘଟଣାସ୍ଥଳରେ ପହଞ୍ଚି ଅଭିଯୋଗକାରୀଙ୍କୁ ଉଦ୍ଧାର କରିଥିଲେ। ତଦନ୍ତ ସମୟରେ ଅଭିଯୁକ୍ତ ହିନା ବାରିକ ଏବଂ ଦୀପକ କୁମାର ଜେନାଙ୍କୁ କାବୁ କରାଯାଇ ଥାନାକୁ ଅଣାଯାଇଥିଲା। ପଚରାଉଚରା ସମୟରେ ସେମାନେ ଅପରାଧରେ ସେମାନଙ୍କର ସମ୍ପୃକ୍ତି ସ୍ୱୀକାର କରିଥିଲେ। ଯାଞ୍ଚରୁ ଅଭିଯୁକ୍ତ ହିନା ବାରିକ ପୂର୍ବରୁ କ୍ୟାପିଟାଲ ଥାନାରେ ଏକ ଅପରାଧିକ ମାମଲାରେ ଜଡିତ ଥିବା ବେଳେ ଅଭିଯୁକ୍ତ ଦୀପକ କୁମାର ଜେନା କବିସୂର୍ଯ୍ୟନଗର ଥାନାରେ ଏକ ଅସ୍ତ୍ରଶସ୍ତ୍ର ମାମଲାରେ ଜଡିତ ଥିବା ଜଣାପଡିଛି।

### ଲୁଡୁ ଖେଳକୁ ନେଇ ଚିଲି ପୋଖରୀରେ ଛୁରାମାଡ଼

# ଯୁବକ ଗୁରୁତର, ମେଡିକାଲରେ ଭର୍ତ୍ତି

ଭୁବନେଶ୍ୱର(ନିପ୍ର): ଲୁଡୁ ଖେଳରୁ ମହାଭାରତ। ଲୁଡୁ ଖେଳକୁ କେନ୍ଦ୍ର କରି ଯୁବକଙ୍କୁ ଛୁରାମାଡ଼। ଏଥିରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଭୁବନେଶ୍ୱର ବଡଗଡ଼ ଥାନା ଚିଲି ପୋଖରୀ ନିକଟରେ ଘଟିଛି ଘଟଣା। ଛୁରାମାଡ଼ ଯୋଗୁଁ ଆହତ ଯୁବକଙ୍କ ନାକରେ ଗଭୀର କ୍ଷତ ହୋଇଥିବା ଜଣାପଡିଛି। ଅଭିଯୁକ୍ତଙ୍କ ମଧ୍ୟରେ ଏକାଧିକ ନାବାଳକ ଥିବା ଜଣାପଡିଛି। ଅଭିଯୋଗ ପାଇବା ପରେ ପୋଲିସ ଅଭିଯୁକ୍ତମାନଙ୍କୁ ଧରିବାକୁ ଛାନବିନ ଚଳାଇଛି। ଘଟଣାରେ ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି ପୋଲିସ। ଖବର ଅନୁଯାୟୀ, ଏକ ଯୁବକ ଗୋଷ୍ଠୀ ଲୁଡୁ ଖେଳୁଥିବା ସମୟରେ ହଠାତ୍ ବିବାଦ ସୃଷ୍ଟି ହୋଇଥିଲା। ବିବାଦ କ୍ରମଶଃ ତୀବ୍ର ଆକାର ଧାରଣ କରିଥିଲା ଏବଂ ଶେଷରେ ଉଭୟ ପକ୍ଷ ମଧ୍ୟରେ ଶାରୀରିକ ମାରପିଟ୍ ଆରମ୍ଭ ହୋଇଥିଲା। ଏହି ଝଗଡ଼ା ସମୟରେ ଜଣେ ଯୁବକ ଉପରେ ଛୁରୀ ଆକ୍ରମଣ କରାଯାଇଥିବା ଅଭିଯୋଗ ଉଠିଛି। ଆହତ ଯୁବକଙ୍କ ନାକରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ହସ୍ପିଟାଲ୍ ନେଇଯାଯାଇଥିଲା ଏବଂ ସେଠାରେ ପ୍ରାଥମିକ ଚିକିତ୍ସା କରାଯାଇଛି। ସୂତ୍ରରୁ ଜଣାପଡ଼ିଛି ଯେ, ଏହି ଘଟଣାରେ ଏକାଧିକ ନାବାଳକ (ମାଇନର୍) ଯୁବକ ଜଡ଼ିତ ଥିବା ସମ୍ଭାବନା ରହିଛି। ଏହା ଦେଖି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଗଭୀର ଉଦବେଗ ପ୍ରକାଶ ପାଇଛି। ନାବାଳକଙ୍କ ସମ୍ପୃକ୍ତି ଏହି ଘଟଣାର ଗୁରୁତ୍ୱ ବଢ଼ାଇ ଦେଇଛି। ପୋଲିସ୍ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି ବୋଲି ଜଣାପଡ଼ିଛି। ଆହତ ଯୁବକଙ୍କ ଅବସ୍ଥା ସ୍ଥିର ଥିବା ବେଳେ ପୋଲିସ୍ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

## ଦୁଇଗୋଷ୍ଠୀ ହାତାହାତି ମାମଲା, ଜଣେ ଗିରଫ

ଭୁବନେଶ୍ୱର(ନିପ୍ର): କ୍ୟାପିଟାଲ ଥାନା ଅନ୍ତର୍ଗତ କେଦାରପଲ୍ଲୀ ବସ୍ତି ଲେନ ୧ନଂରେ ଦୁଇଗୋଷ୍ଠୀ ହାତାହାତି ମାମଲାରେ ପୋଲିସ ମାମଲା ରୁଜୁ ହେବାର ୩ ଦିନ ପରେ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତଙ୍କ ନାମ ଅମିତ ନାୟକ ଓରଫ ବାବୁ (୨୮) ଓ ତାଙ୍କ ଘର କେଦାରପଲ୍ଲୀ ଲେନ ୧ରେ ବୋଲି ଜଣାପଡିଛି। ଏନେଇ ସୁଭଦ୍ରା ନାୟକ ଥାନାରେ ଲିଖ ?ତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଗତ ୭ ତାରିଖ ରାତି ପ୍ରାୟ ୧୦ଟା ସମୟରେ କେଦାରପଲ୍ଲୀ ଲେନ୍ ନଂ ୧ ଅଞ୍ଚଳରେ ବସବାସ କରୁଥିବା ଦୁଇ ପ୍ରତିଦ୍ୱନ୍ଦ୍ୱୀ ଗୋଷ୍ଠୀ ମଧ୍ୟରେ ବିବାଦ ଉପୁଜିଥିଲା ଯାହା ପରବର୍ତ୍ତୀ ସମୟରେ ହିଂସାତ୍ମକ ରୂପ ନେଇଥିଲା। ଘଟଣା ସମୟରେ ଅଭିଯୁକ୍ତ ବାବୁ ତାଙ୍କ ସହଯୋଗୀଙ୍କ ସହ ମିଶି ଅଭିଯୋଗକାରିଣୀଙ୍କ ଘରେ ପଶି ମାରଣାସ୍ତ୍ର, କାଚ ବୋତଲ ଓ ପଥର ସାହାଯ୍ୟରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଅଭିଯୋଗକାରିଣୀ, ତାଙ୍କ ସ୍ୱାମୀ ଏବଂ ତାଙ୍କ ଦୁଇ ନଣନ୍ଦଙ୍କ ମୁଣ୍ଡରେ ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ଅଭିଯୁକ୍ତମାନେ ଅଭିଯୋଗକାରିଣୀଙ୍କ ସ୍କୁଟିକୁ କ୍ଷତିଗ୍ରସ୍ତ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ, ଯାହାଫଳରେ ସେହି ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଥିଲା। ପରେ ପିସିଆର୍ କର୍ମଚାରୀ ଏବଂ ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ତଦନ୍ତ ସମୟରେ ଘଟଣା ସମ୍ବନ୍ଧୀୟ ସିସିଟିଭି ଫୁଟେଜ ସଂଗ୍ରହ କରାଯାଇ ଜବତ କରାଯାଇଥିଲା। ଆହତ ବ୍ୟକ୍ତିମାନଙ୍କ ଆଘାତ ଏବଂ କ୍ଷତିଗ୍ରସ୍ତ ସ୍କୁଟିର ଫଟୋଗ୍ରାଫ ମଧ୍ୟ ଜବତ କରାଯାଇଥିଲା। ଆଜି ଅଭିଯୁକ୍ତ ବାବୁ ଓରଫ ଅମିତ ନାୟକଙ୍କୁ କେଦାରପଲ୍ଲୀ ବସ୍ତିରୁ କାବୁ କରାଯାଇ ଥାନାକୁ ଆଣି ପଚରାଉଚରା କରାଯାଇଥିଲା। ପଚରାଉଚରା ସମୟରେ ସେ ଘଟଣାରେ ନିଜ ସମ୍ପୃକ୍ତି ସ୍ୱୀକାର କରିଥିଲେ।

## ଟ୍ରାନ୍ସମିଶନ ଟାୱାରରୁ ଚୋରି: ଥାନାରେ ମାମଲା

ପିପିଲି(ନିପ୍ର): ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ (ଏନଏଚ୍-୩୧୬)ର ପିପିଲି ଟୋଲ୍ ଗେଟ୍ ନିକଟରେ ଅବସ୍ଥିତ ଟାୱାର ସ୍ଥାନ ନମ୍ବର ୭୨ରେ ଟାୱାର ସଦସ୍ୟଙ୍କ ଚୋରି ହୋଇଥିବା ନେଇ ପିପିଲି ଥାନାରେ ଅଭିଯୋଗ ହୋଇଛି । ଯାହାକି ପିପିଲି ଥାନା କେସ ନଂ ୩୭୧/୨୬ ମାମଲା ଆଗତ କରାଯାଇଛି । ଉକ୍ତ ମାମଲାର ତଦନ୍ତ ଦାୟିତ୍ୱ ଥାନାର ଏଏସଆଇ ଦୀପକ ସାମଲଙ୍କୁ ଦିଆଯାଇଛି । ଉକ୍ତ ଟାୱାରରୁ ପ୍ରାୟ ୧.୩ ମେଟ୍ରିକ ଟନ୍ ବିଭିନ୍ନ ଆକାରର ଟାୱାର ସଦସ୍ୟ ଚୋରି ହୋଇଥିବା ଅଭିଯୋଗରେ ଦର୍ଶା ଯାଇଛି। ୨୨୦ ପ୍ରତାପଶାସନ-ପାଣ୍ଡିଆବିଲି ଡି/ସି ଲାଇନ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପରିବହନ ଲାଇନ ଯାହା ଭୁବନେଶ୍ୱର ଏବଂ କଟକ ଅଞ୍ଚଳର ବିଦ୍ୟୁତ ଯୋଗାଣ ଆବଶ୍ୟକତା ପୂରଣ କରିଥାଏ । ଏହା ବ୍ୟତୀତ ଏହି ଲାଇନ ପିପିଲି ଟୋଲ୍‌ଗେଟ୍ ନିକଟରେ ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ ଅତିକ୍ରମ କରୁଛି । ସେହିଠାରୁ ବାରମ୍ବାର ଚୋରି ହେଉଥିବା ବେଳେ ଅଦ୍ୟାବଧି ଏହି ଚୋରି ହେବା ନେଇ ବିଭାଗର ଏଜିଏମ ପିପିଲି ଥାନାରେ ଅଭିଯୋଗ କରିଛନ୍ତି । ତଦନ୍ତକାରୀ ଅଫିସର ଦୀପକ କୁମାର ସାମଲଙ୍କୁ ପଚାରିବାରେ ସେ କହିଛନ୍ତି ତଦନ୍ତ ଚାଲିଛି । ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ।

## ଜାଲ୍ ଇ-ମେଲ ଆକାଉଣ୍ଟ ବ୍ୟବହାର କରି ୨ ଗିରଫ

କଟକ(କଟକ): ଜାଲ ଜି-ମେଲ ଆକାଉଣ୍ଟ ଖୋଲି ବ୍ୟବହାର କରୁଥିବା ୨ ଜଣଙ୍କୁ କଟକ ସାଇବର ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଓଲିହାନର ଲକ୍ଷ୍ମୀଧର ବିଶ୍ୱାଳ (୪୧) ଓ ସିଡିଏ ସେକ୍ଟର ୧୦ର ସୋନାଲି ନାୟକ (୩୨) । ପୋଲିସ ପ୍ରଦତ୍ତ ସୂଚନା ଅନୁଯାୟୀ ୨୦୨୫ ମସିହା ସେପ୍ଟେମ୍ବର ୭ ତାରିଖରେ ସିଡିଏ ସେକ୍ଟର ୭ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଫାର୍ମାସୀ ଅଫିସର ସ୍ନିଗ୍ଧାରାଣୀ ସାମଲ ସାଇବର ଥାନାରେ ଅଭିଯୋଗ କରିଥିଲେ ଯେ କେହି ଅଜଣା ବ୍ୟକ୍ତି ତାଙ୍କ ନାମରେ ଓ ଆଉ କେତେକ ଡାକ୍ତର ଓ କର୍ମଚାରୀଙ୍କ ନାମରେ ସେମାନଙ୍କ ଅଜାଣତରେ ଜିମେଲ ଆଇଡି ଖୋଲି ସେମାନଙ୍କ ଫଟୋ ବ୍ୟବହାର କରୁଛନ୍ତି । ଏହି ଆକାଉଣ୍ଟ ମାଧ୍ୟମରେ ସୂଚନାଧିକାର ଆଇନ ବଳରେ ତଥ୍ୟ ସଂଗ୍ରହ କରାଯିବା ସହ ଅନ୍ୟ ଯୋଗାଯୋଗ ମଧ୍ୟ କରୁଛନ୍ତି । ଏ ନେଇ ଏକ ମାମଲା ରୁଜୁ କରାଯିବା ପରେ ଏସିପି ସତ୍ୟଜିତ ଦାସ ଓ ଇନ୍ସପେକ୍ଟର ରଶ୍ମିତା ଜେନାଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇ ତଦନ୍ତ ଜାରି ରହିଥିଲା । ଟେଲିକମ ସର୍ଭିସ ପ୍ରୋଭାଇଡ଼ରଙ୍କ ଠାରୁ ତଥ୍ୟ ସଂଗ୍ରହ କରାଯିବା ପରେ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।

# ବିଇଓ ଅଫିସରେ ପଶି ବିଇଓଙ୍କୁ ହତ୍ୟା ଧମକ !

କେନ୍ଦ୍ରାପଡ଼ା(ନିପ୍ର): କେନ୍ଦ୍ରାପଡ଼ା ଜିଲ୍ଲାରେ ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। କେନ୍ଦ୍ରାପଡା ବିଇଓ ଅଫିସ ଭିତରେ ପଶି ଜଣେ ଅଧିକାରୀଙ୍କୁ ଜୀବନରୁ ମାରିଦେବାକୁ ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ଏନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ ଦାଖଲ ହୋଇଥିବା ସୂଚନା ମିଳିଛି। ଅଭିଯୋଗ ଅନୁସାରେ, କେନ୍ଦ୍ରାପଡ଼ା ବିଇଓ କାର୍ଯ୍ୟାଳୟକୁ ପଶି ଏବିଇଓ ଅର୍ଣ୍ଣପୂର୍ଣ୍ଣା ପଣ୍ଡାଙ୍କ ସ୍ୱାମୀ ବିଇଓଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବା କୁହାଯାଇଛି। ଅଭିଯୋଗରେ ଉଲ୍ଲେଖ ରହିଛି ଯେ, ବିଇଓଙ୍କୁ ଟ୍ରକ ଚଢାଇ ହତ୍ୟା କରିଦେବା ଏବଂ ପାଟିରେ ବନ୍ଧୁକ ପୁରାଇ ମାରିଦେବା ଭଳି ଧମକ ଦିଆଯାଇଥିଲା। ଏହି ଘଟଣା ପରେ ସମ୍ପୃକ୍ତ ନାରାୟଣ ପ୍ରସାଦ ମନ୍ତ୍ରୀ ବିଇଓ କେନ୍ଦ୍ରାପଡ଼ା ଟାଉନ ଥାନାରେ ଲିଖିତ ଅଭିଯୋଗ କରି ନିଜ ଜୀବନ ପ୍ରତି ବିପଦ ଥିବା ଦର୍ଶାଇଛନ୍ତି। ସେହିଭଳି ଥାନା ଅଧିକାରୀଙ୍କ ଠାରୁ ଖବର ନେବାରୁ ଜଣାପଡିଛି ଯେ ଏବିଇଓ ଅର୍ଣ୍ଣପୂର୍ଣ୍ଣା ପଣ୍ଡା ମଧ୍ୟ ବିଇଓଙ୍କ ବିରୋଧରେ ଏକ ଲିଖିତ ଅଭିଯୋଗ ଟାଉନ ଥାନାରେ ଦେଇଛନ୍ତି, ଯେଉଁଥିରେ ଦର୍ଶାଯାଇଛି ତାଙ୍କୁ ବିଇଓ ଦୁର୍ବ୍ୟବହାର ସହ ମାନସିକ ନିର୍ଯାତନା ଦେଉଥିଲେ ଏବଂ ଯାହା ଫଳରେ ଏବିଇଓ ମାନସିକ ସ୍ତରରେ ଭାରସାମ୍ୟ ହରାଇବସିଛନ୍ତି ବୋଲି ଲିଖିତ ଅଭିଯୋଗ ଦିଆଯାଇଥିବା କେନ୍ଦ୍ରାପଡ଼ା ଟାଉନ ଥାନା ଆଇଆଇସି ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଥିଲେ । ଉକ୍ତ ଘଟଣାକୁ ନେଇ ଶିକ୍ଷା ବିଭାଗ ମହଲରେ ଚର୍ଚ୍ଚା ଜୋର ଧରିଥିବା ବେଳେ ଦୁଇଟି ଅଭିଯୋଗର ପୋଲିସ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ତେବେ ଅଭିଯୋଗର ସତ୍ୟତା ଓ ଘଟଣାର ପ୍ରକୃତ କାରଣ କଣ, ତାହା ପୋଲିସ ତଦନ୍ତ ପରେ ସ୍ପଷ୍ଟ ଜଣାପଡିବ।

### ବ୍ୟୁଟି ପାର୍ଲରରେ ଯୁବତୀଙ୍କୁ ଦୁଷ୍କର୍ମ ମାମଲା

# ପୀଡ଼ିତାଙ୍କ ଘରେ ପହଞ୍ଚିଲା ମହିଳା କମିସନ୍ ଟିମ୍

ଭୁବନେଶ୍ୱର(ନିପ୍ର): ରାଜଧାନୀ ଭୁବନେଶ୍ୱରର ଖଣ୍ଡଗିରି ଥାନା ଅଞ୍ଚଳରେ ଥିବା ଏକ ବ୍ୟୁଟି ପାର୍ଲରରେ ଜଣେ ଯୁବତୀଙ୍କୁ ଚାକିରିର ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରିଥିବା ଅଭିଯୋଗ ସାମ୍ନାକୁ ଆସିଛି। ଏହି ଲଜ୍ଜାଜନକ ଘଟଣା ପରେ ପୋଲିସ୍ ପାର୍ଲରର ମାଲିକ ଏବଂ ଏକ କର୍ମଚାରୀଙ୍କୁ ଗିରଫ କରିଛି। ଘଟଣାର ତଦନ୍ତ ଜାରି ରହିଥିବା ବେଳେ ଓଡ଼ିଶା ମହିଳା କମିସନ୍ ଟିମ୍ ପୀଡ଼ିତାଙ୍କ ଘରେ ପହଞ୍ଚି ତାଙ୍କ ସହ କଥା ହୋଇଛନ୍ତି। ସୂଚନା ଅନୁଯାୟୀ, ଅଭିଯୁକ୍ତ ପାର୍ଲର ମାଲିକ ଯୁବତୀଙ୍କୁ ଚାକିରି ଦେବାର ପ୍ରଲୋଭନ ଦେଖାଇ ପାର୍ଲରକୁ ଡାକି ନେଇଥିଲେ। ସେଠାରେ ତାଙ୍କ ଉପରେ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ପୀଡ଼ିତା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ୍ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇ ଦୁଇ ଜଣଙ୍କୁ ଗିରଫ କରିଛି। ଏହି ଘଟଣା ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ଘଟଣାର ଗୁରୁତ୍ୱ ଦେଖି ଓଡ଼ିଶା ରାଜ୍ୟ ମହିଳା କମିସନ୍ ଟିମ୍ ଆଜି ପୀଡ଼ିତାଙ୍କ ଘରେ ପହଞ୍ଚିଥିଲା। କମିସନ୍ ଟିମ୍ ସହ ଡିଏସପି ବିଜୟିନୀ ସିଂ ମଧ୍ୟ ଉପସ୍ଥିତ ଥିଲେ। ସେମାନେ ପୀଡ଼ିତାଙ୍କ ପରିବାର ସହ ବିସ୍ତୃତ ଭାବେ ଆଲୋଚନା କରି ଘଟଣାର ସମ୍ପୂର୍ଣ୍ଣ ବିବରଣୀ ସଂଗ୍ରହ କରିଛନ୍ତି। କମିସନ୍ ପକ୍ଷରୁ ପୀଡ଼ିତାଙ୍କୁ ସମସ୍ତ ପ୍ରକାରର ସହାୟତା ପ୍ରଦାନ କରାଯିବ ଏବଂ ନ୍ୟାୟ ପାଇଁ ସମସ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ମହିଳା ସଂଗଠନ ଏବଂ ସାମାଜିକ କର୍ମୀମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେମାନେ ମହିଳା ସୁରକ୍ଷା ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ଏପରି ଘଟଣା ପୁନରାବୃତ୍ତି ରୋକିବା ପାଇଁ ଦାବି କରିଛନ୍ତି। ତେବେ ଖଣ୍ଡଗିରି ଥାନା ପୋଲିସ୍ ଘଟଣାର ଗଭୀର ତଦନ୍ତ ଚଳାଇଛି। ଅଭିଯୁକ୍ତମାନଙ୍କୁ ଜେରା କରାଯାଉଛି ଏବଂ ଅନ୍ୟ କୌଣସି ସମ୍ପୃକ୍ତ ବ୍ୟକ୍ତି ଥିଲେ ତାଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ପୋଲିସ୍ ପକ୍ଷରୁ କୁହାଯାଇଛି। ପୀଡ଼ିତାଙ୍କ ମେଡିକାଲ୍ ପରୀକ୍ଷା ରିପୋର୍ଟ ଏବଂ ଅନ୍ୟାନ୍ୟ ପ୍ରମାଣ ଆଧାରରେ ମାମଲାକୁ ମଜବୁତ୍ କରାଯାଉଛି। ଏହି ଘଟଣା ରାଜ୍ୟରେ ମହିଳା ସୁରକ୍ଷା ଏବଂ କାର୍ଯ୍ୟସ୍ଥଳରେ ସୁରକ୍ଷା ପ୍ରତି ପୁନର୍ବିଚାର କରିବାକୁ ବାଧ୍ୟ କରିଛି।

# ଖୁଡୁଖୁଡି ଖେଳ ଉପରେ ଚଢାଉ: ୫ ଗିରଫ



ନବରଙ୍ଗପୁର(ନିପ୍ର): ମଙ୍ଗଳବାର ସନ୍ଧ୍ୟାରେ ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଅଧୀନ ଡ଼ଙ୍ଗରୀଗୁଡା ଗ୍ରାମ ନିକଟ କାଜୁ ବଗିଚା ମଧ୍ୟରେ ଚାଲିଥିବା ଖୁଡୁଖୁଡି ଖେଳ ଉପରେ ଡାବୁଗାଁ ପୋଲିସ ଚଢାଉ କରି ୫ ଜଣଙ୍କୁ ଗିରଫ କରିଛି । ସୂଚନାଯୋଗ୍ୟ ଯେ ଡାବୁଗାଁ ଥାନା ଅଧୀନ ଡାବୁଗାଁ ଗ୍ରାମ ନିକଟ କାଜୁ ବଗିଚା ମଧ୍ୟରେ ଖୁଡୁଖୁଡି ଖେଳ ଚାଲିଥିବା ପୋଲିସ ଖବର ପାଇ ଉକ୍ତ ସ୍ଥାନରେ ଚଢାଉ କରିଥିଲା । ପୋଲିସ ପହଞ୍ଚିବା ଦେଖି ସେଠାରେ ଖେଳୁଥିବା ଲୋକେ ଦୌଡି ପଳାଇଥିଲେ । ୫ ଜଣ ଲୋକ ପୋଲିସ ହାତରେ ଧରା ପଡିଥିଲେ । ଏଥିରେ ୬ଟି ଗୋଟି, ୧ଟି ପାଲି, ୧ଟି ଝୁଡି ଓ ୩ ହଜାର ୨ ଶହ ଟଙ୍କା ଜବତ କରାଯାଇଛି । ଏଥିରେ ସମ୍ପୃକ୍ତ ଡ଼ଙ୍ଗରୀଗୁଡା ଗ୍ରାମର ଲଛମନ ହରିଜନ, ସଦାଶିବ ଚାଲାଣ, ଭଗତ ଭତ୍ରା, ଉଗ୍ରସେନ ବିନ୍ଧାଣୀ ଓ ଧରମ ପାନକାଙ୍କୁ ଗିରଫ କରାଯାଇଛି । ଥାନା ଆଇଆଇସି ଲଚ୍ଛମୀ ପରଜାଙ୍କ ନେତୃତ୍ୱରେ ଏଏସଆଇ ବ୍ୟାସ କୁମାର ଜାନୀ ଓ ରାମଚନ୍ଦ୍ର ନାୟକ ସମେତ ପୋଲିସ କର୍ମଚାରୀ ମାନେ ଚଢାଉରେ ସାମିଲ ଥିଲେ ।

### ଚନ୍ଦ୍ରିକା ମୃତ୍ୟୁରେ ନୂଆ ଟ୍ୱିଷ୍ଟ୍

# ଗୋପନରେ ଜାମିନ ଆବେଦନ କଲେ ପୁରୁଷ ବନ୍ଧୁ

କଟକ(ନିପ୍ର): ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମ ମୃତ୍ୟୁ ସସ୍ପେନ୍ସ ଭିତରେ ଆସିଲା ଟ୍ୱିଷ୍ଟ୍ । ପତ୍ତା ମିଳୁନଥିବା ଚନ୍ଦ୍ରିକାଙ୍କ ପୁରୁଷ ବନ୍ଧୁ ଏବେ କୋର୍ଟଙ୍କ ଦ୍ୱାରସ୍ଥ । ସାମ୍ନାକୁ ନଆସି ଲୁଚି ଲୁଚି ଗୋପନରେ କଲେ ଜାମିନ ଆବେଦନ । ହାଇକୋର୍ଟରେ ଚନ୍ଦ୍ରିକାଙ୍କ ପୁରୁଷ ବନ୍ଧୁ ଆଗୁଆ ଜାମିନ ଆବେଦନ କରିଛନ୍ତି । ପୁରୁଷ ବନ୍ଧୁଙ୍କ ପାଇଁ ଚନ୍ଦ୍ରିକାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ଆଣିଛନ୍ତି ପରିବାର ଲୋକ । ତେବେ ଏଠାରେ ପ୍ରଶ୍ନ ଉଠୁଛି ଯଦି ପୁରୁଷ ବନ୍ଧୁ ଚନ୍ଦ୍ରିକାଙ୍କ ମୃତ୍ୟୁରେ ସଂପୃକ୍ତ ନାହାନ୍ତି କାହିଁକି ସାମ୍ନାକୁ ଆସୁନାହାନ୍ତି । ଲୁଚି ଲୁଚି କାହିଁକି ଆଗୁଆ ଜାମିନ ଆବେଦନ କରିଛନ୍ତି । ପୁରୁଷ ବନ୍ଧୁଙ୍କ ଆଗୁଆ ଜାମିନ ଆବେଦନ ଘଟଣାକୁ ଆହୁରି ରହସ୍ୟ ଭିତରକୁ ଠେଲି ଦେଉଛି । ଯେହେତୁ ପୁରୁଷ ବନ୍ଧୁଙ୍କୁ ପୋଲିସ ଧରିପାରୁନାହିଁ କିମ୍ବା ତାଙ୍କ ପରିବାରର କୌଣସି ସଦସ୍ୟଙ୍କ ବୟାନ ରେକର୍ଡ କରିଥିବା ନେଇ କିଛି ସ୍ପଷ୍ଟ ହେଉନାହିଁ ଏହି ମାମଲା ଅଧିକ ରହସ୍ୟାବୃତ୍ତ ହେବାରେ ଲାଗିଛି । ସେପଟେ ଚନ୍ଦ୍ରିକାଙ୍କ ଲାପଟପ, ଟାବଲେଟ ଏବଂ ଆଇପ୍ୟାଡ଼ ପୁରୁଷ ବନ୍ଧୁଙ୍କ ପାଖରେ ରହିଛି । ସେହି ଲାପଟପ ଭିତରେ ଉଭୟଙ୍କ ଫଟୋ, ଭିଡିଓ ଏବଂ ପ୍ରେମ କାହାଣୀର ତଥ୍ୟ ରହିଛି, ଯାହା ଏବେ ସୁଦ୍ଧା ସାମ୍ନାକୁ ଆସିନାହିଁ ବୋଲି ତାଙ୍କ ମାମୁଁ ଝିଅ କହିଥିଲେ । ସେପଟେ ସାମ୍ନାକୁ ଆସିଛି ପୋଲିସ ଏତଲା କପି । ପୋଲିସ ଚନ୍ଦ୍ରିକାଙ୍କ ପରିବାର ଲୋକଙ୍କ ଅଭିଯୋଗକୁ ଆଧାର କରି ମାମଲା ରୁଜୁ କରିଥିବା ବେଳେ ଏକରୁ ଅଧିକଙ୍କ ସମ୍ପୃକ୍ତି ରହିଥିବା ଦର୍ଶାଯାଇଛି । ୧୦୮ ବିଏନଏସ ଯାହାକି ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଏବଂ ୩(୫) ବିଏନଏସ ଏକରୁ ଅଧିକ ଲୋକଙ୍କ ସମ୍ପୃକ୍ତିକୁ ଦର୍ଶାଉଛି।

# ଚୋରା ମଦ ଜବତ: ୧୦ କୋର୍ଟ ଚାଲାଣ




କେନ୍ଦ୍ରାପଡ଼ା(ନିପ୍ର): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ, ଆଳି, କେନ୍ଦ୍ରାପଡ଼ା ସଦର, ଡେରାବିଶ, ମାହାଙ୍ଗା, ପଟ୍ଟାମୁଣ୍ଡାଇ ରୁରାଲ, ପଟ୍ଟାମୁଣ୍ଡାଇ ଟାଉନ ଓ ରାଜକନିକା ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ କାନରପୁର ଗ୍ରାମର ରତ୍ନାକର ଜେନା (୬୨)ଙ୍କ ଠାରୁ ୩୫ ଲିଟର ବିଦେଶୀ ମଦ, ସେବସାହି ବରଡ଼ା ଗ୍ରାମର ଶେଖର ସେଠି (୫୬)ଙ୍କ ଠାରୁ ୨୯ ଲିଟର ଦେଶୀ ମଦ, ଜୟନଗର ଗ୍ରାମର ନଳିନୀକାନ୍ତ ବିଶ୍ୱାଳ (୪୬)ଙ୍କ ଠାରୁ ୧୫ ଲିଟର ବିଦେଶୀ ମଦ, ପାଇକରାପୁର ଗ୍ରାମର ପ୍ରଶାନ୍ତ କୁମାର ମଳିକ (୩୧)ଙ୍କ ଠାରୁ ୧୯ ଲିଟର ବିଦେଶୀ ମଦ, ଡେରାବିଶ ଗ୍ରାମର ଜିତେନ୍ଦ୍ର କୁମାର ବେହେରା (୪୦)ଙ୍କ ଠାରୁ ୧୨ ଲିଟର ଦେଶୀ ମଦ ଏବଂ ଲକ୍ଷ୍ମୀନାରାୟଣପୁର ଗ୍ରାମର ବସନ୍ତ କୁମାର ସାହୁ (୬୧)ଙ୍କ ଠାରୁ ୨୨ ଲିଟର ବିଦେଶୀ ମଦ, ଛାଞ୍ଚିଣା ଗ୍ରାମର ଦୁଷ୍ମନ୍ତ କୁମାର ଜେନା (୪୪)ଙ୍କ ଠାରୁ ୨୦ ଲିଟର ବିଦେଶୀ ମଦ, ଲୋକନାଥପୁର ଗ୍ରାମର ବଳରାମ ମଳିକ (୩୨)ଙ୍କ ଠାରୁ ୧୭ ଲିଟର ଦେଶୀ ମଦ ଏବଂ ରାଜେନ୍ଦ୍ର ମଳିକ (୩୦)ଙ୍କ ଠାରୁ ୩୧ ଲିଟର ବିଦେଶୀ ମଦ ଓ ମାଟିଆ ଗ୍ରାମର ମମତା ମଳିକ (୪୪)ଙ୍କ ଠାରୁ ୧୮ ଲିଟର ବିଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇଛି । ଏମାନଙ୍କ ପାଖରୁ ସମୁଦାୟ ୨୧୮ ଲିଟର ବିଦେଶୀ ଓ ଦେଶୀ ମଦ ଜବତ କରାଯାଇ ୧୦ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଉପ ନିରିକ୍ଷକ ମିସ ଋତୁପ୍ରଭା ସ୍ୱାଇଁ, ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

# ସରପଞ୍ଚଙ୍କ ଗୁଣ୍ଡାରାଜ: ସରକାରୀ କର୍ମଚାରୀଙ୍କୁ ମାଡ଼

- ଜୀବନରୁ ମାରିଦେବା ଧମକରେ ସରପଞ୍ଚଙ୍କ ନାମରେ ମାମଲା
- ପୂର୍ବରୁ ମଧ୍ୟ ରହିଛି ଦୁଇଟି ବିଚାରାଧୀନ ମାମଲା

ଧାମନଗର(ନିପ୍ର): ଧାମନଗର ବ୍ଲକରେ ଜନପ୍ରତିନିଧିଙ୍କ ଦାଦାଗିରି ଚରମ ସୀମାରେ ପହଞ୍ଚିଛି। ରାଧାବଲ୍ଲଭପୁର ପଞ୍ଚାୟତର ସରପଞ୍ଚ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିବା ସହ ଜଣେ ଜଳସମ୍ପଦ ବିଭାଗର କର୍ମଚାରୀଙ୍କୁ ଅମାନୁଷିକ ଭାବେ ମାଡ଼ପିଟ କରିବା ଏବଂ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଭଳି ଏକ ସଙ୍ଗୀନ ମାମଲା ସାମ୍ନାକୁ ଆସିଛି। ସୂଚନା ଥାଉକି ଗତ ୮ଜୁନ୍ (୨୦୨୬) ସକାଳ ପ୍ରାୟ ୯:୧୦ ସମୟରେ ଭଣ୍ଡାରିପୋଖରୀ ଜଳସେଚନ ବିଭାଗର ଅଫିସ କର୍ମଚାରୀ ରବୀନ୍ଦ୍ର କୁମାର ଲେଙ୍କା ପାଣ୍ଡୁ ବଜାର ୪ ନମ୍ବର କେନାଲ ନିକଟସ୍ଥ ମାର୍କଣ୍ଡିଆ ଠାରେ ସରକାରୀ ଦାୟିତ୍ୱ ସମ୍ପାଦନ କରୁଥିଲେ। ଏହି ସମୟରେ ସରପଞ୍ଚ ସେଠାରେ ପହଞ୍ଚି ବେଆଇନ ଭାବେ କାର୍ଯ୍ୟ ବନ୍ଦ କରିବାକୁ ଧମକ ଦେଇଥିଲେ। ରବୀନ୍ଦ୍ର ଏହାକୁ ବିରୋଧ କରିବାରୁ ସରପଞ୍ଚ ଉତ୍ତ୍ୟକ୍ତ ହୋଇ ତାଙ୍କୁ ସର୍ବସମ୍ମୁଖରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଶାରୀରିକ ଭାବେ ଆକ୍ରମଣ ଓ ମାଡ଼ପିଟ କରିଥିଲେ। ଏପରିକି ସେଠାରୁ ନ ଗଲେ ଜୀବନରୁ ମାରିଦେବାକୁ ମଧ୍ୟ ଧମକ ଦେଇଥିଲେ। ଏହି ଘଟଣାକୁ ନେଇ ଭଣ୍ଡାରିପୋଖରୀ ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ କିରଣବାଳା ପରିଡ଼ା ଧାମନଗର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତ ସରପଞ୍ଚଙ୍କ ବିରୋଧରେ କେସ ନମ୍ବର ୨୫୪ (ତା ୦୮/୦୬/୨୦୨୬) ରୁଜୁକରି ତଦନ୍ତ ଚଳାଇଛି। ଅପରପକ୍ଷେ ସରପଞ୍ଚଙ୍କ ଅଭିଯୋଗ କ୍ରମେ ସେହିଦିନ କେସ ନମ୍ବର୍ ୨୫୫/୨୬ ରେ ମଧ୍ୟ ଅଭିଯୋଗ କରିଛନ୍ତି। ପୋଲିସ ଉଭୟ ପକ୍ଷ ଅଭିଯୋଗ ରଖି ତଦନ୍ତ କରୁଛି। ଅପରପକ୍ଷେ କନିଷ୍ଠ ଯନ୍ତ୍ରୀ ମିଥ୍ୟା ଅଭିଯୋଗ କରିଛନ୍ତି ବୋଲି ସରପଞ୍ଚ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ସୂଚନାଯୋଗ୍ୟ ଯେ, ସରପଞ୍ଚଙ୍କ ଏଭଳି ଆଇନ ହାତକୁ ନେବା ପ୍ରଥମ ଘଟଣା ନୁହେଁ। ଏହା ପୂର୍ବରୁ ମଧ୍ୟ ତାଙ୍କ ନାମରେ ଧାମନଗର ଥାନାରେ ଏକାଧିକ ସଙ୍ଗୀନ ମାମଲା ରହିଛି, ଯାହା ବର୍ତ୍ତମାନ ସ୍ଥାନୀୟ କୋର୍ଟରେ ବିଚାରାଧୀନ ଅଛି। ସେଗୁଡ଼ିକ ମଧ୍ୟରେ ୨୦୨୪ ମସିହାର ବେଆଇନ ଅଟକ ଓ ଅପରାଧିକ ଧମକ ମାମଲା (କେସ୍ ନମ୍ବର-୪୦୪/୨୦୨୪) ଚୂଡ଼ାନ୍ତ ଫର୍ମ ପର୍ଯ୍ୟାୟରେ ଥିବା ବେଳେ, ୨୦୨୫ ମସିହାର ଅଶ୍ଳୀଳ ଗାଳିଗୁଲଜ ଓ ଜୀବନରୁ ମାରିବା ଧମକ ଭଳି ଆଉ ଏକ ଗୁରୁତର ମାମଲା (କେସ୍ ନମ୍ବର୧୨୭/୨୦୨୫) ବର୍ତ୍ତମାନ କୋର୍ଟ ହାଜିରା ପର୍ଯ୍ୟାୟରେ ରହିଛି। ଏହି ଦୁଇଟିଯାକ ମାମଲାର ଶୁଣାଣି ଆସନ୍ତା ଜୁଲାଇ ଓ ଅଗଷ୍ଟ ମାସରେ ହେବାକୁ ଦିନ ଧାର୍ଯ୍ୟ ହୋଇଛି। ଜଣେ ଦାୟିତ୍ୱବାନ ଜନପ୍ରତିନିଧି ହୋଇ ବାରମ୍ବାର ଆଇନକୁ ଫୁ କରିବା ଏବଂ କର୍ତ୍ତବ୍ୟରତ ସରକାରୀ କର୍ମଚାରୀଙ୍କ ଉପରକୁ ହାତ ଉଠାଇବା ଘଟଣାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣ ଜନତା ତୀବ୍ର ନିନ୍ଦା କରିଛନ୍ତି। ଏହି ନୂତନ ମାମଲା ପରେ ପୋଲିସ ସରପଞ୍ଚଙ୍କ ବିରୋଧରେ କିଭଳି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି। ତେବେ ଘଟଣାର ତଦନ୍ତ ପରେ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ଶୁଭ୍ରଜିତ ଦାଶ କହିଛନ୍ତି। ପ୍ରକାଶ ଥାଉକି ଉକ୍ତ ଯନ୍ତ୍ରୀ ଜଣଙ୍କ ଅଧିକାଂଶ ସମୟରେ କାର୍ଯ୍ୟ ଉପରକୁ ନ ଆସି ବିଭିନ୍ନ ଦଲାଲଙ୍କ ଦ୍ୱାରା କାର୍ଯ୍ୟ କରୁଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

## ଆମ ବସ୍ ଦୁର୍ଘଟଣା, ବାଇକ୍ ଆରୋହୀ ଗୁରୁତର



ଭୁବନେଶ୍ୱର(ନିପ୍ର): ପୁଣି ରାଜଧାନୀରେ ଦୁର୍ଘଟଣା ଘଟାଇଲା ଆମ ବସ୍ । ଭୁବନେଶ୍ୱର ଶ୍ରୀୟା ଛକରେ ଆମ ବସ୍ ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ବାଇକ୍ ଆରୋହୀ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହାପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ଖବର ପାଇ ଖାରବେଳନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଆମ ବସ୍କୁ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

